୬ ଭାରତର ଆକ୍ରମଣ ପରେ ପାକିସ୍ତାନ ସୁପର ଲିଗ୍ ମ୍ୟାଚ୍ ବାତିଲ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ-୩୨ ● ସଂଖ୍ୟା-୧୦୦ ● ୯ ମଇ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-100 ● 9th May 2025, Friday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ସ୍ଥଳ ସେନା ମୁଖ୍ୟ ଓ ଜାତୀୟ ସୁରକ୍ଷା ପରାମର୍ଶଦାତା




**ନୂଆଦିଲ୍ଲୀ, ୮/୫**

ଭାରତର ନିୟନ୍ତ୍ରଣ ରେଖା ଆରପଟୁ ପାକିସ୍ତାନର ଆକ୍ରମଣର ଭାରତୀୟ ସଶସ୍ତ୍ର ବାହିନୀ ଦୃଢ଼ ଜବାବ ଦେଇଛି । ଗୁରୁବାର ସଶସ୍ତ୍ର ବାହିନୀର ପଦକ୍ଷେପ ସମ୍ପର୍କରେ ଅବଗତ କରାଇବା ଉଦ୍ଦେଶ୍ୟରେ ସ୍ଥଳ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ କରିଛନ୍ତି । ବୁଧବାର ଅପରେସନ ସିନ୍ଦୂର ଅଧିନରେ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀରରେ ୯ଟି ଆତଙ୍କବାଦୀ ଆଡ୍ଡା ଉପରେ ଆକ୍ରମଣ ସଫଳ ହୋଇଥିବା ସେ ସୂଚନା ଦେଇଛନ୍ତି । ତାଜମହଲ ସୁରକ୍ଷାକୁ ନେଇ ପୁଣି ଥରେ ହାଇ ଆଲର୍ଟ ଜାରି କରାଯାଇଛି । ନିକଟରେ ପାକିସ୍ତାନରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଓ ଅପରେସନ ସିନ୍ଦୂର ପରେ କେନ୍ଦ୍ରରୁ ସୁରକ୍ଷାକୁ ନେଇ ଖାସ୍ ନିର୍ଦ୍ଦେଶ ଆସିଛି । ଏହା ପରେ ତାଜମହଲର ୟେଲୋ ଜୋନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

ତାଜମହଲ ପରିସର ଓ ଆଖପାଖ ସୁରକ୍ଷା ଘେରାକୁ ମଜଭୁତ କରାଯାଇଛି । ତାଜମହଲ ୟେଲୋ ଜୋନରେ ହାଇ ଆଲର୍ଟ କରିଦିଆଯାଇଛି । ୯ଟି ଚେକିଂ ବ୍ୟାରିୟର, ୬ ୱାଚ୍ ଟାୱର ଓ ୮ ବୁଲେଟ ପ୍ରୁଫ୍ ମୋର୍ଚ୍ଚା ୨୪ ଘଣ୍ଟା ଆକ୍ଟିଭ୍ ରହିଛି । ପରିସରର ଭିତରେ ଓ ବାହାରେ ସିସିଟିଭି କ୍ୟାମେରା ଉପରେ କଡ଼ା ନଜର ରହିଛି । ତାଜମହଲ ଚାରିପଟେ ଚେକିଂ ପ୍ଲାଇଣ୍ଟ ଉପରେ ଅତିରିକ୍ତ ଫୋର୍ସ ନିୟୁକ୍ତ ହୋଇଛନ୍ତି । ଆଖପାଖ ହୋଟେଲକୁ ସବୁବେଳେ ଯାଞ୍ଚ କରାଯାଉଛି । ପର୍ଯ୍ୟଟକଙ୍କୁ ସହଯୋଗ ପାଇଁ ଅପିଲ କରାଯିବା ସହ କୌଣସି ବି ସନ୍ଦିଗ୍ଧ ଗତିବିଧି ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଦେଶୀ ପର୍ଯ୍ୟଟକଙ୍କ ସୂଚନା ତୁରନ୍ତ ସ୍ଥାନୀୟ ଗୁଇନ୍ଦା ସମୂହକୁ ଦିଆଯାଉଛି । କୌଣସି ଜଣେ ବି ପର୍ଯ୍ୟଟକ ଯେମିତି ପଞ୍ଜିକରଣରୁ ବାଦ୍ ନପଡେ ତାହା ସୁନିଶ୍ଚିତ କରିବାକୁ କଡ଼ା ନିର୍ଦ୍ଦେଶ ରହିଛି ।

ବୁଧବାର ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିବାବେଳେ ଗୁରୁବାର ମଧ୍ୟ ପୁନର୍ବାର ସେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରି ପରିସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ସୂଚନାଯୋଗ୍ୟ ଏପ୍ରିଲ ୨୨ରେ ହୋଇଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପ୍ରତିଶୋଧମୂଳକ ପଦକ୍ଷେପ ଭାବେ ପାକିସ୍ତାନର ୯ଟି ଆତଙ୍କବାଦୀ ଆଡ୍ଡା ଉପରେ ଆକ୍ରମଣ କରିବା ଯୋଗୁଁ ଶତାଧିକ (ପୃଷ୍ଠା ୭ରେ)

## ବିଶ୍ୱ ଆତଙ୍କବାଦର କେନ୍ଦ୍ର ହେଉଛି ପାକିସ୍ତାନ : ବୈଦେଶିକ ସଚିବ



**ନୂଆଦିଲ୍ଲୀ, ୮/୫**

ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି ଯେ ବିଶ୍ୱ ଆତଙ୍କବାଦର କେନ୍ଦ୍ର ଭାବେ ପାକିସ୍ତାନର ଖ୍ୟାତି ସମଗ୍ର ବିଶ୍ୱରେ ବିଭିନ୍ନ ଆତଙ୍କବାଦୀ ଆକ୍ରମଣରେ ରହିଛି । ଗୁରୁବାର ସଂଧ୍ୟାରେ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ମିଶ୍ରି କହିଛନ୍ତି ଯେ, ପାକିସ୍ତାନର ଆଉ କୌଣସି ପଦକ୍ଷେପ, ଯାହାକୁ ଆମେ ଆଜି ଦେଖୁଛୁ, ତାହା ପୁଣି ଥରେ ଉତ୍ତେଜନା ବ୍ୟତୀତ ଆଉ କିଛି ନୁହେଁ ଏବଂ ଏହାର ଉଚିତ ଜବାବ ଦିଆଯିବ । ସେ କହିଛନ୍ତି, ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବ ଭାରତ ଦେଇଛି । ଜାତିସଂଘ ନିରାପତ୍ତା ପରିଷଦରେ ପହଲଗାମକୁ ନେଇ ଆଲୋଚନା ଚାଲିଥିବା ବେଳେ ପାକିସ୍ତାନ ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆରଏଫ)ର ଭୂମିକାକୁ ବିରୋଧ କରିଥିଲା କିନ୍ତୁ ଟିଆରଏଫ ଥରେ ନୁହେଁ ବରଂ ଦୁଇଥର ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିବା ପରେ ଏହା କରାଯାଇଥିଲା ବୋଲି ଶ୍ରୀ ମିଶ୍ରି କହିଛନ୍ତି । ଦେଶରେ ଓସାମା ବିନ୍ ଲାଡେନ୍ ଠାବ ହୋଇଥିବା ଦର୍ଶାଇ ସେ କହିଛନ୍ତି, ବିଶ୍ୱ ଆତଙ୍କବାଦର କେନ୍ଦ୍ରସ୍ଥଳ ଭାବେ ପାକିସ୍ତାନର ଖ୍ୟାତି ରହିଛି । ସେ କହିଛନ୍ତି ଯେ ପାକିସ୍ତାନରେ ଲସ୍କର-ଇ-ତୋଏବା, ଜୈଶ-ଏ-ମହମ୍ମଦ ଭଳି ବହୁ ସଂଖ୍ୟକ ଆତଙ୍କବାଦୀ ଗୋଷ୍ଠୀ ଜାତିସଂଘ ତାଲିକାଭୁକ୍ତ ଆତଙ୍କବାଦୀ ସଙ୍ଗଠନ ରହୁଛନ୍ତି । ଶ୍ରୀ ମିଶ୍ରି କହିଛନ୍ତି ଯେ ଗତ କିଛି ଦିନ ମଧ୍ୟରେ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଏବଂ ପଡ଼ୋଶୀ ଦେଶର ପୂର୍ବତନ ବୈଦେଶିକ ମନ୍ତ୍ରୀ ଏଭଳି ଆତଙ୍କବାଦୀ ସଂଗଠନ ସହ ସେମାନଙ୍କ ସମ୍ପୃକ୍ତିକୁ ସ୍ୱୀକାର କରିଛନ୍ତି । ସେ ଅପରେସନ ସିନ୍ଦୂରରେ ନିହତ ହୋଇଥିବା ଆତଙ୍କବାଦୀଙ୍କୁ ଦିଆଯାଇଥିବା ରାଷ୍ଟ୍ରୀୟ ସମ୍ମାନର ଫଟୋ ମଧ୍ୟ ଦେଖାଇଥିଲେ । ବୈଦେଶିକ ସଚିବ କହିଛନ୍ତି ଯେ ବୁଧବାର ପାକିସ୍ତାନ ଜମ୍ମୁ-କଶ୍ମୀରର ଶିଖ୍ ସମ୍ପ୍ରଦାୟ ଉପରେ ଟାର୍ଗେଟ କରି ଆକ୍ରମଣ କରିଥିଲା, ପୁଞ୍ଚର ଏକ ଗୁରୁଦ୍ୱାର ଉପରେ ଆକ୍ରମଣ କରିଥିଲା ଏବଂ ଆକ୍ରମଣର ଶିକାର ହୋଇଥିବା ଶିଖ୍ ସମ୍ପ୍ରଦାୟର ସଦସ୍ୟଙ୍କ ଉପରେ ଆକ୍ରମଣ କରିଥିଲା । ସିନ୍ଧୁ ଜଳ ଚୁକ୍ତି ସମ୍ପର୍କରେ ଶ୍ରୀ ମିଶ୍ରି କହିଛନ୍ତି ଯେ ପାକିସ୍ତାନ ଜାଣିଶୁଣି ବର୍ଷ ବର୍ଷ ଧରି ପ୍ରତିବନ୍ଧକ ସୃଷ୍ଟି କରୁଛି । ଭାରତର ଅପରେସନ ସିନ୍ଦୂର ଜବାବରେ ପାକିସ୍ତାନ ପକ୍ଷରୁ ମେ ୭-୮ ରାତିରେ ଭାରତର ୧୫ଟି ସ୍ଥାନ ଉପରେ ଆକ୍ରମଣ କରିଥିଲା । କିନ୍ତୁ ଭାରତର ବାୟୁ ପ୍ରତିରକ୍ଷା ସିଷ୍ଟମ ଏହି ଆକ୍ରମଣକୁ ସଫଳତାର ସହ ପ୍ରତିରୋଧ କରିଥିଲା ବୋଲି ଭାରତ ସରକାର କହିଛନ୍ତି ।

ଗୁରୁବାର ଅପରାହ୍ନରେ (ପୃଷ୍ଠା ୭ରେ)

## ଜୀବନ୍ତ ଧରାପଡିଲା ପାକିସ୍ତାନ ପାଇଲଟ

**ନୂଆଦିଲ୍ଲୀ, ୮/୫**

ପାକିସ୍ତାନର ଏଫ୍-୧୬ ବିମାନକୁ ଟାର୍ଗେଟ କରି ଖସାଇ ଦିଆଯାଇଛି । ରାଜସ୍ଥାନର ଜୟଶଲମେର୍ ସୀମାନ୍ତବର୍ତ୍ତୀ ସ୍ଥାନରେ ଭାରତୀୟ ସେନାପକ୍ଷରୁ କରାଯାଇଥିବା ଜୋରଦାର ଆଟାକ୍‌ରେ ପାକିସ୍ତାନର ଏହି ବିମାନଟି ଖସି ପଡ଼ିଥିଲା । ଯେଉଁଥିରେ ଥିବା ପାଇଲଟଙ୍କୁ ଜୀବନ୍ତ ଅବସ୍ଥାରେ ଧରାଯାଇଛି । ଭାରତୀୟ ସେନାର ଅପରେସନରେ ଏହା ଏକ ବଡ ସଫଳତା ବୋଲି କୁହାଯାଇଛି ।

## କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହାଙ୍କ ଓଡିଶା ଗସ୍ତ ସ୍ଥଗିତ

**ଭୁବନେଶ୍ୱର, ୮/୫**
**ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଓଡିଶା ଗସ୍ତ କାର୍ଯ୍ୟକ୍ରମ ସ୍ଥଗିତ ରଖାଯାଇଛି । ଏ ନେଇ ସୂଚନା ଦେଇଛନ୍ତି ସମ୍ବଲପୁର ଜିଲ୍ଲାପାଳ । ଆସନ୍ତା ୧୦ରୁ ଶ୍ରୀ ଶାହା ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବାର ଥିଲା । ହେଲେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ପଡୋଶୀ ଦେଶ ପାକିସ୍ତାନ ସହ ଉତ୍ତେଜନା ପରିସ୍ଥିତି ଲାଗି ରହିଥିବାରୁ ତାଙ୍କର ଏହି ଗସ୍ତକୁ ସ୍ଥଗିତ ରଖାଯାଇଛି ।

## ଗରମ ଓ ଗୁଳୁଗୁଳି ନେଇ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

**ଭୁବନେଶ୍ୱର, ୮/୦୫**
**ନ୍ୟୁଜ ବ୍ୟୁରୋ**

ଆଗାମୀ ୨ ଦିନ ଗରମ ଓ ଗୁଳୁଗୁଳି ନେଇ କେତେକ ଜିଲ୍ଲାକୁ ଚେତାବନୀ ଜାରି ହୋଇଥିବା ବେଳେ ପରବର୍ତ୍ତୀ ୪ ଦିନ ହିଟ୍ ୱେଭ ଏବଂ ଗରମ ଓ ଗୁଳୁଗୁଳି ନେଇ କେତେକ ଜିଲ୍ଲାକୁ ଚେତାବନୀ (ପୃଷ୍ଠା ୭ରେ)

## ମା' ତାରାତାରିଣୀ ପୀଠର ବିକାଶ ପାଇଁ ୬୮ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୮/୦୫**
**ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ଗାଙ୍ଗଦହଣୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ସହିତ ପ୍ରସିଦ୍ଧ ତାରାତାରିଣୀ ପୀଠରେ ମା' ତାରାତାରିଣୀଙ୍କୁ ଦର୍ଶନ କରିବା ସହିତ ଏହି ଅଞ୍ଚଳର ଭିତ୍ତିଭୂମି ବିକାଶ ନିମନ୍ତେ ଜିଲ୍ଲା ପ୍ରଶାସନ ସହିତ ସମୀକ୍ଷା କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଗାଙ୍ଗଦହଣୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ମହୋତ୍ସବରେ ଯୋଗଦେବା ପୂର୍ବରୁ ତାରାତାରିଣୀ ପୀଠ ବୁଲି ଦେଖିଥିଲେ ଏବଂ ଏହି ଅଞ୍ଚଳର ଉନ୍ନତିକରଣ ପାଇଁ କାର୍ଯ୍ୟକାରୀ ହେବାକୁ ଥିବା ଭିତ୍ତିଭୂମିର ବିକାଶ ପାଇଁ ସ୍ଥାନୀୟ ଲୋକପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ ।

ଏହି ଅବସରରେ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶିକ୍ଷା କେବଳ ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ୍ ଦେବାର ପ୍ରକ୍ରିୟା ନୁହେଁ, ଏହା ସେମାନଙ୍କୁ ଜୀବନ ଦୌଡ଼ ପାଇଁ ପ୍ରସ୍ତୁତ କରିବାର ଏକ ପ୍ରକ୍ରିୟା । ୧୦୦ ବର୍ଷ ଧରି ଆମର ସ୍କୁଲ କେବଳ ଶ୍ରେଣୀଗୃହର ସମାହାର ନୁହେଁ । ଏହା ଜ୍ଞାନ ଓ ଚରିତ୍ରର ଏକ ପବିତ୍ର ସ୍ଥାନ । ଆମର ଭବିଷ୍ୟତ ଗଠନର ମୂଳଦୁଆରେ ଥିବା ପ୍ରତ୍ୟେକ ଇଟା ଦୃଢ଼ତାର କାହାଣୀ ଧାରଣ କରିଛନ୍ତି । ଆଜିର ଦିନରେ ତୁମମାନଙ୍କ ପାଇଁ ମୋର ଛୋଟ ଉପଦେଶ ରହିବ, ଶିକ୍ଷା କେବଳ ରୋଜଗାରର ମାଧ୍ୟମ ନହେଉ । ଏହା ମାନବିକତା ବା ମଣିଷ ତିଆରି ମନ୍ଦିର ହେଉ । ଶିକ୍ଷାକୁ ସଠିକ ମାର୍ଗରେ ଉପଯୋଗ କରାଯାଉ । ଆଜି ଆମ ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନରେ ଅନେକ ପିଲା ପାଠ ପଢ଼ିବା ପରେ ନିଜ ଜ୍ଞାନ ଗରିମାକୁ ଆତଙ୍କବାଦୀ କାର୍ଯ୍ୟକଳାପରେ ଲଗେଇ ନିଜ ଭବିଷ୍ୟତକୁ ଧ୍ୱଂସ କରୁଛନ୍ତି । ହେଲେ ଆମେ ଯୁଦ୍ଧ ନୁହେଁ, ବୁଦ୍ଧ ଚାହୁଁ । ଆମେ ଜିହାଦ ନୁହେଁ, ଜଗନ୍ନାଥ ଚାହୁଁ । ଏଣୁ ଆମେ ପାଠ ପଢ଼ି ନିଜର, ନିଜ ପରିବାରର, ନିଜ ଗାଁର (ପୃଷ୍ଠା ୭ରେ)

## ରାଜନାଥଙ୍କ ରଣହୁଙ୍କାର: ଆମ ଧୈର୍ଯ୍ୟର ପରୀକ୍ଷା ନେଲେ ଭୟଙ୍କର ପରିଣାମ ଭୋଗିବାକୁ ପଡିବ



**ନୂଆଦିଲ୍ଲୀ, ୮/୫**

ପାକିସ୍ତାନକୁ ଚେତାବନୀ ଦେଲେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ । କହିଲେ ଆମ ଧୈର୍ଯ୍ୟର ପରୀକ୍ଷା ନେଲେ ଭୟଙ୍କର ପରିଣାମ ଭୋଗିବାକୁ ପଡିବ । ଅପରେସନ ସିନ୍ଦୂର ନେଇ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂ ଏଭଳି କହିଛନ୍ତି । ଭାରତୀୟ ସେନାର ବିଜୟ ହୋଇଛି । ବୁଧବାର ସାରା ବିଶ୍ୱ ଭାରତୀୟ ସେନାର ଶକ୍ତି ଦେଖିଲା । 'ଅପରେସନ ସିନ୍ଦୂର'ର ପରିଚାଳନା ଅବର୍ଣ୍ଣନୀୟ, ଏହାର ପରିଚାଳନା ପରିକଳ୍ପନା ବାହାରେ । ତେବେ ଆମେ ଅପରେସନ ସିନ୍ଦୂରରେ ୯ ଆତଙ୍କବାଦୀ ଠିକଣା ଧ୍ୱଂସ କରିଛୁ । ଯେଉଁଥିରେ ଅନେକ ସଂଖ୍ୟାରେ ଆତଙ୍କବାଦୀଙ୍କ ନିପାତ ହୋଇଛି । ଅପରେସନରେ ନିରୀହ ଲୋକଙ୍କୁ ଟାର୍ଗେଟ୍ କରାଯାଇନି । ଆତଙ୍କବାଦୀ ଆଡ୍ଡା ନଷ୍ଟ ପାଇଁ ସବୁ ଟାର୍ଗେଟ୍ ସଫଳ ହୋଇଛି । ଉନ୍ନତମାନର ଯୁଦ୍ଧାସ୍ତ୍ର ଓ ସେନାର ସାହସ ପାଇଁ ଅପରେସନ ସଫଳ ହୋଇଥିବା ରାଜନାଥ କହିଛନ୍ତି । ଅପରେସନ ସିନ୍ଦୂର ସରିନି, ଏବେବି ଜାରି ରହିଛି ବୋଲି କହିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ । ସେପଟେ ଗୁରୁବାର ବି ପାକିସ୍ତାନ ଉପରେ ଭାରତର ଆକ୍ରମଣ ଜାରି ରହିଛି । ପାକିସ୍ତାନର ବିଭିନ୍ନ ସ୍ଥାନରେ ଭାରତ ପକ୍ଷରୁ ଡ୍ରୋନ୍ ମାଡ ହୋଇଛି । ଯେଉଁଥିରେ ଭୟଭୀତ ହୋଇଛି ପାକିସ୍ତାନ । ରାୱଲପିଣ୍ଡି କ୍ରିକେଟ୍ ଷ୍ଟାଡିୟମରେ ଡ୍ରୋନ୍ ଆକ୍ରମଣ ଭାରତ ପକ୍ଷରୁ କରାଯାଇଛି । ପାକିସ୍ତାନ ସୁପର ଲିଗ୍ ପୂର୍ବରୁ ଡ୍ରୋନ୍ ଆକ୍ରମଣ ହୋଇଛି । ଗୁରୁବାର ରାତି ୮ଟାରେ ଆରମ୍ଭ ହୋଇଥାନ୍ତା ପିଏସଏଲ । ତା'ପୂର୍ବରୁ ଆକ୍ରମଣ କରିଛି ଭାରତ । ଯେଉଁଥିରେ ରାୱଲପିଣ୍ଡି କ୍ରିକେଟ୍ ଷ୍ଟାଡିୟମ କ୍ଷତିଗ୍ରସ୍ତ ହୋଇଛି ।

## ବିରୋଧୀ ଦଳକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ : ଏକଜୁଟ୍ ହେବାର ଆବଶ୍ୟକତା ରହିଛି



**ନୂଆଦିଲ୍ଲୀ, ୮/୫**

ଏବେ ଏକଜୁଟ୍ ହେବାର ଆବଶ୍ୟକତା ରହିଛି । ପହଲଗାମ୍ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ମଙ୍ଗଳବାର ମଧ୍ୟରାତ୍ରିରେ ପାକିସ୍ତାନର ୯ଟି ଆତଙ୍କବାଦୀ ଆଡ୍ଡା ଉପରେ ଏୟାରଷ୍ଟ୍ରାଇକ୍ କରିବା ପରେ ଏଭଳି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଗୁରୁବାର ଦିନ 'ଅପରେସନ୍ ସିନ୍ଦୂର' ବିଷୟରେ ସମସ୍ତ ଦଳକୁ ସୂଚନା ଦେବା ସମୟରେ ପ୍ରଧାନମନ୍ତ୍ରୀ ବିରୋଧୀ ଦଳଗୁଡ଼ିକୁ ଏକତ୍ରିତ ହେବାକୁ ଅନୁରୋଧ କରିଛନ୍ତି । ଏହା ସହ ଭାରତ, ପାକିସ୍ତାନରେ ଥିବା ଆତଙ୍କବାଦୀ ଶିବିର ଉପରେ ଆକ୍ରମଣ କରିବା ସମୟରେ ସଶସ୍ତ୍ର ବାହିନୀର ବୀରତ୍ୱ ବିଷୟରେ ବିରୋଧୀ ଦଳଗୁଡ଼ିକୁ କୁହାଯାଇଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଗୃହମନ୍ତ୍ରୀ ଅମିତ ଶାହ, ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର, କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା ଏବଂ ନିର୍ମଳା ସୀତାରମଣ ଯୋଗ ଦେଇଥିଲେ । ରାହୁଲ ଗାନ୍ଧୀ ଏବଂ ମଲ୍ଲିକାର୍ଜୁନ ଖଡଗେ କଂଗ୍ରେସ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ବେଳେ, ତୃଣମୂଳ କଂଗ୍ରେସ ପକ୍ଷରୁ ସନ୍ଦୀପ ବନ୍ଦୋପାଧ୍ୟାୟ ଏବଂ ଡିଏମକେର ଟିଆର ବାଲୁ ବୈଠକରେ ଯୋଗ ଦେଇଥିଲେ । ଅନ୍ୟ ବିରୋଧୀଦଳ ନେତାଙ୍କ ମଧ୍ୟରେ ସମାଜବାଦୀ ପାର୍ଟିର ରାମ ଗୋପାଳ ଯାଦବ, ଆପର ସଞ୍ଜୟ ସିଂ, ଶିବସେନା (ୟୁବିଟି)ର ସଞ୍ଜୟ ରାଉତ, ଏନସିପି (ଏସପି)ର ସୁପ୍ରିୟା ସୁଲେ, ଏଆଇଏମ୍ଆଇଏମ୍ ସାଂସଦ ଅସଦୁଦ୍ଦିନ୍ ଓୱେସି ଏବଂ ବିଜେଡିର ସସ୍ମିତ ପାତ୍ର ଉପସ୍ଥିତ ଥିଲେ ।

## ସଙ୍କଟ ସମୟରେ ପ୍ରସ୍ତୁତ ରହିବାକୁ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କୁ ଆହ୍ୱାନ

**ଭୁବନେଶ୍ୱର, ୦୮/୫**
**ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ବେସାମରିକ ପ୍ରତିରକ୍ଷା ଅଭ୍ୟାସ ପାଇଁ ପ୍ରସ୍ତୁତି ସଂପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ଅପରାହ୍ନରେ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଭିନ୍ନ ଜିଲ୍ଲାରେ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କ ସ୍ଥିତି, ସେମାନଙ୍କର ସଂଖ୍ୟା ବୃଦ୍ଧି ଓ ସାଂଗଠନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ସେମାନଙ୍କ ଦ୍ୱାରା ସେବା ପ୍ରଦାନ ସଂପର୍କିତ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଥିଲା । ବିଭିନ୍ନ ଜନ ଗହଳିପୂର୍ଣ୍ଣ ଶିଳ୍ପାଞ୍ଚଳ ଓ ସହରରେ ଅଧିକ ସଂଖ୍ୟାରେ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀ ମୁତୟନ କରାଯିବା ସଂପର୍କରେ ଆଲୋଚନା କରାଯାଇଥିଲା ।



ଏହି ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, (ଗୃହ ବିଭାଗ) ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ଅଗ୍ନିଶମ ବିଭାଗ ଡିଜି ଡଃ. ସୁଧାଂଶୁ ଷଡଙ୍ଗୀ, ଓସଡମା'ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡଃ. କମଳଲୋଚନ ମିଶ୍ରଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ । ପୁରୀ, ଜଗତସିଂହପୁର, ଖୋର୍ଦ୍ଧା, ଅନୁଗୁଳ, ସମ୍ବଲପୁର, ସୁନ୍ଦରଗଡ଼ ଆଦି ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହିତ ସିଭିଲ ଡିଫେନ୍ସ (ପୃଷ୍ଠା ୭ରେ)

## ଏକାଳ ପଖାଳ



ଧୂଳି ଧୂଆଁ ନିଆଁ ରକ୍ତରେ ଭିଜିବୁ
ବିଧର୍ମୀ ଆତଙ୍କୀ ଦେଶ
'ମୋଦିକୁ କହିବୁ' କହିଥିଲୁ ନା ?
ତା'ର ଉତ୍ତରରେ ହେବୁ ଶେଷ
ଦେଖାଉଛୁ ଦାନ୍ତ ବିଷ
ଧରମ ଦେଖେଇ ମାରିବ ସେନା
ଭିକ ମିଳିବ ନା ଯିବ ଶୋଷ ।।

## ସେବାଶ୍ରମରୁ ଶିଶୁ ନିଖୋଜ ଘଟଣାରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ୨୭ ଶିଶୁଙ୍କ ଠିକଣା ଖୋଜିବାକୁ କୋର୍ଟଙ୍କ ନିର୍ଦ୍ଦେଶ



**କଟକ, ୮/୫**
**ନ୍ୟୁଜ ବ୍ୟୁରୋ**

ସେବାଶ୍ରମରୁ ନିଖୋଜ ୨୭ ଜଣ ଶିଶୁଙ୍କ ଠିକଣା ସଂଗ୍ରହ କରିବାକୁ ଓଡିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ବଳଦେବଜୀଉ ସେବା ଆଶ୍ରମରୁ ୨୭ ଶିଶୁ ନିଖୋଜ ହୋଇଥିବା ଅଭିଯୋଗ ହୋଇଥିଲା । ଏହି ମାମଲାର ଶୁଣାଣି କରି ହାଇକୋର୍ଟ ସଂପୃକ୍ତ ଶିଶୁଙ୍କ ଠିକଣା ସଂଗ୍ରହ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାରେ ସେବା ଆଶ୍ରମ ତରଫରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ରମାକାନ୍ତ ଷଡ଼ଙ୍ଗୀ ଦର୍ଶାଇଥିଲେ ଯେ ଶିଶୁମାନଙ୍କୁ ସେମାନଙ୍କ ଅଭିଭାବକଙ୍କ ଜିମାରେ ପୁନଃସ୍ଥାପିତ କରାଯାଇଛି । ନିଖୋଜ କୁହାଯାଉଥିବା ଶିଶୁମାନେ ଏବେ ନିଜ ଅଭିଭାବକଙ୍କ ନିକଟରେ ଅଛନ୍ତି । ଏହି ଶିଶୁମାନଙ୍କ ଠିକଣା ସଂଗ୍ରହ ପାଇଁ ସରକାର ଜଣେ ଦାୟିତ୍ୱ ସଂପନ୍ନ ଅଧିକାରୀଙ୍କୁ ପ୍ରତିନିଧି ଭାବେ ପଠାଇବେ । ଆଇନଜୀବୀ ଷଡ଼ଙ୍ଗୀଙ୍କୁ ଏଭଳି ତଥ୍ୟ ପ୍ରଦାନ କରିଥିବା ସେବା ଆଶ୍ରମର ସଂପୃକ୍ତ ବ୍ୟକ୍ତିଙ୍କୁ ଏହି ଅଧିକାରୀ ସାକ୍ଷାତ କରି ଶିଶୁମାନଙ୍କ ଅଭିଭାବକଙ୍କ ଘର ଠିକଣା ସଂଗ୍ରହ କରିବେ । ଏକ ସପ୍ତାହ ଭିତରେ ଏହି ପ୍ରକ୍ରିୟା ସଂପୂର୍ଣ୍ଣ (ପୃଷ୍ଠା ୭ରେ)

## ଜୁନ୍‌ରୁ ଭୁବନେଶ୍ୱର-ଆବୁଧାବି ସିଧା ଉଡାଣ




**ଭୁବନେଶ୍ୱର, ୮/୦୫**
**ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରରୁ ସିଧାସଳଖ ଆବୁଧାବିକୁ ଉଡିବ ବିମାନ । ଆସନ୍ତା ଜୁନ ମାସରୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରୁ ସିଧାସଳଖ ଆବୁଧାବି ଉଡିବ ବିମାନ । ଏହାକୁ ଇଣ୍ଡିଗୋ ବିମାନ ସେବା କାର୍ଯ୍ୟକାରୀ କରିବ । ତେବେ ଭୁବନେଶ୍ୱର ବିମାନ ବନ୍ଦରକୁ ଏ ଯାଏଁ ସ୍ଲଟ ମଗାଯାଇନି ବୋଲି କହିଛନ୍ତି ଭୁବନେଶ୍ୱର ବିମାନ ବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ । ସେ କହିଛନ୍ତି ଯେ, ସ୍ଲଟ ମାଗିଲେ, ସିଡ୍ୟୁଲ (ପୃଷ୍ଠା ୭ରେ)

# ୮ ମାସ ହେଲା ଖାଲି ପଡ଼ିଛି ଏସ୍‌ସିବି ଅଧୀକ୍ଷକ ପଦ

**କଟକ, ନ୍ୟୁଜ ବ୍ୟୁରୋ**

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ୮ମାସରୁ ଅଧିକ ହେଲା ଅଧୀକ୍ଷକ ପଦ ଖାଲି ପଡ଼ିଛି। ଏପଟେ ସୁନ୍ଦରଗଡ଼ ଓ ଭବାନୀପାଟଣା ମେଡିକାଲ କଲେଜର ଅଧ୍ୟକ୍ଷ ଓ ଅଧୀକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଏସ୍‌ସିବି ପାଥୋଲୋଜି ବିଭାଗ ଓ କମ୍ୟୁନିଟି ମେଡିସିନ୍ ବିଭାଗ ପ୍ରଫେସର ଶୂନ୍ୟ ହୋଇଯାଇଛି।

ସ୍ୱାସ୍ଥ୍ୟ ବିଭାଗର ବିଜ୍ଞପ୍ତି ଅନୁସାରେ, ଏସ୍‌ସିବି କମ୍ୟୁନିଟି ମେଡିସିନ୍ ବିଭାଗର ପ୍ରଫେସର ତଥା ଅତିରିକ୍ତ ଅଧ୍ୟକ୍ଷ ଡାକ୍ତର କ୍ରିଷ୍ଣା କରଙ୍କୁ ସହିଦ ରେଣ୍ଡୋ ମାଝି ମେଡିକାଲ କଲେଜର ଡିନ୍ ତଥା ଅଧ୍ୟକ୍ଷ, ଏସ୍‌ସିବି ପାଥୋଲୋଜି ବିଭାଗ ପ୍ରଫେସର ଡାକ୍ତର ଲିଟି ମହାନ୍ତିଙ୍କୁ ସହିଦ ରେଣ୍ଡୋ ମାଝି ମେଡିକାଲ କଲେଜର ଅଧୀକ୍ଷକ ଏବଂ ଏସ୍‌ସିବି ଉତ୍କୃଷ୍ଟ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ସାରଦା ପ୍ରସନ୍ନ ସ୍ୱାଇଁଙ୍କୁ ସରକାରୀ ମେଡିକାଲ କଲେଜ ସୁନ୍ଦରଗଡ଼ର ଅଧୀକ୍ଷକ ଭାବେ ବଦଳି କରାଯାଇଛି।

ସେହିପରି ପୁରୀ ଏମ୍‌ସିଏଚ୍‌ର ପ୍ରଫେସର ଡାକ୍ତର ଶୁଭ୍ରା ଘୋଷଙ୍କୁ ସୁନ୍ଦରଗଡ଼ ମେଡିକାଲ କଲେଜର ଡିନ୍ ତଥା ଅଧ୍ୟକ୍ଷ ଭାବେ ବଦଳି କରାଯାଇଛି। କିନ୍ତୁ ମାସ ମାସ ଧରି ଖାଲି ପଡ଼ିଥିବା ରାଜ୍ୟର ୯ଟି ମେଡିକାଲ କଲେଜରେ ଅଧ୍ୟକ୍ଷ ଓ ଅଧୀକ୍ଷକ ପଦ ପୂରଣ ପାଇଁ ସରକାର କୌଣସି ବିଜ୍ଞପ୍ତି ପ୍ରକାଶ କରିନାହାନ୍ତି। ଏସ୍‌ସିବିର ଅଧୀକ୍ଷକ ପଦ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ପାଖାପାଖି ଦେଢ଼ବର୍ଷରୁ ଅଧିକ ହେବ ଡିନ୍ ତଥା ଅଧ୍ୟକ୍ଷ ପଦ, ଭିମ୍‌ସାରର ନିର୍ଦ୍ଦେଶକ ପଦ, ଭିମ୍‌ସାରର ଡିନ୍ ତଥା ଅଧ୍ୟକ୍ଷ, ଅଧୀକ୍ଷକ ପଦ, କୋରାପୁଟ ମେଡିକାଲ କଲେଜର ଡିନ୍ ତଥା ଅଧ୍ୟକ୍ଷ, ସରକାରୀ ମେଡିକାଲ କଲେଜ ଫୁଲବାଣୀର ଡିନ୍ ତଥା ଅଧ୍ୟକ୍ଷ ପଦ ଖାଲି ପଡ଼ିଛି। ଏ ସଂପର୍କରେ କିଛି ଦିନ ତଳେ ଓଡ଼ିଶା ମେଡିକାଲ ଟିଚର ଆସୋସିଏସନ୍ (ଓମ୍‌ଟା)ର ପ୍ରତିନିଧି ଦଳ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ।



# ନିଶା ପାଇଁ ନାରକୀୟ କାଣ୍ଡ : ପୁଣି ରକ୍ତରଞ୍ଜିତ ରାଜଧାନୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରରେ ବଢୁଛି ଅପରାଧ ଓ ନିଶା ପାଇଁ ଘଟୁଛି ନାରକୀୟ କାଣ୍ଡ ଓ ଉପରମୁହାଁ ହେଉଛନ୍ତି ଅପରାଧୀ। ନିଶା ପାଇଁ ସାଇନ୍ସ ପାର୍କରେ ଘଟିଛି ଛାତିଥରା ଘଟଣା ଓ ଗୋଟିଏ ପରିବାରର ଗଣ୍ଡଗୋଳରେ ୩ ଜଣ ଆହତ ହୋଇଛନ୍ତି । ଏହି ଘଟଣା ରାଜଧାନୀରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ହୋଲିରେ ଶାନ୍ତିପଲ୍ଲୀରେ ଗୋପୀ ଗୁଣିଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣି ହତ୍ୟା କରାଯାଇଥିଲା ଓ ସେହିଦିନ ସମେଇଗାଡ଼ିଆରେ ଆୟୁଷ୍ମାନ ପତିଙ୍କୁ ହତ୍ୟା କରିଥିଲେ ଦୁର୍ବୃତ୍ତ । ଏହାର କିଛିଦିନ ପୂର୍ବରୁ ରାଜରାସ୍ତାରେ ସହଦେ୍ୱ ନାୟକଙ୍କ ଗଣ୍ଡିମୁଣ୍ଡ ଅଲଗା କରି ହତ୍ୟା କରାଯାଇଥିଲା । ଏସବୁ ହତ୍ୟାକାଣ୍ଡର ମୂଳରେ ଥିଲା, ବସ୍ତିରେ ନିଶା କାରବାର । ଗତ ଶନିବାର ରାତିରେ ସାଇନ୍ସ ପାର୍କ ବସ୍ତି ମଧ୍ୟ ପଡ଼ିଥିଲା ଉଠିଥିଲା । ଦାଦା ଓ ଖୁଡ଼ୀଙ୍କ ମାଡ଼ରେ ଲହୁ ଲୁହାଣ ହୋଇଥିଲା ପୁତୁରା, ଦାଦାଖୁଡୀଙ୍କୁ ଭୁଜାଲି ଭୁସି ଦେଇଥିବା ଅଭିଯୋଗ ହୋଇଛି ଓ ଘଟଣାରେ ୩ ଜଣ ଆହତ ହୋଇଛନ୍ତି । ଦାଦା ଶାନ୍ତିଭୂଷଣ ନାୟକଙ୍କୁ ପୁଲିସ ଗିରଫ କରିଛି । ଭୁବନେଶ୍ୱର ସହ ରାଜ୍ୟକୁ କବଳିତ କରିଛି ନିଶା କାରବାର । ୨୦୨୨ରେ ୧୮୯୨ଟି ଏନଡିପିଏସ୍ ମାମଲା ରୁଜୁ ହୋଇଥିଲା । ୨୬୦୩ ଜଣ ଗିରଫ ହୋଇଥିଲେ । ୧୧୭୩ କେଜି ଗଞ୍ଜେଇ ଓ ୫୦ କେଜିରୁ ଅଧିକ ବ୍ରାଉନସୁଗାର ଜବତ ହୋଇଥିଲା । ୨୦୨୩ରେ ୧୮୬୮ଟି ଏନଡିପିଏସ୍ ମାମଲାରେ ୨୪୧୦ ଜଣ ଗିରଫ ହୋଇଥିଲେ । ୧୮୧୧ କ୍ୱିଣ୍ଟାଲ ଗଞ୍ଜେଇ ସହ ୧୭ କେଜିରୁ ଅଧିକ ବ୍ରାଉନସୁଗର ଜବତ ହୋଇଥିଲା। ୨୦୨୪ରେ ୨୧୬୦ଟି ଏନଡିପିଏସ୍ ମାମଲାରେ ୨୨୭୬ ଜଣ ଗିରଫ ହୋଇଥିଲେ । ୧୪୫୨ କ୍ୱିଣ୍ଟାଲ ଗଞ୍ଜେଇ ଓ ୧୦ କେଜିରୁ ଅଧିକ ଧଳାଜହର ଜବତ କରାଯାଇଛି । ତେବେ ରାଜଧାନୀରେ ବସ୍ତିକୁ ଅପରାଧମୁକ୍ତ କରିବା ପ୍ରକ୍ରିୟା ଜାରି ରହିଥିବା ଏସିପି କହିଛନ୍ତି । ବସ୍ତିରେ ପୁଲିସ ପକ୍ଷରୁ 'ବସ୍ତିକୁ ଚାଲ' ଅଭିଯାନ ସହ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରି କମ୍ୟୁନିଟି ପୋଲିସିଂ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି । କିନ୍ତୁ ନିଶା ପାଇଁ ପାଣି ଫୋଟକା ଭଳି ଜୀବନ ଯାଉଛି ।

# ରଥଯାତ୍ରା ଇତିହାସରେ ପ୍ରଥମ: ମୁତୟନ ହେବେ ଘରୋଇ ସୁରକ୍ଷା କର୍ମୀ

**ପୁରୀ, ନ୍ୟୁଜ ବ୍ୟୁରୋ**

ଘରୋଇ ସୁରକ୍ଷା କର୍ମୀ ମୁତୟନ ହେବେ। ରଥଯାତ୍ରା ବେଳେ ବିଭିନ୍ନ ପାର୍କିଂସ୍ଥଳ ଜଗିବେ। ଯାନବାହନ ନିୟନ୍ତ୍ରଣରେ ସାହାଯ୍ୟ କରିବେ। ଏଥିପାଇଁ ଖର୍ଚ୍ଚ ହେବ ୧୪ ଲକ୍ଷ ୧୬ ହଜାର ଟଙ୍କା। ରଥଯାତ୍ରା ଇତିହାସରେ ଏଭଳି ପ୍ରଥମ ଘଟଣା ଘଟିବାକୁ ଯାଉଛି। ରଥଯାତ୍ରା ପ୍ରସ୍ତୁତି ବୈଠକରେ ଏଭଳି ନିଷ୍ପତ୍ତି ହେବା ପରେ ପୁରୀ ଏସ୍‌ପି ଅତିରିକ୍ତ ଡିଜିଙ୍କୁ ଚିଠି ଲେଖିଛନ୍ତି। ବୈଠକର ନିଷ୍ପତ୍ତି ମୁତାବକ ଘରୋଇ ସଂସ୍ଥାଙ୍କଠାରୁ ଟେଣ୍ଡର ଆହ୍ୱାନ କରିବାକୁ ଅନୁମତି ମାଗିଛନ୍ତି। ତେବେ ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଘରୋଇ ସଂସ୍ଥାଙ୍କ ନାମରେ ସୁରକ୍ଷାକର୍ମୀଙ୍କୁ ନିଯୁକ୍ତି ଦେଇ ମୋଟାଅଙ୍କର ହାତଗୁଞ୍ଜା ହାତେଇବା ପାଇଁ ଯୋଜନା ହୋଇଥିବା ଅଭିଯୋଗ ହୋଇଛି। ରଥଯାତ୍ରାରେ ହଜାର ହଜାର ଗାଡ଼ି ପୁରୀ ଆସେ। ସେମାନଙ୍କ ପାର୍କିଂ ପାଇଁ ସହରର ଉପକଣ୍ଠରେ ବିଭିନ୍ନ ଜାଗାରେ ବ୍ୟବସ୍ଥା ହୁଏ। ଛକ ଜାଗାମାନଙ୍କରେ ପୁଲିସ ଛିଡ଼ା ହୋଇ ପାର୍କିଂ ଜାଗାକୁ ଗାଡ଼ିଗୁଡ଼ିକୁ ପଠାଇ ଦିଏ। ପାର୍କିଂରେ ଗାଡ଼ି ରଖି ଭକ୍ତମାନେ ବଡ଼ଦାଣ୍ଡରେ ପହଞ୍ଚିଥାନ୍ତି। କିନ୍ତୁ ପାର୍କିଂ ଜାଗାରେ ଏହି ଘରୋଇ ସୁରକ୍ଷାକର୍ମୀଙ୍କର କ'ଣ ଆବଶ୍ୟକତା ପଡ଼ିଲା ସେ ନେଇ ପ୍ରଶ୍ନ ଉଠିଛି। ପୁଲିସ କହୁଛି କି ଗାଡ଼ିଗୁଡ଼ିକର ସୁରକ୍ଷାର ଆବଶ୍ୟକତା ରହିଛି। ପାର୍କିଂ ଜାଗାରେ ଅନେକ ସମୟରେ ଗାଡ଼ିଗୁଡ଼ିକ ନିରାପଦରେ ରହୁ ନଥିବାରୁ ଏଭଳି ବ୍ୟବସ୍ଥା କରାଯାଇଛି। ଏ ନେଇ ଆଇନଜୀବୀ ଦେବାଶିଷ ଦାସ କହିଛନ୍ତି, ଗୋଟିଏ ପାର୍କିଂ ଜାଗାରେ ଯଦି ଦୁଇ ଜଣ ସୁରକ୍ଷାକର୍ମୀ ରୁହନ୍ତି ତେବେ ୧୦ଟି ଜାଗାରେ ୨୦ ଜଣ ରହିବେ। ୨୦ ଜଣଙ୍କୁ ୯ ଦିନ ପାଇଁ ୧୪ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ଯଦି ଅଧିକ ସୁରକ୍ଷା କର୍ମୀ ନେବେ ତେବେ ସ୍ଥାନୀୟ ଯୁବକଙ୍କୁ ସୁଯୋଗ ଦିଅନ୍ତୁ। ସେମାନେ ରୋଜଗାରକ୍ଷମ ହେବେ। ପାର୍କିଂ ଜାଗାରେ ସିସିଟିଭି ଲଗାଇଲେ ସୁରକ୍ଷା ବଢ଼ିବ ଓ କମ୍ ଖର୍ଚ୍ଚ ହେବ। ସୁରକ୍ଷା କର୍ମୀଙ୍କ ପିଛା ଏତେ ଟଙ୍କା ଖର୍ଚ୍ଚ କରିବା ବୁଦ୍ଧିମତାର କାମ ନୁହେଁ।



# ନିଶା ମାଫିଆଙ୍କ ପସନ୍ଦ କନ୍ଧମାଳ ଭାଙ୍ଗ: ଭୁବନେଶ୍ୱର ଓ ପୁରୀକୁ ଚାଲିଛି ରୀତିମତ ଚାଲାଣ

**ନୟାଗଡ଼, ନ୍ୟୁଜ ବ୍ୟୁରୋ**

କନ୍ଧମାଳ ଜିଲ୍ଲାର ଗଞ୍ଜେଇର ଚାହିଦା ଅଧିକ ବୋଲି ସମସ୍ତେ ଜାଣନ୍ତି। ମାତ୍ର ଏବେ ଏହି ଜିଲ୍ଲାର ଭାଙ୍ଗ ଉପରେ ନିଶା ମାଫିଆମାନଙ୍କ ନଜର ପଡ଼ିଛି। ସୁବିଧା ସୁଯୋଗ ଦେଖି ସେମାନେ ରୀତିମତ ଭାବେ ଏଠାରୁ ଭାଙ୍ଗ, ଭୁବନେଶ୍ୱର ଓ ପୁରୀକୁ ଚାଲାଣ କରୁଛନ୍ତି। ଦୁଇ ଦିନ ତଳେ ଇଟାମାଟି ଥାନା ପୁଲିସ ୧୧ କୁଇଣ୍ଟାଲରୁ ଅଧିକ ଭାଙ୍ଗ ଜବତ କରିବା ପରେ ଏବେ ଏହି ଘଟଣା ଜଣାପଡ଼ିଛି। ଜବତ ହୋଇଥିବା ଭାଙ୍ଗର ମୂଲ୍ୟ ପ୍ରାୟ ୨୮ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିବା ପରେ ପୁଲିସର ହୋସ୍ ଉଡ଼ିଯାଇଛି। ଜବତ ହୋଇଥିବା ଭାଙ୍ଗ ଭୁବନେଶ୍ୱର ଚାଲାଣ ହେଉଥିବା ଜଣାପଡ଼ିବା ପରେ ପୁଲିସ ଏବେ ନିଶା ମାଫିଆମାନଙ୍କ ପାଖରେ ପହଞ୍ଚିବାକୁ ଜୋରଦାର ପ୍ରୟାସ ଆରମ୍ଭ କରିଛି। ଇଟାମାଟି ଥାନା ଗତ ୨୬ ତାରିଖରେ ଗୋଟିଏ ପିକଅପ୍ ଜବତ କଲା। ମାତ୍ର ଏହି ରାସ୍ତାରେ ରୀତିମତ ଭାବେ ଗାଡ଼ି ଗାଡ଼ି ଭାଙ୍ଗ ଚାଲାଣ ହେଉଥିବା ସନ୍ଦେହ କରାଯାଉଛି। ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ ସୂଚନା ମୁତାବକ, କନ୍ଧମାଳ ଜିଲ୍ଲା ଭାଙ୍ଗର ଚାହିଦା ଏବେ ଅଧିକ ରହୁଛି। ଯେହେତୁ ଏହି ଜିଲ୍ଲାର ଗଞ୍ଜେଇର ଚାହିଦା ବାହାର ରାଜ୍ୟ ଓ ବଡ଼ ବଡ଼ ସହରରେ ଅଧିକ ରହୁଛି, ଏଣୁ ଏଠାରୁ ବହୁଳ ମାତ୍ରାରେ ଗଞ୍ଜେଇ ଚାଲାଣ କରାଯାଉଛି। ଏ ସମସ୍ତ ନିଶା ସାମଗ୍ରୀ ନୟାଗଡ଼ ରାସ୍ତାରେ ଚାଲାଣ କରାଯାଉଛି। ଯେତେବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ଚଢ଼଼ଉ କରୁଛି, ସେତେବେଳେ ଗଞ୍ଜେଇ ଜବତ କରାଯାଉଛି। ଏବେ ଗଞ୍ଜେଇ ସହ ଭାଙ୍ଗ ଉପରେ ମାଫିଆମାନଙ୍କ ନଜର ପଡ଼ିଛି। ପୁଲିସର ଗତିବିଧି ଉପରେ ନଜର ରଖି ମାଫିଆମାନେ ବେଶ୍ ସନ୍ତର୍ପଣରେ ଲକ୍ଷ ଲକ୍ଷ ଟଙ୍କାର ଭାଙ୍ଗ ମଧ୍ୟ କିଣି ନେଉଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ଭାଙ୍ଗ ବୋଝେଇ ଗାଡ଼ିକୁ ସୁରକ୍ଷା ଦେବା ପାଇଁ ଏହାର ଆଗେ ଆଗେ କିଛି ଯୁବକ ବାଇକ୍‌ରେ ଆସୁଛନ୍ତି। ଘଟଣା ଘଟିବା ଦିନ ଇଟାମାଟି ଥାନା ପୁଲିସର ଏକ ଗାଡ଼ିକୁ ଏହି ଭାଙ୍ଗ ବୋଝେଇ ପିକଅପ୍ ରାସ୍ତା ଦେଇନଥିଲା। ପୁଲିସ ଗାଡ଼ି ବାରମ୍ବାର ହର୍ଣ୍ଣ ମାରୁଥିଲେ ମଧ୍ୟ ଉକ୍ତ ପିକଅପଟି ରାସ୍ତା ଦେଇନଥିଲା। ଫଳରେ ବାଧ ହୋଇ ପୁଲିସ ଯେତେବେଳେ ଏହି ଗାଡ଼ିକୁ ଅତିକ୍ରମ କରି ଏହା ସାମ୍ନାରେ ରହିଥିଲା, ପିକ୍‌ଅପରେ ବସିଥିବା ଦୁଇ ଜଣ ଓହ୍ଲାଇ ସେଠାରୁ ଦୌଡ଼ି ପଳାଇଥିଲେ। ପୁଲିସ ସେମାନଙ୍କୁ ଗୋଡ଼ାଇ ମାଡ଼ି ବସିଥିବା ବେଳେ ସେମାନଙ୍କ ମୋବାଇଲ ଯାଞ୍ଚ କରି ଏହି ପିକ୍‌ଅପ୍‌କୁ ସୁରକ୍ଷା ଦେଇ ବାଇକରେ ଯାଉଥିବା ଦୁଇ ଜଣ ଯୁବକଙ୍କୁ ଗିରଫ କରିଛି। ଏତେ ପରିମାଣ ଭାଙ୍ଗ ଭୁବନେଶ୍ୱରକୁ ଚାଲାଣ କରାଯାଉଥିଲା ବୋଲି ଗିରଫ ହୋଇଥିବା ଯୁବକମାନେ କହିଥିଲେ। ଏଣୁ ପୁଲିସ ଏବେ ଭୁବନେଶ୍ୱରର କେଉଁ ମାଫିଆ ଏହି ଭାଙ୍ଗ କିଣୁଥିଲେ ଓ କନ୍ଧମାଳରୁ କିଏ ଏହାକୁ ଚାଲାଣ କରିଥିଲେ, ଏହାର ଏବେ ଇଟାମାଟି ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି।



# ପୁଣି ଭାଇରାଲ ହେଲା ଲିଙ୍ଗରାଜ ମନ୍ଦିର ବେଢ଼ା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୁଣି ଭାଇରାଲ ହେଲା ଲିଙ୍ଗରାଜ ମନ୍ଦିର ବେଢ଼ା । କଡା ସୁରକ୍ଷା ସତ୍ତ୍ୱେ ମନ୍ଦିର ବେଢାର ଫଟୋ ଭାଇରାଲ ହୋଇଛି । ବଲିଉଡ ଅଭିନେତ୍ରୀ ସୁସ୍ମିତା ସେନ ଭୁବନେଶ୍ୱରରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିଲେ । ଏହି ସମୟରେ ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ କରିଥିଲେ । ମହାପ୍ରଭୁଙ୍କ ଦର୍ଶନ କରିବା ସହ ମନ୍ଦିର ବେଢା ଭିତରେ ଫଟୋ ଉଠାଇଥିଲେ। ସୁସ୍ମିତାଙ୍କ ଫଟୋ ଉଠାଇଥିବା ସେବାୟତ ସୋସିଆଲ ମିଡିଆରେ ଏହି ଫଟୋ ସେୟାର କରିଛନ୍ତି । ତାଙ୍କର ଏହି ଫଟୋ ଏବେ ଭାଇରାଲ ହେବାରେ ଲାଗିଛି । ପୂର୍ବରୁ ଶିଳ୍ପା ସେଟ୍ଟୀଙ୍କ ଫଟୋ ମଧ୍ୟ ଭାଇରାଲ ହୋଇଥିଲା । ଏପରିକି କିଛି ରାଜନେତାଙ୍କ ଫଟୋ ବେଢ଼ା ଭିତରେ ଭାଇରାଲ ହେବା ପରେ ମନ୍ଦିର ସୁରକ୍ଷା ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ।



# ରାଜ୍ୟରେ ୧୭୫ କୋଟିର ସୁନା ବିକ୍ରି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଅକ୍ଷୟ ତୃତୀୟାରେ ସୁନା କିଣିବାର ପୁରୁଣା ପରମ୍ପରା ରହିଆସିଛି। ଅକ୍ଷୟ ତୃତୀୟାରେ ସୁନା କିଣିଲେ ଘରକୁ ସମୃଦ୍ଧି ଆସେ ବୋଲି ବିଶ୍ୱାସ ରହିଛି। ଏଥର ଏହି ପବିତ୍ର ପର୍ବରେ ସୁନା ଦର ଚଢ଼ା ରହିଛି। ତେଣୁ ବିକ୍ରି ପରିମାଣ କମିଛି । ଲୋକେ ହାଲୁକା ଗହଣାରେ କାମ ଚଳାଇଛନ୍ତି । ତେବେ ବିକ୍ରି ପରିମାଣ କମ୍ ଥିଲେ ବି ଉଚ୍ଚ ଦର ଯୋଗୁ ବେପାର ପୂର୍ବ ବର୍ଷ ପାଖାପାଖି ରହିଛି । ଏ ବର୍ଷ ଅକ୍ଷୟ ତୃତୀୟାରେ ରାଜ୍ୟବାସୀ ପ୍ରାୟ ୧୭୫ କୋଟି ଟଙ୍କାର ସୁନା କିଣିଥିବା ବଜାର ସୂତ୍ରରୁ ଜଣାପଡ଼ିଛି। ପାଗ ଭଲ ରହିଥିଲା। ଆଶା ଥିଲା ସୋ'ରୁମ୍ ଗୁଡ଼ିକରେ ଗ୍ରାହକଙ୍କ ଭିଡ଼ ବଢ଼ିବ। ତେବେ ଉଚ୍ଚ ଦର ଯୋଗୁ ଏ ବର୍ଷ ସେଭଳି ଖଚାଖଚ ଭିଡ଼ ଦେଖିବାକୁ ମିଳି ନଥିବା ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି। ପୂର୍ବବର୍ଷ ତୁଳନାରେ ଏ ବର୍ଷ ସୁନା ଦରରେ ବଡ଼ ବୃଦ୍ଧି ଦେଖିବାକୁ ମିଳିଛି। ଗତବର୍ଷ ଅକ୍ଷୟ ତୃତୀୟାରେ ୧୦ ଗ୍ରାମ ପିଛା ୨୨ କ୍ୟାରେଟ୍ ସୁନା ଦର ଥିଲା ପ୍ରାୟ ୬୬,୦୦୦ ଟଙ୍କା । ଏ ବର୍ଷ ଏହା ୯୦,୦୦୦ ନିକଟତର । ୨୪ କ୍ୟାରେଟ୍ ସୁନା ଦର ଲକ୍ଷେ । ତେଣୁ ସାଧାରଣ ଲୋକେ ହାଲୁକା ଗହଣା କିଣି ଅକ୍ଷୟ ତୃତୀୟା ପରମ୍ପରାକୁ ବଜାୟ ରଖିଥିବା ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି । ରୁପା ସାମଗ୍ରୀ ମଧ୍ୟ ଭଲ ଆକାରରେ ବିକ୍ରି ହୋଇଛି। ଅକ୍ଷୟ ତୃତୀୟା ଅଫରରେ ଗ୍ରାହକ ବିବାହ ଗହଣା ମଧ୍ୟ କିଣିଥିବା ଏମାନେ ପ୍ରକାଶ କରିଛନ୍ତି। ସୁନା ଦର ଯେଉଁଭଳି ଭାବେ ବଢ଼ିଚାଲିଛି ଆଗକୁ ଏହା ମଜଭୁତ ରିଟର୍ଣ୍ଣ ଦେବ ବୋଲି ଅବଗତ ଅଛନ୍ତି ଗ୍ରାହକ । ବର୍ଷକୁ ବର୍ଷ ଏହା ୩୦%ରୁ ଅଧିକ ଲାଭ ଦେଉଛି । ତେଣୁ ନିବେଶ ଉଦ୍ଦେଶ୍ୟରେ ବି ସୁନା କିଣୁଛନ୍ତି ଗ୍ରାହକ । ଅକ୍ଷୟ ତୃତୀୟା ଅଫରର ଲାଭ ଉଠାଇ ଏମାନେ ସୁନାରେ ନିବେଶ କରୁଥିବା ଗହଣା ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି । ଲାଲଚାନ୍ଦ ଜୁଏଲର୍ସର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସ କହିଛନ୍ତି, ଦିନରେ ଖରା ଥିବାରୁ ଦିନ ତୁଳନାରେ ବେଶି ଲୋକ ସଂଧ୍ୟାରେ ସୋ'ରୁମ ଆସି ଗହଣା କିଣାକିଣି କରିଥିଲେ । ହାଲୁକା ଗହଣାଗୁଡ଼ିକର କାରବାର ବେଶ ଉନ୍ନତ ରହିଛି । ଗ୍ରାହକଙ୍କ ପସନ୍ଦକୁ ନଜରରେ ରଖି ଆମେ ହାଲୁକା ଡାଏମଣ୍ଡ ଏବଂ ସୁନା ଗହଣାର ନୂଆ ଡିଜାଇନ ପ୍ରସ୍ତୁତ କରିଛୁ। ମୁଦି, କାନଫୁଲ, ଚେନ୍ ଏବଂ ହାଲୁକା ହାର ଲୋକେ କିଣୁଛନ୍ତି। ଏସବୁ ବର୍ଗରେ ବେଶି ଡିଜାଇନ ଲୋକଙ୍କ ପସନ୍ଦ ଆସିଛି। ଯେଉଁ ଗ୍ରାହକ ଆଗୁଆ ଗହଣା ବୁକିଂ କରିଥିଲେ ତା'ର ଲାଭ ଉଠାଇ ଆଜି ଗହଣା କ୍ରୟ କରିଛନ୍ତି। ପୂର୍ବ ବର୍ଷ ଅପେକ୍ଷା ସୁନା ଗହଣା ଦର ଉଚ୍ଚା ରହିଛି। ଏହା ଲୋକଙ୍କ କ୍ରୟ ଉପରେ ପ୍ରଭାବ ପକାଇଛି। ତେବେ ପୂର୍ବ ବର୍ଷ ଅପେକ୍ଷା ଆମ କାରବାର ସମାନ ରହିପାରେ। ଦର ବଢୁଥିବାରୁ ଲୋକେ ସୁନାରେ ନିବେଶ କରିବାର ପ୍ରକୃଷ୍ଟ ସମୟ ରହିଛି । ଲୋକଙ୍କୁ ଦରବୃଦ୍ଧି ଚାପରୁ ଆଶ୍ୱସ୍ତି ଦେବା ଲାଗି ଆମେ ବିଭିନ୍ନ ଅଫର ଦେଉଛୁ। ଗଢ଼ା ମଜୁରିଠାରୁ ଆରମ୍ଭ କରି ଅନ୍ୟ ଅଫରର ଲାଭ ସୋ'ରୁମ ପରିଦର୍ଶନ କରି ନେଇପାରିବେ ବୋଲି ଶ୍ରୀ ହଂସ ଉଲ୍ଲେଖ କରିଛନ୍ତି । ମାଲାବାର ଗୋଲ୍ଡ ଆଣ୍ଡ୍ ଡାଏମଣ୍ଡ୍‌ସର ମାର୍କେଟିଂ ମ୍ୟାନେଜର ସିଦ୍ଧେଶ୍ୱର ରଥ କହିଛନ୍ତି, ଅକ୍ଷୟ ତୃତୀୟା ପାଇଁ ସୋ'ରୁମ ୮.୩୦ରେ ଖୋଲିଥିଲା। ଗ୍ରାହକଙ୍କ ଭିଡ଼କୁ ଏଡାଇବା ଲାଗି ଅତିରିକ୍ତ କ୍ୟାସ୍ କାଉଣ୍ଟର ସହ ପାର୍କିଂ ବ୍ୟବସ୍ଥା କରାଯାଇଥିଲା । ସୋ'ରୁମରେ ପୂର୍ବବର୍ଷଗୁଡ଼ିକ ଭଳି ଏତେଟା ଭିଡ଼ ଦେଖିବାକୁ ମିଳିନି । ସ୍ୱାଭାବିକ ସ୍ତରଠାରୁ ଟିକିଏ ଅଧିକ ଗ୍ରାହକ ଆସିଥିଲେ । ସୋ'ରୁମ ରାତି ୧୦ଟା ଯାଏ ଖୋଲା ରହିଥିଲା । ଲୋକେ ହାଲୁକା ଏବଂ ଛୋଟ ଗହଣା କିଣିବାକୁ ବେଶ ପସନ୍ଦ କରିଛନ୍ତି। ପୂର୍ବରୁ ଯେଭଳି ଭାରୀ ଗହଣା ବିକ୍ରି ରହିଥିଲା ସେଭଳି ଏ ବର୍ଷ ଦେଖାଯାଇନାହିଁ। ଦର ଉଚ୍ଚା ରହିବା ଯୋଗୁ ଏହାର ପ୍ରଭାବ ଲୋକଙ୍କ କ୍ରୟ କ୍ଷମତା ଉପରେ ଦେଖାଯାଇଛି। ଅଗ୍ରିମ ବୁକିଂ କରିଥିବା ଲୋକମାନେ ଆଜି ଗହଣା ଡେଲିଭରି ନେଇଥିଲେ । ଗତ ବର୍ଷ ତୁଳନାରେ ଦର ୨୦ ହଜାର ଟଙ୍କା ଅଧିକ ରହିଛି । ଜୟ ଆଲ୍ଲୁକାସର ଷ୍ଟୋର ମ୍ୟାନେଜର ସୁଭାଷ ଏମ୍ କହିଛନ୍ତି, ଅକ୍ଷୟ ତୃତୀୟା ପାଇଁ ଷ୍ଟୋରରେ ଗ୍ରାହକଙ୍କ ଆଗମନ ସ୍ୱାଭାବିକ ରହିଛି । କାରବାର ଆଶା ମୁତାବକ ରହିବ । ଏବେ ଦର ଅଧିକ ରହିଥିବାରୁ ଲୋକଙ୍କୁ ବିଭିନ୍ନ ଅଫର ସହ ଆକୃଷ୍ଟ କରିବାକୁ ଯୋଜନା ରହିଛି । ସୁନାରେ ନିବେଶ ଏକ ଭଲ ବିକଳ୍ପ ରହିଥିବାରୁ ଏହାର ଫାଇଦା ମଧ୍ୟ ଲୋକମାନେ ଉଠାଇବା ସହ ସୁନା କ୍ରୟ କରୁଛନ୍ତି । ଗ୍ରାହକଙ୍କୁ ହାଲୁକା ଗହଣାର ବିସ୍ତୃତ ଡିଜାଇନ ଆମେ ପ୍ରଦାନ କରୁଛୁ। ପ୍ରକାଶଯୋଗ୍ୟ, ଆଜି ରାଜଧାନୀ ଭୁବନେଶ୍ୱରରେ ୧୦ ଗ୍ରାମ ପିଛା ୨୪ ଏବଂ ୨୨ କ୍ୟାରେଟ୍ ସୁନା ଦର ଯଥାକ୍ରମେ ୯୭,୯୧୦ ଟଙ୍କା ଏବଂ ୮୯,୭୫୦ ଟଙ୍କା ରହିଛି ।



# ୯ କିନ୍ନର ମ୍ୟାଟ୍ରିକ ପରୀକ୍ଷାରେ ହେଲେ ଉତ୍ତୀର୍ଣ୍ଣ

**ଭଦ୍ରକ, ନ୍ୟୁଜ ବ୍ୟୁରୋ**

ସମାଜରେ ସମାନତା ପାଇଁ ଲଢେଇ କରୁଥିଲେ, ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଚେଷ୍ଟା କରିଥିଲେ। ଆଉ ପାଠରେ ମଧ୍ୟ ପଛେଇ ରହିବା ପାଇଁ ଇଚ୍ଛା ନ ଥିଲା, ସେଥି ପାଇଁ ଏବେ ବି ବୟସ ସୀମା ବାଧା ଦେବା ସତ୍ତ୍ୱେ ମାଟ୍ରିକ୍ ପରୀକ୍ଷା ଦେଇଥିଲେ କିନ୍ନର। କାମ କାର୍ଯ୍ୟରୁ ସମୟ ବାହାର କରି ପାଠ ପଢ଼ି ପରୀକ୍ଷା ଦେଇଥିଲେ ଓ ଏବେ ୯ ଜଣରୁ ୯ଜଣ କିନ୍ନର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।

ଭଦ୍ରକ ଜିଲ୍ଲା ଚରମ୍ପା ଅଞ୍ଚଳର ବାସିନ୍ଦା ହେଉଛନ୍ତି ଏହି କିନ୍ନରମାନେ । ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ ଓ ସାମାଜିକ ପ୍ରତିବନ୍ଧକ ପାଇଁ ପାଠରେ ଡୋରି ବନ୍ଧା ହୋଇଥିଲା। କିନ୍ତୁ ପ୍ରତିବନ୍ଧକ ସତ୍ତ୍ୱେ ପାଠ ପ୍ରତି ଆଗ୍ରହ ଥିବାରୁ ଚରମ୍ପା ସ୍ଥିତ ସରୋଜିନୀ ସଂସ୍କୃତ ଉଚ୍ଚ ବିଦ୍ୟାଳୟ ଚରମ୍ପାଠାରେ ପାଠ ପଢା ଆରମ୍ଭ କରିଥିଲେ। ମାଟ୍ରିକ୍ ପରୀକ୍ଷା ପାଇଁ ସେଣ୍ଟର ଥିଲା କ୍ୱମଭକ୍ଷ ହାଇସ୍କୁଲ । ପରୀକ୍ଷା ପରେ ଭଲ ମାର୍କ ରଖିବେ ବୋଲି ଆଶା କରିଥିଲେ।

ଲଗାତାର କ୍ଲାସ୍ କରିବା ସହ ବଳକା ସମୟରେ ପ୍ରସ୍ତୁତି କରୁଥିଲେ। ତେବେ ସରକାରୀ ସହାୟତା ସହ ଗୁରୁ ମା' ଓ ସାଥୀ ଫାଉଣ୍ଡେସନ ମଧ୍ୟ ସହଯୋଗ କରିଥିଲେ । ତେବେ ୯ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭ଜଣ ବି ଗ୍ରେଡ ଓ ୨ ଜଣ ସି ଗ୍ରେଡରେ ପାସ କରିଛନ୍ତି । ତେବେ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀମାନେ ଏବେ ପୁଣି ଉଚ୍ଚ ଶିକ୍ଷା ପାଇଁ ମଧ୍ୟ ପ୍ରୟାସ ଆରମ୍ଭ କରିଛନ୍ତି ।



# ସୀମାନ୍ତ ସମୁଦ୍ରପଥରେ କଡ଼ା ପଇଁତରା: ସୁବର୍ଣ୍ଣ ଦୀପ, ମୁରଲୀଚଢ଼ା ଦୀପ ଉପରେ ତୀକ୍ଷ୍ଣ ନଜର

**ଚନ୍ଦନେଶ୍ୱର, ନ୍ୟୁଜ ବ୍ୟୁରୋ**

ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେଇଛି ଭାରତ। 'ଅପରେସନ୍ ସିନ୍ଦୂର' ଆରମ୍ଭ କରି ପିଓକେରେ ଥିବା ଆତଙ୍କବାଦୀ ଶିବିରକୁ ମାଟିରେ ମିଶାଇଛି। ଏପରି ସ୍ଥିତିରେ ଓଡ଼ିଶା ସୀମାନ୍ତ ସମୁଦ୍ରପଥରେ ସୁରକ୍ଷାବାହିନୀ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ସମ୍ବେଦନଶୀଳ ଅଞ୍ଚଳ ଓଡ଼ିଶା- ପଶ୍ଚିମବଙ୍ଗ ସୀମାନ୍ତ ଭୋଗରାଇର ତାଳସାରୀ, ଉଦୟପୁର ଓ କୀର୍ତ୍ତନିଆ ବେଳାଭୂମିରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ବେଳେ ପୁଲିସ ପକ୍ଷରୁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା ସମସ୍ତ ବୋଟ୍‌କୁ ଆବଶ୍ୟକୀୟ କାଗଜପତ୍ର ନେବାକୁ କଡ଼ା ତାଗିଦ୍ କରାଯାଇଛି। ଜଳପଥରେ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ସାମୁଦ୍ରିକ ଥାନାର ପୁଲିସ କର୍ମଚାରୀ, ମତ୍ସ୍ୟ ବିଭାଗ ଓ ତଟରକ୍ଷୀ ବାହିନୀ ମିଳିତ ଭାବେ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ସମୁଦ୍ରରେ ପଇଁତରା ପାଇଁ ବେଳାଭୂମିରେ ତଟସୁରକ୍ଷା ବାହିନୀର ୩ ଜଣଙ୍କୁ ନିୟୋଜିତ କରାଯାଇଛି। ସେହିପରି, ତାଳସାରୀ ବେଳାଭୂମି ନିକଟରେ ସୁବର୍ଣ୍ଣ ଦୀପ, ମୁରଲୀଚଢ଼ା ଦୀପ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଜଳପଥରେ ବହୁ ବୋଟ୍ ଓ ବିଦେଶୀ ଏଠାକୁ ଚାଲି ଆସିବାର ଆଶଙ୍କା ଥିବାରୁ ଏହି ଦୀପକୁ ନାକାବନ୍ଦୀ କରି ରଖାଯାଇଛି। ସମସ୍ତ ପରିସ୍ଥିତିକୁ ଆଖି ଆଗରେ ରଖି ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି। ନିୟମ ଅନୁଯାୟୀ ସମୁଦ୍ରକୁ ଯାଉଥିବା ସମସ୍ତ ଡଙ୍ଗାର ରଙ୍ଗ, ଜାତୀୟ ପତାକା ଓ ଆବଶ୍ୟକ କାଗଜପତ୍ର ନେଇ ସମୁଦ୍ରକୁ ଯିବାକୁ ମତ୍ସ୍ୟ ବିଭାଗ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି। ତାଳସାରୀ ସାମୁଦ୍ରିକ ଥାନା ଅଧିକାରୀ ଚମ୍ପାବତୀ ସୋରେନ, ଚନ୍ଦନେଶ୍ୱର ସହକାରୀ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ ସମ୍ପ୍ରସାରଣ) ଅନନ୍ତ କୁମାର ଜେନା, ତଟରକ୍ଷୀ ବାହିନୀର ବିଶ୍ୱମ୍ବର ଓଝା, ଗୁଡ୍ଡୁ କୁମାର, ଅମୂଲ୍ୟ କୁମାର, ସାଗର ମିତ୍ର ଶିବାୟନ ସେନାପତି ପ୍ରମୁଖ ସୀମାନ୍ତରେ ରହି ସତର୍କ ଦୃଷ୍ଟି ରଖିଛନ୍ତି।

# ଗ୍ରୀଷ୍ମ ପ୍ରବାହ ବୃଦ୍ଧି ସାଙ୍ଗକୁ ବଢୁଛି ବିୟର କାରବାର

**କଟକ, ନ୍ୟୁଜ ବ୍ୟୁରୋ**

ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି। ଦିନ ତାପମାତ୍ରା ପ୍ରାୟ ୫୦ ଡିଗ୍ରୀ ଭଳି ଅନୁଭୂତ ହେଉଛି । ଆଉ କଳବଳ କରୁଥିବା ଏହି ଟାଣ ଖରା ପାଇଁ ହଠାତ୍ ମଦ ଦୋକାନରେ 'ବିୟର' ବିକ୍ରି ବଢ଼ିଯାଇଛି । ଚିଲ୍‌ଡ୍ ବା ଥଣ୍ଡା ବିୟର ପିଇବାକୁ ସବୁ ମଦ ଦୋକାନରେ ଗହଳି। ବାର୍‌ରେ ବସିବାକୁ ଜାଗା ମିଳୁନି । କଟକ ସହର ଓ ଏହାର ଆଖପାଖରେ ଚାହିଦା ଅଧିକ ଥିବାରୁ ଡିପୋରେ ମଧ୍ୟ ପର୍ଯ୍ୟାପ୍ତ ଷ୍ଟକ୍ ରଖାଯାଉଛି । ଅବକାରୀ ବିଭାଗ ତଥ୍ୟ କହୁଛି, ମାର୍ଚ୍ଚ ମାସରୁ ଖରା ବଢ଼ିବା ପରେ ଇତିମଧ୍ୟରେ କଟକରେ ପ୍ରାୟ ୪୦ ଲକ୍ଷ ଲିଟର ବିୟର ବିକ୍ରି ହୋଇଗଲାଣି । ଖାଲି ସେତିକି ନୁହେଁ, ଗତ ଆର୍ଥିକ ବର୍ଷରେ କଟକ ଜିଲ୍ଲାରେ ରେକର୍ଡ ପରିମାଣର ୧ କୋଟି ୩୧ ଲକ୍ଷ ଲିଟର ବିୟର ପିଇଛନ୍ତି ଲୋକେ। ଗତ ଆର୍ଥିକ ବର୍ଷ ୨୦୨୪- ୨୫ରେ ସାଧାରଣ ନିର୍ବାଚନ ହୋଇଥିଲା । ଖରାରେ ଅର୍ଥାତ୍ ଏପ୍ରିଲ୍ ଓ ମେ' ମାସରେ ଜିଲ୍ଲାରେ ନିର୍ବାଚନୀ ହାୱା ବହୁଥିଲା । ତେଣୁ ଉକ୍ତ ଦୁଇ ମାସରେ ପ୍ରାୟ ୩୦ ଲକ୍ଷ ଲିଟର ବିୟର କଟକ ଜିଲ୍ଲାରେ ବିକ୍ରି ହୋଇଥିଲା । ତେବେ ଚଳିତ ବର୍ଷ ହେଉଥିବା ଖରାଠାରୁ ଗତବର୍ଷ ସାମାନ୍ୟ କମ୍ ଥିଲା । ତଥାପି ନିର୍ବାଚନ ବେଳେ ଲୋକ ଚଳପ୍ରଚଳ ଅଧିକ ଥିବାରୁ ବିୟର ବିକ୍ରିର ମାତ୍ରା ମଧ୍ୟ ଅଧିକ ରହିଥିବା କୁହାଯାଉଛି। ପରେ ମେ' ଓ ଜୁନ୍‌ରେ ମଧ୍ୟ ପ୍ରାୟ ୩୨ ଲକ୍ଷ ଲିଟର ବିୟର ବିକ୍ରି ହୋଇଥିଲା । ଆଉ ଅବକାରୀ ବିଭାଗର ଆର୍ଥିକ ବର୍ଷ ତଥ୍ୟ କହୁଛି, ୨୦୨୪ ଏପ୍ରିଲ୍ ୧ ତାରିଖରୁ ୨୦୨୫ ମାର୍ଚ୍ଚ ୩୧ ତାରିଖ ମଧ୍ୟରେ ୧ କୋଟି ୩୧ ଲକ୍ଷ ୩୮ ହଜାର ୪୦୬ ଲିଟର ବିୟର ବିକ୍ରି ହୋଇଛି। ଏହାକୁ ବୋତଲ ଓ ଟିଣ କେନ୍‌ରେ ହିସାବ କଲେ ପ୍ରାୟ ୨ କୋଟି ବୋତଲ ଓ ଟିଣ ପ୍ୟାକ୍ ବିକ୍ରି ହୋଇଥିବା ଅବକାରୀ ବିଭାଗ ସୂଚନା ଦେଇଛି । ଏପରିକି ଅଲମ୍ପିକ୍ ଖେଳରେ ସୁଇମିଂ ବା ପହଁରା ପାଇଁ ତିଆରି କରାଯାଉଥିବା ବଡ଼ ସୁଇମିଂ ପୁଲ୍‌ର ପାଣି ଧରିବା କ୍ଷମତା ପ୍ରାୟ ୨୫ ଲକ୍ଷ ଲିଟର । ଅର୍ଥାତ୍ ଗତ ଆର୍ଥିକ ବର୍ଷରେ ବିକ୍ରି ହୋଇଥିବା ବିୟରକୁ ଢାଳିଥିଲେ ଏଭଳି ୫ଟି ବଡ଼ ସୁଇମିଂ ପୁଲ୍ ଭର୍ତ୍ତି ହୋଇ ଆହୁରି ବଳିଥାନ୍ତା। ଅନ୍ୟପଟେ ଚଳିତ ଗ୍ରୀଷ୍ମ ଋତୁ ଆରମ୍ଭ ହେବା ଅର୍ଥାତ୍ ଗଲା ମାର୍ଚ୍ଚ ମାସରୁ ଏବେ ଶେଷ ହୋଇଥିବା ଏପ୍ରିଲ୍ ମାସ ଭିତରେ କଟକରେ ପ୍ରାୟ ୪୦ ଲକ୍ଷ ଲିଟର ବିୟର ବିକ୍ରି ହୋଇସାରିଲାଣି । ମାର୍ଚ୍ଚ ମାସରେ ୧୫ରୁ ୧୬ ଲକ୍ଷ ଲିଟର ବିୟର ବିକ୍ରି ହୋଇଥିବା ବେଳେ ଗତ ଏପ୍ରିଲ୍‌ରେ ପ୍ରାୟ ୨୪ରୁ ୨୫ ଲକ୍ଷ ଲିଟର ବିୟର ବିକ୍ରି ହୋଇଛି । ଖରା ବଢ଼ିବାରୁ ବିୟର ବିକ୍ରି ଓ କାରବାର ବଢୁଥିବା ଅବକାରୀ ବିଭାଗ କହୁଛି । ଏନେଇ ନିର୍ଗୁଣ୍ଡି ପାଖ ସରକାରୀ ଡିପୋରେ ପର୍ଯ୍ୟାପ୍ତ ବିୟର ଷ୍ଟକ୍ ରହିଛି। ପ୍ରତିଦିନ ନୂଆ ଷ୍ଟକ୍ ଆସି ଭର୍ତ୍ତି ହେଉଛି । କଟକ ଜିଲ୍ଲାରେ ଏବେ ୧୧୮ଟି ଠିପି ବନ୍ଦ ମଦ ଦୋକାନ ଅଛି। ଅର୍ଥାତ୍ ଯେଉଁ ଦୋକାନରୁ କେବଳ ମଦ କିଣି ନେଇ ଅନ୍ୟତ୍ର ପିଇହେବ । ସେହିପରି ୮୦ଟି ଠିପି ଖୋଲା ମଦ ଦୋକାନ ବା ବାର ରହିଛି। ଯେଉଁଠୁ ମଦ କିଣିବା ପରେ ସେହିଠାରେ ପିଇହେବ । ତେଣୁ ପ୍ରାୟ ୨ ଶହ ମଦ କାଉଣ୍ଟର ପାଇଁ ପ୍ରତିଦିନ ଏବେ ୧ ଲକ୍ଷ ଲିଟରରୁ ଅଧିକ ବିୟର ଆବଶ୍ୟକ ହେଉଛି । ଆଉ ଏହି ଡିମାଣ୍ଡ ପୂରଣ ପାଇଁ ପ୍ୟାକିଂ କମ୍ପାନିରେ ମଧ୍ୟ ଦୁଇ ସିଫ୍ଟରେ କାମ ହେଉଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଗକୁ ଖରା ଆଉ ଦୁଇ ମାସ ରହିଛି । ତେଣୁ ବର୍ତ୍ତମାନ ଭଳି ଏହି ଦୁଇ ମାସରେ ମଧ୍ୟ ସମାନ ସ୍ଥିତି ଲାଗି ରହିବା ଆଶା କରାଯାଉଛି ବୋଲି ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀ ସୂଚନା ଦେଇଛନ୍ତି ।





## — ଖାନନଗର ବ୍ରିଜ୍ ଦୁର୍ଘଟଣାର ଚାଲିଛି କାରଣ ଖୋଜା —

# ଗ୍ରାଉଣ୍ଡ ଜିରୋରେ ୩ ଜଣିଆ କମିଟିର ଖୋଳତାଡ଼

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଖାନନଗର ବ୍ରିଜ୍ ଅଘଟଣରେ ତିନି ତିନି ଜଣଙ୍କ ଜୀବନ ଯିବା ପରେ ଏବେ ଚାଲିଛି ଦୁର୍ଘଟଣାର କାରଣ ଖୋଜା । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶପରେ ଗ୍ରାଉଣ୍ଡ ଜିରୋରେ ଖୋଳତାଡ଼ କରିଛି ୩ ଜଣିଆ କମିଟି । ଏହାପରେ ବୈଷୟିକ ବିଶେଷଜ୍ଞଙ୍କୁ ନେଇ ଗଠିତ ଟିମ୍ ଅଘଟଣର କାରଣ ଖୋଜୁଛି । ତେବେ କେଉଁଠି ରହିଲା ତ୍ରୁଟି, ୨୪ ଘଣ୍ଟା ପରେ ବି ସ୍ୱଷ୍ଟ ହୋଇନାହିଁ । ପୂର୍ତ୍ତମନ୍ତ୍ରୀ କହିଛନ୍ତି, ୧୫ ଦିନ ଭିତରେ ରାଜ୍ୟ ସରକାରଙ୍କୁ ଦିଆଯିବ ତଦନ୍ତ ରିପୋର୍ଟ । କଟକ ଖାନନଗର କାଠଯୋଡ଼ି କୂଳରେ ବ୍ରିଜ୍ ନିର୍ମାଣ ବେଳେ କାହିଁକି ଘଟିଲା ଅଘଟଣ ? ଜଣେ ଇଞ୍ଜିନିୟରଙ୍କ ସମେତ ୩ ଜଣଙ୍କ ମୃତ୍ୟୁ, ୨ ଶ୍ରମିକଙ୍କ ଆହତ ହେବା ପଛରେ ମନୁଷ୍ୟକୃତ ତ୍ରୁଟି ନା ହାଇଡ୍ରଲିକ୍ କ୍ରେନ୍ ଫେଲ୍ ? କାହା ଦାୟିତ୍ୱହୀନତାରୁ କ୍ରେନ୍ ଓଲଟିବା ସହ ଗଳିପଡ଼ିଲା ବିଶାଳକାୟ କଂକ୍ରିଟ୍ ବିମ୍ ? ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଜିଲ୍ଲା ଶ୍ରମ ଅଧିକାରୀ ଓ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଗ୍ରାଉଣ୍ଡ ଜିରୋରେ ତଦନ୍ତ କରିଛନ୍ତି । କଂକ୍ରିଟ୍ ବିମ୍‌କୁ ଉଠାଇବା ପାଇଁ କ୍ରେନର କ୍ଷମତା ଥିଲା ନା ନାହିଁ ? ଦୁଇ କ୍ରେନ୍ ଅପରେଟରଙ୍କ ମଧ୍ୟରେ ନଥିଲା କି ସମନ୍ୱୟ ? ଏକା ସମୟରେ ୨ଟି କ୍ରେନ୍ ବିମ୍‌କୁ ସଠିକ୍ ଭାରସାମ୍ୟ ରଖି ଉଠାଇଥିଲେ ନା ବିଗିଡ଼ି ଯାଇଥିଲା ଭାରସାମ୍ୟ ? ସଠିକ୍ ସମୟରେ ଫେଲ୍ ମାରିଥିଲା କି କ୍ରେନ୍‌ର ହାଇଡ୍ରଲିକ୍ ? ଅଘଟଣ ପରଠୁ ଏଭଳି ସମ୍ଭାବ୍ୟ କାରଣକୁ ଧରି ଖୋଳତାଡ଼ କରୁଛି ୩ ଜଣିଆ ଟିମ୍ । ଯେଉଁ ଶ୍ରମିକମାନେ ଆହତ ହୋଇଛନ୍ତି ଏବଂ ପ୍ରତ୍ୟକ୍ଷଦର୍ଶୀ ଥିଲେ, ସେମାନଙ୍କ ବୟାନ ରେକର୍ଡ କରାଯିବ । ତଦନ୍ତ କମିଟି ମୁଖ୍ୟ ଥିବା କଟକ ଉପଜିଲ୍ଲାପାଳ କହିଛନ୍ତି ଟେକ୍ନିକାଲ୍ ଏକ୍ସପର୍ଟ କମିଟି ସହଯୋଗରେ ତଦନ୍ତ ପ୍ରକ୍ରିୟା ଆଗକୁ ଯିବ । ଆସନ୍ତା ୭ଦିନ ମଧ୍ୟରେ ଜିଲ୍ଲାପାଳଙ୍କୁ ରିପୋର୍ଟ ଦିଆଯିବ । ଖାନ ନଗର ଠାରୁ ବେଲଭ୍ୟୁ ଯାଏଁ ନିର୍ମାଣ ଚାଲିଛି ୬ ଲେନ୍ ବିଶିଷ୍ଟ ରାସ୍ତା । ଭୁବନେଶ୍ୱରର ଏକ ଘରୋଇ ସଂସ୍ଥା- ଏକେଡି କନ୍‌ଷ୍ଟ୍ରକ୍‌ସନ୍ ଏହାର ନିର୍ମାଣ କାର୍ଯ୍ୟ କରୁଛି । ପ୍ରାୟ ଶହେ ଫୁଟ ଲମ୍ବର ଏକ ବିରାଟକାୟ କଂକ୍ରିଟ୍ ସ୍ଲାବ୍‌କୁ ୨ ମୁଣ୍ଡରେ ୨ଟି ହାଇଡ୍ରଲିକ୍ କ୍ରେନ୍ ସହାୟତାରେ ଉଠାଇ ନିର୍ମାଣାଧିନ ବ୍ରିଜ୍‌ର ପିଲାର୍ ଉପରେ ରଖାଯାଉଥିଲା । ଆଖପାଖରେ ଉପସ୍ଥିତ ଥିଲେ ଏକାଧିକ ଇଞ୍ଜିନିୟର, ସୁପରଭାଇଜର ଓ ଶ୍ରମିକ । ଠିକ୍ ଏହି ସମୟରେ ଗୋଟିଏ ପଟ କ୍ରେନ୍ ସହ ଉପରୁ ଗଳିପଡ଼ିଲା ସ୍ଲାବ୍‌ଟି । ଆଉ ଏହାରି ଭିତରେ ଚାପି ହୋଇ ଯୁବ ଇଞ୍ଜିନିୟର ସୌମ୍ୟରଞ୍ଜନ ମଲ୍ଲିକଙ୍କ ସହ ସୁପରଭାଇଜର ଶିବଶଙ୍କର ପଟ୍ଟନାୟକ ଓ ସୁବାସଚନ୍ଦ୍ର ଭକ୍ତ ପ୍ରାଣ ହରାଇଥିବା ବେଳେ ପୁରୀର ଅରୁଣ ବାରିକ ଓ ଆଠଗଡ଼ର ବିକଳ ଜେନା ଗୁରୁତର ଆହତ ହୋଇଛନ୍ତି । ଶବ ବ୍ୟବଚ୍ଛେଦ ପରେ ସୌମ୍ୟରଞ୍ଜନଙ୍କ ମରଶରୀର ସୋର ଥାନା ବାଳଙ୍ଗ ଗାଁରେ ପହଞ୍ଚିଥିଲା । ଏହି ସମୟରେ କାନ୍ଦବୋବାଳିରେ ଫାଟି ଉଠୁଥିଲା ସାରା ଗାଁ । ୨ ବର୍ଷରୁ ଅଧିକ ସମୟ ଧରି ଏକେଡି କନ୍‌ଷ୍ଟ୍ରକସନ୍ ଏଠାରେ ନିର୍ମାଣ କାର୍ଯ୍ୟ କରୁଛି । କାମରେ ବିଳମ୍ବ ନେଇ ଅନେକ ସମୟରେ ଲୋକେ ଅସନ୍ତୋଷ ବି ପ୍ରକାଶ କରିଛନ୍ତି । ତେବେ ଏହି ଅଘଟଣ ପରେ ଏହାକୁ ଗୁରୁତ୍ୱର ସହ ନେଇଛନ୍ତି ରାଜ୍ୟ ସରକାର । ପୂର୍ତ୍ତ ବିଭାଗ ସ୍ୱତନ୍ତ୍ର ସଚିବ, ରାସ୍ତା ନିର୍ମାଣ ମୁଖ୍ୟଯନ୍ତ୍ରୀ ଓ କଟକ ଅତିରିକ୍ତ ଜିଲ୍ଲାପାଳଙ୍କ ୩ ଜଣିଆ ଟିମ୍ ପୁଣି ତଦନ୍ତ କରି ୧୫ ଦିନ ଭିତରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବେ ବୋଲି ପୂର୍ତ୍ତମନ୍ତ୍ରୀ କହିଛନ୍ତି ।

## ଭୁବନେଶ୍ୱର ନ୍ୟୁ ରେଳ ଷ୍ଟେସନ୍‌ରେ ଖୋଲିବ ରିଜରଭେସନ୍ ଟିକେଟ୍ କାଉଣ୍ଟର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଟିକେଟ୍ କାଉଣ୍ଟର ଖୋଲାଯାଉଛି । ଯାତ୍ରୀମାନେ ଏହି ଯାତ୍ରୀ ସଂରକ୍ଷଣ ପ୍ରଣାଳୀ (PRS) ଟିକେଟ୍ କାଉଣ୍ଟରରେ ୧୨.୦୫.୨୦୨୫ ତାରିଖରୁ ଯେକୌଣସି ସ୍ଥାନରୁ ଯେକୌଣସି ସ୍ଥାନକୁ ସଂରକ୍ଷିତ ଟିକେଟ୍ ବୁକ୍ କରିପାରିବେ । ବର୍ତ୍ତମାନ ଭୁବନେଶ୍ୱର ନୂତନ ରେଳ ଷ୍ଟେସନ୍‌ରେ ଗୋଟିଏ ଅଣସଂରକ୍ଷିତ ଟିକେଟ୍ କାଉଣ୍ଟର ଉପଲବ୍ଧ, ଯାହା ୨୪ ଘଣ୍ଟା କାର୍ଯ୍ୟ କରୁଛି । ଭୁବନେଶ୍ୱର ନ୍ୟୁ ଷ୍ଟେସନ୍‌ରେ ରିଜର୍ଭେସନ୍ ଟିକେଟ୍ କାଉଣ୍ଟର ଭୁବନେଶ୍ୱର ମୁଖ୍ୟ ଷ୍ଟେସନ୍‌ରେ ଭିଡ଼ କମ୍ କରିବ ଏବଂ ଉତ୍ତର ଭୁବନେଶ୍ୱର, ଆଠଗଡ଼ ଏବଂ କଟକ ଅଞ୍ଚଳରୁ ଯାତ୍ରା କରୁଥିବା ସଂରକ୍ଷିତ ଯାତ୍ରୀମାନେ ଏହି ଟିକେଟ୍ କାଉଣ୍ଟରରୁ ଅଧିକ ଲାଭ ପାଇବେ । ଏହି PRS ଟିକେଟ୍ କାଉଣ୍ଟର ସପ୍ତାହର ସମସ୍ତ ୬ଟି କାର୍ଯ୍ୟ ଦିବସ ଅର୍ଥାତ୍ ସୋମବାରରୁ ଶନିବାର




ପର୍ଯ୍ୟନ୍ତ ସକାଳ ୮ ଘଣ୍ଟାରୁ ୧୫ ଘଣ୍ଟା (୩ PM) ପର୍ଯ୍ୟନ୍ତ ଖୋଲା ରହିବ । ବର୍ତ୍ତମାନ ୧୧ ଯୋଡ଼ା ଯାତ୍ରୀବାହୀ ଟ୍ରେନ୍ ଭୁବନେଶ୍ୱର ନ୍ୟୁ ଷ୍ଟେସନ୍‌ରେ ରହଣି କରୁଛି ଏବଂ ୧୨ ମଇ ୨୦୨୫ ଠାରୁ ତିନୋଟି ଏକ୍ସପ୍ରେସ୍ ଟ୍ରେନ୍ ଯଥା ୧୧୦୨୦/୧୧୦୧୯ ଭୁବନେଶ୍ୱର-ସିଏସ୍ଏମ୍‌ଟି ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ୍, ୧୭୦୧୫/୧୭୦୧୬ ଭୁବନେଶ୍ୱର-ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ୍ ଏବଂ ୨୨୮୧୯/୨୨୮୨୦ ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର, ଇଣ୍ଟରସିଟି ଏକ୍ସପ୍ରେସ୍, ଭୁବନେଶ୍ୱର ନ୍ୟୁ ଷ୍ଟେସନ୍‌ରୁ ଛାଡିବ ଏବଂ ଭୁବନେଶ୍ୱର ନ୍ୟୁ ଷ୍ଟେସନ୍‌ରୁ ଏଇ ଟ୍ରେନ ଗୁଡ଼ିକର ଯାତ୍ରା ଶେଷ ହବ । ଯାତ୍ରୀମାନଙ୍କୁ ଭୁବନେଶ୍ୱର ନ୍ୟୁ ରେଳ ଷ୍ଟେସନ୍‌ରେ ନୂତନ ପିଆର୍‌ଏସ୍ ଟିକେଟ୍ କାଉଣ୍ଟରର ସୁବିଧା ନେବାକୁ ଅନୁରୋଧ କରାଯାଇଛି । ଭୁବନେଶ୍ୱର ନ୍ୟୁ ଷ୍ଟେସନ୍ ବାରଙ୍ଗ ରେଳ ଷ୍ଟେସନ୍ ନିକଟରେ ଅବସ୍ଥିତ ହୋଇଥିବାରୁ, ବାରଙ୍ଗରେ ଯାତ୍ରୀ ସଂରକ୍ଷଣ ଟିକେଟ୍ କାଉଣ୍ଟର୍ ୧୦.୦୫.୨୦୨୫ ତାରିଖରୁ ବନ୍ଦ ରହିବ ।

# ଏମ୍‌କେସିଜିରେ ୭ ଡାକ୍ତରଙ୍କ ଅନୁପସ୍ଥିତି ଘଟଣା
## କେବଳ ନୋଟିସ୍‌ରେ ସୀମିତ କାର୍ଯ୍ୟାନୁଷ୍ଠାନ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍‌ରେ ଦୀର୍ଘଦିନ ଧରି ୭ ଡାକ୍ତରଙ୍କ ଅନୁପସ୍ଥିତି ପ୍ରସଙ୍ଗ ଏବେ ଜଟିଳ ହେବାରେ ଲାଗିଛି । ଡ଼ା. ଲକ୍ଷ୍ମୀକାନ୍ତ ସୟ, ଡ଼ା. ସୁନିତା ସାହୁ, ଡ଼ା. ବିମରଜିତ୍ ପ୍ରଧାନ, ଡ଼ା. ଏଲ୍. ରବି କୁମାର, ଡ଼ା. ଚଇତାଳି ବୋଷ, ଡ଼ା. ସୁଶ୍ରୀ ସଙ୍ଗୀତା କର ଓ ଡ଼ା. ରାମଚରଣ ଦେଓ ଅନୁପସ୍ଥିତ ଅଛନ୍ତି । ଏହି ଡାକ୍ତରଙ୍କ ମଧ୍ୟରୁ କେତେ ଜଣ ୨୦୧୬ ରୁ ଅନୁପସ୍ଥିତ ଥିବା ବେଳେ ଆଉ କେତେ ଜଣ ୨୦୨୨ ପରଠାରୁ କାର୍ଯ୍ୟରେ ଅନୁପସ୍ଥିତ ରହିଛନ୍ତି । ଡ଼ା. ଲକ୍ଷ୍ମୀକାନ୍ତ ସୟ ୨୦୨୨ ଜାନୁଆରୀରୁ, ଡ଼ା. ସୁନିତା ସାହୁ ୨୦୧୮ ନଭେମ୍ବରରୁ, ଡ଼ା. ବିମରଜିତ୍ ପ୍ରଧାନ ୨୦୧୬ ସେପ୍ଟେମ୍ବରରୁ, ଡ଼ା. ରବି କୁମାର ୨୦୨୦ ଅକ୍ଟୋବରରୁ, ଡ଼ା. ଚଇତାଳି ବୋଷ ୨୦୨୧ ଜୁଲାଇରୁ, ଡ଼ା. ସୁଶ୍ରୀ ସଙ୍ଗୀତା କର ୨୦୨୩ ଜୁଲାଇରୁ ଓ ଡ଼ା. ରାମଚରଣ ଦେଓ ୨୦୧୬ ଅକ୍ଟୋବରରୁ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି ବୋଲି ଭୁବନେଶ୍ୱରର ପ୍ରଦୀପ କୁମାର ପ୍ରଧାନ ନାମକ ବ୍ୟକ୍ତି ମାଗିଥିବା ଆର୍‌ଟିଆଇ ତଥ୍ୟରୁ ଜଣାପଡ଼ିଛି । ଏହି ଡାକ୍ତରମାନେ ସରକାର ଓ ଏମ୍‌କେସିଜି କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଦୀର୍ଘ ଦିନ ଧରି ଛୁଟିରେ ରହିଛନ୍ତି । ଗତ ବର୍ଷ ସ୍ୱାସ୍ଥ୍ୟମନ୍ତ୍ରୀ ବ୍ରହ୍ମପୁର ଏମ୍‌କେସିଜିକୁ ଆସିଥିବା ବେଳେ ଏନେଇ ଅବଗତ କରାଯାଇଥିଲା । ଏମ୍‌କେସିଜି କଲେଜ ଓ ହସ୍‌ପିଟାଲ୍ ପକ୍ଷରୁ ସେମାନଙ୍କୁ ନୋଟିସ୍ ପଠାଯାଇଥିଲା । ମାତ୍ର ଏଯାଏଁ ସମ୍ପୃକ୍ତ ଡାକ୍ତରମାନେ ନୋଟିସ୍‌ର ଉତ୍ତର ରଖିନଥିବା ବିଭାଗ ପକ୍ଷରୁ କୁହାଯାଇଛି । ତେବେ ବିନା ଅନୁମତିରେ କାର୍ଯ୍ୟରେ ଅନୁପସ୍ଥିତ ଥିବାରୁ ସେମାନଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ପ୍ରିନ୍ସପାଲ୍ ଡ଼ିନ୍ ସୁଚିତ୍ରା ଦାସ କହିଛନ୍ତି । ଏନେଇ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର କହିଛନ୍ତି ଦୀର୍ଘ ଦିନ ଧରି ଡାକ୍ତର ଅନୁପସ୍ଥିତ ରହିବା ଏକ ସମ୍ବେଦନଶୀଳ ପ୍ରସଙ୍ଗ । ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି କରାଯାଇ ଦୃଷ୍ଟି ଆକର୍ଷଣ କରାଯାଇଛି । ସେ ଘଟଣାର ତଦନ୍ତ କରି ବିଚାର କରିବେ ବୋଲି କହିଛନ୍ତି । ଭାଜପା ଗଞ୍ଜାମ ଜିଲ୍ଲା ଉପସଭାପତି ରାମକୁମାର ପାତ୍ର କହିଛନ୍ତି, ଡାକ୍ତର ଅନୁପସ୍ଥିତ ଯୋଗୁଁ ସ୍ୱାସ୍ଥ୍ୟସେବାରେ ଅସୁବିଧା ହେଉଛି । ଲୋକଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଉଥିବାରୁ ବୈଦ୍ୟନାଥପୁର ଥାନାରେ ଏନେଇ ଅଭିଯୋଗ କରାଯାଇଛି ବୋଲି ସେ କହିଛନ୍ତି । ଏନେଇ ଆଇଆଇସି ସୁଚିତ୍ରା ପରିଡ଼ା କରିଛନ୍ତି ଯେ, କେବଳ ଅଭିଯୋଗ ପାଇଛୁ । ଡାକ୍ତରମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଆମର କର୍ତ୍ତବ୍ୟ ନାହିଁ । ଜିଲ୍ଲାପାଳ କିମ୍ବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯଦି ନିର୍ଦ୍ଦେଶ ଆସେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି । ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନଙ୍କ କହିବାନୁସାରେ ରାଜ୍ୟର ପ୍ରାୟ ହଜାରରୁ ଊର୍ଦ୍ଧ୍ୱ ଡାକ୍ତର ଏଭଳି ନିଜ କାର୍ଯ୍ୟରେ ଦୀର୍ଘ ଦିନ ଧରି ଅନୁପସ୍ଥିତ ରହିଛନ୍ତି । ସେମାନଙ୍କୁ କେବଳ ନୋଟିସ୍ ଦିଆଯାଇଥିବା କୁହାଯାଉଛି । ଏପରିକି ଇନ୍‌କ୍ୱାରୀ ଚାଲିଛି ଏବଂ ସରକାରଙ୍କୁ ଲେଖି ଜଣାଇଛୁ ବୋଲି ମେଡ଼ିକାଲ୍ କର୍ତ୍ତୃପକ୍ଷ କହୁଛନ୍ତି । ସରକାର ତୁରନ୍ତ ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ୨୦୨୫ ସୁଦ୍ଧା ସରିବ ଚଣ୍ଡୀଖୋଲ-ଡୁବୁରୀ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ

**ଯାଜପୁର, ନ୍ୟୁଜ୍**

ଚଣ୍ଡୀଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ଡିସେମ୍ବର ୨୦୨୫ ମଧ୍ୟରେ ଶେଷ ହେବ । ଚଣ୍ଡୀଖୋଲରୁ ପାଣିକୋଇଲି ଅଭିମୁଖେ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ଉଭୟ ପଟର ଦବି ଯାଇଥିବା ଗୋଟିଏ ଲେଖା ଧାଡି ରାସ୍ତା ମରାମତି ହେବ ବୋଲି ଯାଜପୁର ସଡକ ସୁରକ୍ଷା କମିଟି ବୈଠକରେ ସ୍ଥିର ହୋଇଛି । ଏହି ଦୁଇ ଜାତୀୟ ରାଜପଥର ରାଜ୍ୟରେ ଯଥେଷ୍ଟ ଗୁରୁତ୍ୱ ଥିବାବେଳେ ୫୩ ନମ୍ବର ଜାତୀୟ ରାଜପଥ ନେଇ ଜନ ଅସନ୍ତୋଷ ଜାତୀୟ ସ୍ତରର ପ୍ରସଙ୍ଗ ହୋଇଥିଲା । ୫୩ ନମ୍ବର ଜାତୀୟ ରାଜପଥ ଦୂରାବସ୍ଥା ନେଇ ସର୍ବଦା ସଡକ ସୁରକ୍ଷା କମିଟି ବୈଠକରେ ତିବ୍ର ଅସନ୍ତୋଷ ପ୍ରକାଶ ପାଉଥିଲା । ହେଲେ ଏଥର ସଡକ ସୁରକ୍ଷା କମିଟି ବୈଠକରେ ଭିନ୍ନ ସ୍ୱର ଦେଖିବାକୁ ମିଳିଥିଲା । ଏହି ରାସ୍ତାର ଦୂରାବସ୍ଥା ନୁହେଁ ବରଂ କେବେ ରାସ୍ତା କାର୍ଯ୍ୟ ଶେଷ ହେବ ଏହାର ଚୁଡାନ୍ତ ତାରିଖ ଘୋଷଣା କରିବାକୁ ଦାବି ହୋଇଥିଲା । ଏହାସହ ପ୍ରଥମ ଥର ପାଇଁ ଚଣ୍ଡୀଖୋଲରୁ ପାଣିକୋଇଲି ଅଭିମୁଖେ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ ନିର୍ମାଣରେ ନିମ୍ନମାନର କାର୍ଯ୍ୟ ପାଇଁ ରାସ୍ତା ଦବିଯିବା ଅଭିଯୋଗ ନେଇ ତିବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ବୈଠକ ଆରମ୍ଭ ହେବା ପରେ ସଭ୍ୟ ସତୀଶ ବିଶ୍ୱାଳ ଅଭିଯୋଗ କରିଥିଲେ ଯେ ଚଣ୍ଡୀଖୋଲ-ଡୁବୁରୀ ଜାତୀୟ ରାଜପଥ ମରାମତି କାର୍ଯ୍ୟ ବହୁତ ହେଲା । ବର୍ଷ ବର୍ଷ ଧରି ଅଧାଗଢା ରାସ୍ତା ପାଇଁ ଦୁର୍ଘଟଣାରେ ଲୋକେ ପୋକ ମାଛି ପରି ମଲେ । ଏଣିକି ପଦୁଟିଏ କୁହ, ରାସ୍ତା ସଂପ୍ରସାରଣ କାର୍ଯ୍ୟ କେବେ ଶେଷ କରିବ ? ଏଥିନେଇ ବୈଠକରେ ଗୁରୁତ୍ୱର ସହ ଆଲୋଚନା ହୋଇ ତିବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଏହି ସମସ୍ୟା ନେଇ ଯାଜପୁର ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ଦୀର୍ଘ ସମୟ ଧରି ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ନିର୍ମାଣକାରୀ ସଂସ୍ଥା ଉପରେ ବର୍ଷିଥିଲେ । ଶେଷରେ ପରିସ୍ଥିତିର ବାଧ୍ୟବାଧକତାରେ ଏହି ଜାତୀୟ ରାଜପଥ ଡିସେମ୍ବର ୨୦୨୫ ସୁଦ୍ଧା ଶେଷ କରିବାକୁ ବିଭାଗୀୟ ଅଧିକାରୀ ପ୍ରତିଶୃତି ଦେଇଥିଲେ ।



ଚଣ୍ଡୀଖୋଲ-ଡୁବୁରୀ ଜାତୀୟ ରାଜପଥର ବାସ୍ତବ ସମସ୍ୟା ନେଇ ଜିଲ୍ଲାପାଳଙ୍କ ଆନ୍ତରିକତା ଓ ନିଷ୍ଠାକୁ ପ୍ରଶଂସା କରିଥିଲେ । ଏହି ରାସ୍ତାରେ ଆଦୌ ପାଣି ଛିଞ୍ଚା ହେଉନଥିବାରୁ ରାସ୍ତା ନିର୍ମାଣ ସମୟରେ ରାସ୍ତାରେ ପ୍ରବଳ ଧୂଳି ଉଡିବା ସହ ବିପଦ ଜନକ ପ୍ରଦୂଷଣ ହେଉଛି ବୋଲି ଅଭିଯୋଗ କରିଥିଲେ । ଏଥିପାଇଁ ଦୁଇଚକିଆ ଯାନର ଯାତ୍ରୀମାନେ ନାହିଁନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ଏହାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅସ୍ୱୀକାର କରିଥିଲେ ମଧ୍ୟ ବୈଠକରେ ସର୍ବସମ୍ମତ ଭାବେ ଏହି ଅଭିଯୋଗର ସତ୍ୟତାକୁ ସ୍ୱୀକାର କରାଗଲା । ଏଥିନେଇ ରାସ୍ତା ନିର୍ମାଣକାରୀ ସଂସ୍ଥା ସଚେତନ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଚଣ୍ଡୀଖୋଲରୁ ପାଣିକୋଇଲି ଅଭିମୁଖେ ଯାଇଥିବା ଜାତୀୟ ରାଜପଥର ଉଭୟ ପାର୍ଶ୍ୱର ଡାହାଣ ପଟେ ଥିବା ଗୋଟିଏ ଧାଡି ରାସ୍ତା ସମ୍ପୂର୍ଣ୍ଣ ଦବିଯିବା ଫଳରେ ରାସ୍ତାରେ ଯାବତୀୟ ଦୁର୍ଘଟଣା ଘଟୁଛି । ଏହି ଜାତୀୟ ରାଜପଥର ନିର୍ମାଣ ଶୈଳୀରେ ତ୍ରୁଟି ଏବଂ ବ୍ୟାପକ ଦୁର୍ନୀତି କରାଯାଇଥିବାରୁ ଏଭଳି ଦୁରାବସ୍ଥା ହୋଇଛି ବୋଲି ପ୍ରଥମ ଥର ପାଇଁ ହୋଇଥିବା ଅଭିଯୋଗକୁ ଜୋର୍‌ଦାର୍ ଭାବେ ଉଠାଇଥିଲେ । ଓଭର୍‌ଲୋଡ୍ ଗାଡି ଚଳାଚଳ ପାଇଁ ଏଭଳି ହୋଇଥିବାର ଦର୍ଶାଇ ପ୍ରସଙ୍ଗକୁ ଟାଳି ଦେବାର ଜାତୀୟ ରାଜପଥ ଅଧିକାରୀ ଉଦ୍ୟମ କରିଥିଲେ । ଏଥିନେଇ ଅସନ୍ତୋଷ ପ୍ରକାଶ କରିବା ସହ ଠିକା ସଂସ୍ଥାର ଯୁକ୍ତି ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଦର୍ଶାଇ ଏଭଳି ଯୁକ୍ତିକୁ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ । ଏଥିନେଇ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ଜାତୀୟ ରାଜପଥ ମନ୍ତ୍ରଣାଳୟର ହସ୍ତକ୍ଷେପ ଲୋଡା ଯିବ ବୋଲି କହିଥିଲେ । ଯାଜପୁର ଜିଲ୍ଲାପାଳ ଘଟଣାରେ ହସ୍ତକ୍ଷେପ କରି ଜାତୀୟ ରାଜପଥ ଅଧିକାରୀ ନିଜର ଏହି ଯୁକ୍ତିକୁ ପ୍ରତ୍ୟାହାର କରିଛନ୍ତି ବୋଲି ପ୍ରକାଶ କରିଥିଲେ । ଖୁବ୍‌ଶୀଘ୍ର ଏହି ଜାତୀୟ ରାଜପଥ ମରାମତି କରିବାକୁ ବୈଠକରେ ଉପସ୍ଥିତ ଜାତୀୟ ରାଜପଥ ଅଧିକାରୀ ପ୍ରତିଶୃତି ଦେଇଥିଲେ । ଚଣ୍ଡୀଖୋଲ-ଡୁବୁରୀ ଜାତୀୟ ରାଜପଥରେ ଖୁବ୍ ବିପଦ ଜନକ ବଡ ବଡ ହମ୍ପସ୍ ପାଇଁ ଛୋଟ କାର୍‌ରେ ଯାଉଥିବା ଲୋକେ କାର୍‌ରୁ ଓହ୍ଲାଇବା ପରେ କାର୍‌ଗୁଡିକ ହମ୍ପସ୍ ପାର ହେଉଛନ୍ତି । ନଚେତ୍ ଉକ୍ତ କାର୍‌ଗୁଡିକ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି । ସରକାରଙ୍କ ବଧି ବ୍ୟବସ୍ଥା ଅନୁସାରେ ହମ୍ପସ୍ କରାଯିବାକୁ ସତୀଶ ଦାବି କରିଥିଲେ । ପୋଲିସ ସହାୟତାରେ ଆଇନ୍ ଅନୁସାରେ ହମ୍ପସ୍ ନିର୍ମାଣ କରିବାକୁ ଯାଜପୁର ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଚଣ୍ଡୀଖୋଲ ଛକର ବିଭିନ୍ନ ପ୍ରକାର ଟ୍ରାଫିକ୍ ସମସ୍ୟା ନେଇ ଚଣ୍ଡୀଖୋଲ ଟ୍ରକ୍ ମାଲିକ ସଂଘ ତରଫରୁ ଏବଂ ଯାଜପୁରର କେତେକ ବିପର୍ଯ୍ୟସ୍ତ ରାସ୍ତା ନେଇ ଯାଜପୁର ଟ୍ରକ୍ ଓ ବସ୍ ମାଲିକ ସଂଘର ପ୍ରତିନିଧିମାନେ ଅଭିଯୋଗ କରିଥିଲେ । ଚଣ୍ଡୀଖୋଲରୁ କଟକ ଅଭିମୁଖେ ଯାଇଥିବା ଜାତୀୟ ରାଜପଥରରେ ୪ କିଲୋମିଟର ଦୂରରେ ଗଣସା ଠାରେ ଖୁବ୍‌ଶୀଘ୍ର ଟ୍ରକ୍ ପାର୍କିଂ ବ୍ୟବସ୍ଥା କରାଯିବ ବୋଲି ସ୍ଥିର ହୋଇଛି । ଚଣ୍ଡୀଖୋଲ ଆର୍‌ଟିଓ ସମ୍ବିତ କୁମାର ବୈଠକରେ ସଂଯୋଜନା କରିଥିଲେ । ଏଥିରେ ବିଭିନ୍ନ ଜାତୀୟ ରାଜପଥ ବିଭାଗର ବହୁ ଅଧିକାରୀଙ୍କ ସହ ବହୁ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ । ଯାଜପୁର ପୋଲିସ ତରଫରୁ ଏସ୍‌ଡିପିଓ ପ୍ରଶାନ୍ତ ମାଝୀ ଯୋଗଦେଇ ସଡକ ସୁରକ୍ଷା ପାଇଁ ବିଭିନ୍ନ କ୍ଷେତ୍ରରେ ଆବଶ୍ୟକ ପୋଲିସ ସହଯୋଗ ପ୍ରଦାନ କରିବ ବୋଲି ମତ ପ୍ରକାଶ କରିଥିଲେ ।

## ଫେରାର୍ ଦାଦନ ସର୍ଦ୍ଦାର ଗିରଫ

**ବେଲପଡ଼ା, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ବେଲପଡ଼ା ପୋଲିସ ବୁଧବାର ଦିନ ଜଣେ ଫେରାର ଦାଦନ ସର୍ଦ୍ଦାରକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସର୍ଦ୍ଦାର ଜଣକ ବେଲପଡ଼ା ଥାନା ବେହେରାମୁଣ୍ଡା ଗାଁର ଧନମତ ଓରଫ ଧର୍ମେନ୍ଦ୍ର ବାଗ (୩୫) ବୋଲି ଜଣାପଡ଼ିଛି । ସେ ୨୯.୧୧.୨୪ ତାରିଖ ଭୋରରେ ମୁଣ୍ଡାଗାଁ ଏବଂ ଭରୁଆମୁଣ୍ଡା ଗାଁର ୭ ଜଣ ଶ୍ରମିକଙ୍କୁ ରାଜ୍ୟ ବାହାରକୁ ଚାଲାଣ କରୁଥିଲେ । ଏହି ସମୟରେ ପୋଲିସ ଖବରପାଇ ରାସ୍ତାରୁ ଶ୍ରମିକଙ୍କୁ ଉଦ୍ଧାର କରିଥିଲା । ତେବେ ଘଟଣା ପରେ ସର୍ଦ୍ଦାର ଧର୍ମେନ୍ଦ୍ର ଫେରାର୍ ଥିଲା । ୮ ମାସ ପରେ ତାକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ଏସ୍‌ଆଇ ନିରଞ୍ଜନ ପଧାନ ସୂଚନା ଦେଇଛନ୍ତି ।

## — ଯୀଶୁଙ୍କ ଧର୍ମବାଣୀ ସଭାକୁ ନେଇ ଚାପା ଉତ୍ତେଜନା —

# ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି: ୨ ପ୍ଲାଟୁନ୍ ଫୋର୍ସ ମୁତୟନ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡିବନ୍ଧ ବ୍ଲକ ବେଲଘର ନିକଟସ୍ଥ ଝାଲିପଡା ଠାରେ ଦୁଇ ଦିନିଆ ଯୀଶୁ ଖ୍ରୀଷ୍ଟଙ୍କ ଧର୍ମବାଣୀ ସଭାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖାଦେଇଛି । ବୁଧବାର ଠାରୁ ଏହା ଆରମ୍ଭ ହୋଇଥିବା ବେଳେ ଏହି ସଭାକୁ ପଞ୍ଜାବରୁ ଧର୍ମ ଜାଜକ କିଶୋର ସାଗର ଓ ରାୟଗଡାରୁ ଇସ୍ରାଇଲ୍ କୋଷଲା ଆସି ଧର୍ମବାଣୀ ପ୍ରଦାନ କରିଥିଲେ । ସ୍ଥାନୀୟ କର୍ଣ୍ଣେଲିୟ ନାୟକ ସଭା ପରିଚାଳନା କରିଥିବା ବେଳେ ବନାମ୍ର ନାୟକ ସହଯୋଗ କରିଥିଲେ । ଉତ୍ତେଜନାକୁ ଆଖି ଆଗରେ ରଖି ସଭା ସ୍ଥଳରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଜେନା, ବାଲିଗୁଡା ଉପ




ଜିଲ୍ଲାପାଳ କାର୍ଯ୍ୟାଳୟର ଅତିରିକ୍ତ ଜିଲ୍ଲାପାଳ ଧୀରଜ ପାତ୍ର, ତହସିଲଦାରଙ୍କ ସମେତ ଡିଏସ୍‌ପି ଗୋବିନ୍ଦ ଚନ୍ଦ୍ର ବୁର୍ଦ୍ଦା, ଅରୁଣ କୁମାର ନାୟକ, ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ସମେତ ଦୁଇ ପ୍ଲାଟୁନ୍ ଫୋର୍ସ ମୃତୟନ ହୋଇଥିଲେ । ଘଟଣାକୁ ନଜରରେ ରଖି କନ୍ଧମାଳ ଏସ୍‌ପି ହରିଶ ବିଶି ଓ ବାଲିଗୁଡା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ ପହଞ୍ଚି ସ୍ଥାନୀୟ ସରପଞ୍ଚ ସମେତ ଗୁମା ସରପଞ୍ଚ ବିଲାମାଳ ସମେତ ଅଞ୍ଚଳର ୪୦ ରୁ ୫୦ ବ୍ୟକ୍ତିଙ୍କୁ ଡାକି ବୁଝା ସୁଝା କରିଥିଲେ । ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ନଜଣାଇ କିଭଳି ପ୍ରଶାସନ ଅନୁମତି ଦେଲା ତାହା ଲୋକ ଦୋହୋରାଇବା ସହ ଅପ୍ରୀତିକର ବାତାବରଣ ସୃଷ୍ଟି ହେଲେ ପ୍ରଶାସନ ଦାୟୀ ରହିବ ବୋଲି କହିଥିଲେ । କଡା ସୁରକ୍ଷା ମଧ୍ୟରେ ଧର୍ମ ସଭା ଶେଷ ହୋଇଥିବା ସ୍ଥାନୀୟ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ପଟି କହିଛନ୍ତି । ବେଲଘର ଅଞ୍ଚଳରେ ଆଦିମ ଜନଜାତି କୁଟିଆ ଜନଜାତି ସମ୍ପ୍ରଦାୟର ଲୋକ ବସବାସ କରନ୍ତି । ଏହା ସହ ସାଧାରଣବର୍ଗ ଓ ଅନୁସୂଚିତ ଜାତି ଲୋକ ମିଳିତ ଭାବେ ବିଭିନ୍ନ ଯାନିଯାତ୍ରା କରୁଥିବାବେଳେ କିଛି ବିଦେଶୀ ବ୍ୟକ୍ତି ଅଞ୍ଚଳରେ ପ୍ରବେଶ କରି ସରଳ ଲୋକଙ୍କୁ ପ୍ରଲୋଭନ ଦେଖାଇ ଧର୍ମାନ୍ତିକରଣ କରାଉଥିବାକୁ ଦେଖାଦେଇଛି ଚାପା ଉତ୍ତେଜନା । ସ୍ଥାନୀୟ ବେଲଘର ସରପଞ୍ଚ ଗୋବିନ୍ଦ ମାଝି ଗୁମା ସରପଞ୍ଚ ସଞ୍ଜୁ ମାଝି, ବିଲାମାଳ ସରପଞ୍ଚ ବାବିତା ମାଝି, ଝିରିପାଣି ସରପଞ୍ଚ, ଅଭିଯୋଗ କରିଛନ୍ତି । ଏହି ଅଞ୍ଚଳରେ ଲୋକେ ଡିମ୍ବୁଲି, ଶ୍ରମ୍ବୁଲି ଓ ସପାଙ୍ଗଡା ପ୍ରକୃତିକୁ ପୂଜା କରନ୍ତି । କିନ୍ତୁ କିଛି ବର୍ଷ ହେବ ବିଦେଶୀ ଶକ୍ତି ପ୍ରବେଶ କରି ଲୋକଙ୍କୁ ପ୍ରଲୋଭନ ଦେଖାଇ ବି ଧର୍ମକୁ ନେଇଯାଉଛନ୍ତି ଯାହାକୁ ନେଇ ସେମାନଙ୍କ ଧରଣୀ ପେନୁ ପୂଜା ସ୍ଥଳକୁ ନଷ୍ଟ କରିଦେଉଛନ୍ତି । ଏହି ଅଞ୍ଚଳରେ ୯୦ ଭାଗରୁ ଊର୍ଦ୍ଧ୍ୱ ଆଦିମ ଜନଜାତି ରହୁଥିବା ବେଳେ ୧୦ ଭାଗ ଅନ୍ୟ ସମ୍ପ୍ରଦାୟର ମାତ୍ର କିଛି ବର୍ଷ ହେବ ୨୦ ରୁ ୨୫ ପରିବାର ଧର୍ମ ପରିବର୍ତ୍ତନ କରିଛନ୍ତି । ଏତିକି ସମୟରେ ଏଠାକାର ଲୋକ ଶାନ୍ତିପୂର୍ଣ୍ଣ ରହିଥିବା ବେଳେ କାହାରୀକୁ ନପଚାରି ପ୍ରଶାସନ ଯୀଶୁଖ୍ରୀଷ୍ଟଙ୍କ ଧର୍ମବାଣୀ ସଭାକୁ ମଞ୍ଜୁରୀ ଦେବାକୁ ନେଇ ଉଠିଛି ପ୍ରଶ୍ନ । ବିଗତ ଦିନରେ ଜିଲ୍ଲା ପ୍ରଶାସନ ରୁଷିମାଳ ପର୍ବତରେ ୩ ଦିନିଆ କାର୍ଯ୍ୟକ୍ରମକୁ ୩ ଦିନ ଅନୁମତି ଦେଇଥିବାବେଳେ ୨ ଦିନରେ କରିବାକୁ ଚାପ ସୃଷ୍ଟି କରିଥିବା କହିଛନ୍ତି ଧର୍ମ ଜାଗରଣ ସମୁଖ୍ୟ ସଦସ୍ୟମାନେ ।




## ୧୦୦୦ ଲିଟର ଚୋରା ମଦ ଓ ବାଇକ୍ ଜବତ: ୮ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଢଉ କରି ବ୍ୟାପକ ଚୋରା ମଦ ଜବତ କରିବା ସହ ୮ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ପଟ୍ଟାମୁଣ୍ଡାଇ ଟାଉନ୍, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ, ରାଜକନିକା, ଆଳି, ମହାକାଳପଡ଼ା ଓ ଜମ୍ବୁ ମେରାଇନ୍ ଥାନା ଅଧିନସ୍ତ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ସାନବଡ ବସନ୍ତ ଗ୍ରାମର ରମାକାନ୍ତ ସେଠୀଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ, ତିଗିରିଆ ଗ୍ରାମର ଅନନ୍ତ ମଲିକଙ୍କ ଠାରୁ ୩୫ ଲିଟର ବିଦେଶୀ ମଦ ସହିତ ଗୋଟିଏ ମୋଟର ସାଇକଲ, ପାଟୁଳି ଗ୍ରାମର ନିରଞ୍ଜନ ସାହୁଙ୍କ ଠାରୁ ୪୦ ଲିଟର ଦେଶୀ ମଦ, ପଡିନିପାଳ ଗ୍ରାମର ପ୍ରଭାକର ମଲିକଙ୍କ ଠାରୁ ୩୦ ଲିଟର ବିଦେଶୀ ମଦ, ଅହମଦପୁର ଗ୍ରାମର ବାବାଜି ମଲିକଙ୍କ ଠାରୁ ୨୦ ଲିଟର ଦେଶୀ ମଦ, ବାହାର ଶୁବାଳା ଗ୍ରାମର ରମେଶ ଚନ୍ଦ୍ର ରାଉତଙ୍କ ଠାରୁ ୪୫ ଲିଟର ବିଦେଶୀ ମଦ, ବାରିଆ ବାଲିବତ ଗ୍ରାମର ସୁର ସାମଲଙ୍କ ଠାରୁ ୮୫୦ ଲିଟର ରନ୍ଧା ମଦ ଏବଂ ବାଲିବତା ଗ୍ରାମର ଅଜୟ ସାମଲଙ୍କ ଠାରୁ ୪୫୦ ଲିଟର ଦେଶୀ ମଦ ଜବତ କରି ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପାଖରୁ ସମୁଦାୟ ୧୪୯୫ ଲିଟର ବିଦେଶୀ, ଦେଶୀ ଓ ରନ୍ଧା ମଦ ଜବତ କରାଯାଇ ୮ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧିକ୍ଷକ, କେନ୍ଦ୍ରାପଡ଼ା କହିଛନ୍ତି । ଏହି ଚଢଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଲ୍ଲିକ, ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ, ଛାୟାକାନ୍ତ ନାୟକ, ନରେଶ କୁମାର ପଣ୍ଡା ଏବଂ ଅନ୍ୟ କର୍ମଚାରୀ ସାମିଲ୍ ଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୯।୫।୨୦୨୫, ବୈଶାଖ ଦ୨୬ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୧୪।୧୭** **ଚନ୍ଦ୍ରୋଦୟ- ଦିଘ ୩।୩୨।୫୨**

**ଦ୍ୱାଦଶୀ-** ଦିଘ ୨।୫୬ ପର୍ଯ୍ୟନ୍ତ । **ହସ୍ତା ନକ୍ଷତ୍ର -** ରାଘ ୧୨।୦୯ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ଦିଘ ୨।୫୬ ଗତେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୭ ଗତେ ଘ ୬।୦୯ ମଧ୍ୟେ । ଦିଘ ୧୨।୦୯ ଗତେ ଘ ୨।୪୩ ମଧ୍ୟେ । **ପର୍ବୋତ୍ସବ-** ରବୀନ୍ଦ୍ରନାଥ ଠାକୁର ଜୟନ୍ତୀ ।

**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଘରେ କଳହ ଦେଖାଦେଇପାରେ । ବନ୍ଧୁଙ୍କ ସହ ମତାନ୍ତର ଓ ଅସହଯୋଗ ଦେଖାଦେବ ।

**ବୃଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅସହଯୋଗ ଦେଖାଦେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଅଶାନ୍ତିର ବାତାବରଣ ରହିବ । ମାନସିକ ଅଶାନ୍ତି ମନକୁ ଭାରାକ୍ରାନ୍ତ କରିବ ।

**ମିଥୁନ:** ଆୟ ଯୋଗର ସମ୍ଭାବନା । ଶତ୍ରୁ ନାଶ ହେବେ । ଦେହ ଓ ମନ ଭଲ ରହିବ । ପରୋପକାରୀ ହେବେ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ମହିଳାମାନେ ସୁଖୀ ହେବାର ସୂଚନା ।

**କର୍କଟ:** ଶରୀରରେ ସାମାନ୍ୟ ପୀଡ଼ା ଦେଖାଦେଇପାରେ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ରୋଜଗାର ଭଲ ହେବ । ଦୂରଯାତ୍ରା କରି ସଫଳତା ହାସଲ କରିବେ ।

**ସିଂହ:** ଶୁଭ ଖବର ପାଇ ଆନନ୍ଦିତ ହେବେ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ ।

**କନ୍ୟା:** ଆଜି ଆପଣଙ୍କର ଦିନଟି ଆନନ୍ଦରେ କଟିବ । ବ୍ୟବସାୟରେ ଲାଭବାନ୍ ହେବେ । ରୋଜଗାରର ପରିମାଣ ବଢ଼ିବ । ଘରେ ଆନନ୍ଦ ଦେଖାଦେବ । ବନ୍ଧୁଙ୍କ ସହ ଆମୋଦ ପ୍ରମୋଦରେ ଦିନଟି କଟିପାରେ ।

**ତୁଳା:** ଦୂର ସ୍ଥାନକୁ ଯିବା ପାଇଁ ବାଧ ହେବେ । ଆର୍ଥିକ କ୍ଷେତ୍ରରେ ଉନ୍ନତି ଘଟିବ । ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଘରେ ଆନନ୍ଦ ଦେଖାଦେବ । ମହିଳାମାନେ ସୁଖୀ ହେବେ ।

**ବିଛା:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । ମାନସିକ ଶାନ୍ତି ଅବ୍ୟାହତ ରହିବ । ଅଟକି ରହିଥିବା କାର୍ଯ୍ୟଟି ସମ୍ପୂର୍ଣ୍ଣ ହେବ । ଶରୀର ସୁସ୍ଥ ରହିବ । ଆୟ ଓ ବ୍ୟୟ ସମାନ ରହିବାର ସୂଚନା ।

**ଧନୁ:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମିଳିବନାହିଁ । ମାନସିକ ଅଶାନ୍ତି ମନକୁ ବିଚଳିତ କରିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ ।

**ମକର:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ପରୋପକାର କରି ଆନନ୍ଦିତ ହେବେ । ମନ ଭଲ ରହିବ । ରୋଜଗାର ଭଲ ହେବ । ଘରେ ଶାନ୍ତି ଲାଭ ହେବ ।

**କୁମ୍ଭ:** କର୍ମକ୍ଷେତ୍ରରେ ଆତ୍ମ ସନ୍ତୋଷ ଲାଭ କରିବେ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଆୟ ମଧ୍ୟମ ଧରଣର ହେବ । ଦେବ ଦର୍ଶନ ସହତ ସେବା ପୂଜାର ସୁଯୋଗ ମଧ୍ୟ ଜୁଟିପାରେ ।

**ମୀନ:** ସାମାଜିକ ସ୍ତରରେ ମାନ ସମ୍ମାନ ବଢ଼ିବ । କର୍ମକ୍ଷେତ୍ରରେ ଶୁଭଫଳ ପାଇବେ । ପାରିବାରିକ ଶାନ୍ତି ମିଳିବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ପିଲାମାନେ ପଢ଼ାପଢ଼ିରେ ମନ ଦେବେ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୦।୫।୨୦୨୫, ବୈଶାଖ ଦ୨୭ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୧୩।୪୮** **ଚନ୍ଦ୍ରୋଦୟ- ଦିଘ ୪।୨୧।୧୩**

**ତ୍ରୟୋଦଶୀ-** ସଂଘ ୫।୩୦ ପର୍ଯ୍ୟନ୍ତ । **ଚିତ୍ରା ନକ୍ଷତ୍ର -** ରାଘ ୩।୧୫ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ଦିଘ ୧।୪୨ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । ଦିଘ ୧।୪୨ ଗତେ ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର । ଦିଘ ୧।୪୨ ମଧ୍ୟେ । **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ସଂଘ ୫।୩୦ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୦୬ ଗତେ ଘ ୧୨।୫୯ ମଧ୍ୟେ । ରାଘ ୮।୨୩ ଗତେ ଘ ୧୦।୩୬ ମଧ୍ୟେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଚଳିତବର୍ଷ ଭାରତୀୟ ଅର୍ଥବ୍ୟବସ୍ଥା ୬.୫% ଏବଂ ୬.୭% ବଢ଼ିବ

ଆମେରିକାର ଟାରିଫ୍ ଯୋଗୁ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଉପରେ ସିଧାସଳଖ ପ୍ରଭାବ ରହିବ ୦.୨%ରୁ ୦.୫% । ଅର୍ଥ ସଚିବ ଅଜୟ ସେଠ୍ ଏହା ପ୍ରକାଶ କରିଛନ୍ତି। ଶ୍ରୀ ସେଠ୍ କହିଲେ ଯେ, ଚଳିତ ଆର୍ଥିକବର୍ଷ ଭାରତୀୟ ଅର୍ଥନୀତି ପ୍ରାୟ ୬.୫% ବଢ଼ିପାରେ । ବର୍ତ୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି ଆଇଏମ୍ଏଫ୍ ଏବଂ ବିଶ୍ୱ ବ୍ୟାଙ୍କ ମଧ୍ୟ ଭାରତର ଜିଡିପି ଅଭିବୃଦ୍ଧି ଅନୁମାନକୁ ଖସାଇଛନ୍ତି । ଏପ୍ରିଲରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏହାର ଅଭିବୃଦ୍ଧି ଅନୁମାନକୁ ୬.୫%କୁ ଖସାଇଥିଲା । ପୂର୍ବରୁ ଏହାର ଆକଳନ ଥିଲା ୬.୭% । ଆମେରିକାର ଟାରିଫ୍ ନୀତି ବିତ୍ତୀୟ ବଜାରଗୁଡ଼ିକୁ ପ୍ରଭାବିତ କରିଛି । ଏହା ମଧ୍ୟ ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଭାବିତ କରିବ ବୋଲି ଅନୁମାନ କରିଛନ୍ତି ବିଶେଷଜ୍ଞ । ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍) ଏବଂ ବିଶ୍ୱ ବ୍ୟାଙ୍କ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଭାରତର ଅଭିବୃଦ୍ଧି ଅନୁମାନକୁ ଯଥାକ୍ରମେ ୬.୨% ଏବଂ ୬.୩%କୁ ଖସାଇଛନ୍ତି । ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା ଏବଂ ବାଣିଜ୍ୟିକ ଅସ୍ଥିରତା ମଧ୍ୟରେ ଉଭୟ ପ୍ରତିଷ୍ଠାନ ସଂଶୋଧିତ ଆକଳନ କରିଛନ୍ତି । ଜାନୁଆରୀରେ ଆଇଏମ୍ଏଫ୍ ଏବଂ ବିଶ୍ୱବ୍ୟାଙ୍କ ଆକଳନ କରିଥିଲେ ଯେ, ଚଳିତ ଆର୍ଥିକବର୍ଷ ଭାରତୀୟ ଅର୍ଥବ୍ୟବସ୍ଥା ଯଥାକ୍ରମେ ୬.୫% ଏବଂ ୬.୭% ବଢ଼ିବ ।

# ସବୁଜ ହତ୍ୟା ବିନାଶର କାରଣ



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)
ଗଙ୍ଗୋତ୍ରୀ ନଗର
ଶରୋଡ ନଂ-୩,
ଶିଶୁପାଳଗଡ
ମୋ-୪୩୭୯୯୪୩୭୯

ମଣିଷ ସମାଜର କଲ୍ୟାଣ ତଥା ପରିବେଶ ସୁରକ୍ଷା ପାଇଁ 'ଗଛ ଲଗାଅ, 'ଜଙ୍ଗଲ ବଞ୍ଚାଅ, ପିଲାଟିଏ ଗଛଟିଏ' ଏବଂ ଜଙ୍ଗଲ ସୁରକ୍ଷା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସ୍ଲୋଗାନ ଦେଉଥିବାବେଳେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)କୁ କେନ୍ଦ୍ର ସରକାର ପ୍ରଦାନ କରିଥିବା ରିପୋର୍ଟରେ ଦେଶରେ ଜଙ୍ଗଲ ଜମିର ଦୟନୀୟ ଚିତ୍ରକୁ ପ୍ରଦର୍ଶିତ କରିଛି। ଏନଜିଟିକୁ ପ୍ରଦାନ କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ, ଦେଶର ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ୧୩,୦୦୦ ବର୍ଗ କିଲୋମିଟରରୁ ଅଧିକ ଜଙ୍ଗଲ ଜମି ଏବେ ଜବରଦଖଲରେ ରହିଛି। ଯାହାକି ଦିଲ୍ଲୀ, ସିକିମ୍ ଓ ଗୋଆ ଆଦି ରାଜ୍ୟର ମୋଟ ପରିସୀମା ବା ଆୟତନ ଠାରୁ ଅଧିକ। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଜଙ୍ଗଲ ଜମି ଜବରଦଖଲ ଦିନକୁ ଦିନ ବୃଦ୍ଧି ପାଇଥିବାବେଳେ ଅବକ୍ଷୟ ମଧ୍ୟ ବଢିଚାଲିଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, କେବଳ ମଧ୍ୟପ୍ରଦେଶରେ ୫୬୪୦.୯ ବର୍ଗ କିମି ଜଙ୍ଗଲ ଜମି ଜବରଦଖଲରେ ରହିଥିବାବେଳେ ଏହା ପଛକୁ ରହିଛି ଆସାମ। ସେହିପରି କର୍ଣ୍ଣାଟକ, ମହାରାଷ୍ଟ୍ର, ଅରୁଣାଚଳ ପ୍ରଦେଶ, ଉତ୍ତରପ୍ରଦେଶ ଏବଂ ଝାଡଖଣ୍ଡ ଜଙ୍ଗଲ ଜମି ମଧ୍ୟ କମ୍ ନୁହେଁ। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ସମେତ ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଏବେ ବି ଜଙ୍ଗଲ ଜମି ଅବରୋଧ ନେଇ ରିପୋର୍ଟ ପ୍ରଦାନ କରିନଥିବା କୁହାଯାଏ। ଦ୍ରୁତ ଶିଳ୍ପାୟନ, ସଡକ ପଥର ବିକାଶ, ନୂତନ ବସତି ପ୍ରତିଷ୍ଠା, ରେଳପଥ, ଜଙ୍ଗଲପୋଡି ଏବଂ ଆଖିବୁଜା ବୃକ୍ଷ କାଟ ଯୋଗୁଁ କେବଳ ଜଙ୍ଗଲ କ୍ଷୟ ହେଉନାହିଁ, ଜଙ୍ଗଲ ଜମିର ଅବକ୍ଷୟ ବଢିଚାଲିଛି। ଉଦାହରଣ ସ୍ୱରୁପ ଗ୍ରେଟ ନିକୋବର ଦ୍ୱୀପରେ କେନ୍ଦ୍ର ସରକାରଙ୍କର ୮୦ହଜାର କୋଟି ଟଙ୍କାର ନୂତନ ପ୍ରକଳ୍ପ ଯୋଗୁଁ ବିଷୁବ ମଣ୍ଡଳର ୧୩୦ବର୍ଗ କିମି ଜଙ୍ଗଲ ଜମି ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦିଆଯାଇଛି। ତେଲେଙ୍ଗାନା ବର୍ତ୍ତମାନ ସୁଦ୍ଧା ଜଙ୍ଗଲ ଜମି ଜବରଦଖଲର ରିପୋର୍ଟ ଦେଇନଥିବା ବେଳେ ନିକଟରେ ଜଙ୍ଗଲ ଜମିରେ ଏକ ବୃହତ ପ୍ରକଳ୍ପ, ନିର୍ମାଣ ପାଇଁ କ୍ଲିଆରାନ୍ସ ଦେଇଛି। କେବଳ ତେଲେଙ୍ଗାନା ନୁହେଁ, ଦେଶର ବହୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଦ୍ରୁତ ଶିଳ୍ପାୟନ ତଥା ମେଗା ପ୍ରୋଜେକ୍ଟ, ରେଳପଥ, ସଡକ ପଥ ନିର୍ମାଣ ପ୍ରସ୍ତାବ ରହିଛି। ଯାହା ବିକାଶର ବାର୍ତ୍ତା ବହି ପରିବେଶ ବା ଜଙ୍ଗଲ ଜମି କ୍ଷୟର ଦ୍ୱାହି ଦେଇ ଜଙ୍ଗଲ ଜମିରେ ନିର୍ମାଣକୁ ରୋକାଯିବା ସମ୍ଭବ ନୁହେଁ। ସେହିପରି ନୂଆ ବସତି ସ୍ଥାପନ ଏବେ ଜଙ୍ଗଲ କ୍ଷୟର ଆଉ ଏକ ମୁଖ୍ୟ କାରଣ ଭାବେ ଉଭା ହୋଇଛି। ନିଜର ଭୋଟବ୍ୟାଙ୍କ ପାଇଁ କୌଣସି ସରକାର ବା ରାଜନୈତିକ ଦଳ ଜଙ୍ଗଲ କ୍ଷୟ ରୋକିବାକୁ ଆଗ୍ରହୀ ନଥିବା କୁହାଯାଇପାରେ। ଏହା ନିଃସନ୍ଦେହ ଯେ, ଦେଶରେ ଜଙ୍ଗଲ କ୍ଷୟର ଆଉ ଏକ ମୁଖ୍ୟ କାରଣ ହେଉଛି, ଜଙ୍ଗଲ ପୋଡି ବା ଜଙ୍ଗଲ ଅଗ୍ନିକାଣ୍ଡ। ସାଧାରଣତଃ ଖରାଦିନ ଆସିଲେ ଆମ ଦେଶରେ ଜଙ୍ଗଲରେ ଅଗ୍ନିକାଣ୍ଡ ଏକ ନିୟମିତ ଘଟଣାରେ ପରିଣତ ହୋଇଛି। ଜଙ୍ଗଲ ଜମି ଜବରଦଖଲ, ଜଙ୍ଗଲ ଜମିରେ ଚାଷ, କାଠ ସଂଗ୍ରହ ପାଇଁ ଜଙ୍ଗଲ ପୋଡି ଘଟୁଛି। ଚଳିତ ବର୍ଷ ଖରାଦିନ ଆରମ୍ଭରେ ଆମ ରାଜ୍ୟରେ ୭୦୦ରୁ ଊର୍ଦ୍ଧ୍ୱ ଜଙ୍ଗଲରେ ନିଆଁ ଲାଗି ଥିବାବେଳେ ଦୁଇବର୍ଷ ପୂର୍ବେ ଏସିଆ ମହାଦେଶର ସର୍ବବୃହତ ଅଭୟାରଣ୍ୟରେ ଅଗ୍ନିକାଣ୍ଡ କେବଳ ଆମ ରାଜ୍ୟରେ ନୁହେଁ, ସମଗ୍ର ଦେଶ ପାଇଁ ଉଦ୍‌ବେଗର କାରଣ ଥିଲା। ଗ୍ଲୋବାଲ ଫରେଷ୍ଟୱାଚ ମନିଟରିଂ ପ୍ରୋଜେକ୍ଟ ପକ୍ଷରୁ ଅନୁଷ୍ଠିତ ସର୍ବେକ୍ଷଣ ଅନୁସାରେ ୨୦୦୧ରୁ ୨୦୨୨ ମଧ୍ୟରେ ନିଆଁଲାଗି ଓଡିଶାର ସର୍ବାଧିକ ଜଙ୍ଗଲ ନଷ୍ଟ ହୋଇଥିବା ବେଳେ ବାର୍ଷିକ ହାରାହାରି ୨୩୮ ହେକ୍ଟର ଜଙ୍ଗଲ ନଷ୍ଟ ହେବା ସହ ଜଙ୍ଗଲ ଜମିର ଅବକ୍ଷୟ ଘଟିଥିବା କୁହାଯାଇଛି। ସେହିପରି ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଦେଶରେ ୨୦୦୦ରୁ ୨୦୨୩ ମଧ୍ୟରେ ପ୍ରାୟ ୨୩.୩ ଲକ୍ଷ ହେକ୍ଟର ଜଙ୍ଗଲ ଜମି ନଷ୍ଟ ହୋଇଛି ଯାହାକି ସମଗ୍ର ବିଶ୍ୱରେ ନଷ୍ଟ ଜଙ୍ଗଲର ୬ପ୍ରତିଶତ। ଉପଗ୍ରହ ଓ ଅନ୍ୟ ଉତ୍ସ ସହାୟତାରେ ଜଙ୍ଗଲ ପରିବର୍ତ୍ତନ ଉପରେ ନଜର ରଖିଥିବା ଗ୍ଲୋବାଲ ଫରେଷ୍ଟ ୱାଚ ସୂଚନା ଅନୁଯାୟୀ ୨୦୦୨ରୁ ୨୦୨୩ ମଧ୍ୟରେ ଭାରତରେ ୪,୧୪,୦୦୦ହଜାର ଆର୍ଦ୍ର ଜଙ୍ଗଲ (୪.୧ ପ୍ରତିଶତ) ନଷ୍ଟ ହୋଇଥିବାବେଳେ ଏହି ଅବଧି ମଧ୍ୟରେ ବିଶ୍ୱବ୍ୟାପୀ ନଷ୍ଟ ହୋଇଥିବା ଜଙ୍ଗଲର ଏହା ୧୮ପ୍ରତିଶତ। ଏହା ନିଃସନ୍ଦେହ ଯେ, ଏବେ ଯେଉଁ ହାରରେ ଦେଶରେ ଜଙ୍ଗଲ ଜମି ଜବରଦଖଲ ଓ ନଷ୍ଟ ହେଉଛି, ତାହା ବର୍ତ୍ତମାନଠାରୁ ରୋକାନଗଲେ, ଭବିଷ୍ୟତରେ କେବଳ ମାନବ ସମାଜ ନୁହେଁ ସମଗ୍ର ସୃଷ୍ଟି ପାଇଁ ବିନାଶର କାରଣ ହେବ।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୨୨)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ମଧାହ୍ନ ହୋଇ ଆସିଲାଣି। ଗଣ୍ଡୁକି ନଦୀରେ ଅନେକ ଧୀବର ନୌକା ବାହି ନେଉଛନ୍ତି ମାଛ ଧରିବା ପାଇଁ। ମାଛରଙ୍କା ପକ୍ଷୀ ଗୁଡାକ ନଦୀ ଗର୍ଭରେ ବୁଡିଯାଉଛନ୍ତି ପୁଣି ତତ୍‌କ୍ଷଣାତ୍ ଚଞ୍ଚୁରେ ଛୋଟ ଛୋଟ ମୀନଧରି ଉଡିଯାଉଛନ୍ତି। ବଡ ବିଚିତ୍ର କଳରବ ଏ ପକ୍ଷୀମାନଙ୍କର। ବଡ ବିଚିତ୍ର ବର୍ଣ୍ଣା ଏ ସୁନ୍ଦର ଦ୍ୱୀପ। ବିଶର ମହାନ୍ତିଙ୍କ ସମେତ ସମସ୍ତ ସାଧବପୁଅ ଏବଂ ନାବିକମାନେ ମଧାହ୍ନ ଭୋଜନ ସମାପ୍ତ କଲେ। ଭୋଜନ ପରେ ବୟସ୍କ ବଣିକମାନଙ୍କ ସହିତ ଗୋଟିଏ ଛୋଟିଆ କୁଡିଆ ମଧ୍ୟରେ ବିଶ୍ରାମ କଲେ ଅନ୍ୟମାନେ ଉଦୟ ବଟର ସେହି ଅତ୍ୟୁଚ୍ଚ ବାଲୁକାସ୍ତୁପ ଉପରକୁ ଉଠି, ବଟବୃକ୍ଷ ନିକଟରେ ସାନ୍ଧ୍ୟକାଳୀନ ମହୋତ୍ସବ ପାଇଁ କାମରେ ଲାଗିପଡିଲେ। ବିଶର ମହାନ୍ତ କିଛି ସମୟ ବିଶ୍ରାମ କରିବା ପରେ ଜଣେ ବୃଦ୍ଧ ବଣିକଟିକୁ ସାଥିରେ ଧରି ଉଦୟବଟର ଚତୁଃପାର୍ଶ୍ୱ ଭ୍ରମଣ କରିବା ପାଇଁ ବାହାରିଲେ। ଅପରାହ୍ନର ଶୀତଳ ପବନରେ ଭାସି ଆସୁଥିବା ବିଭିନ୍ନ ଫୁଲର ମହକରେ ଭ୍ରମଣ କରୁଥାନ୍ତି ଜଣେ ବୟସ୍କ ସାଧବ ବଣିକ ଓ ଅନ୍ୟଜଣେ ଗୈରିକ ବସନ ପରିହିତ ବୟସ୍କ ସନ୍ୟାସୀ ବିଶର। ସମୟ ମଧୁମାସ। ସମୀପରେ ଦୃଶ୍ୟମାନ ହେଉଥାଏ ଏକ ସୁନ୍ଦର ପୁଷ୍କରିଣୀ। ସରୋବରର ନୀଳ ଜଳରାଶି ବକ୍ଷରେ ବିଛାଡି ହୋଇପଡିଛି ନୀଳ ପଦ୍ମମାନଙ୍କର ଚନ୍ଦ୍ରାତପ। ଉନ୍ମତ୍ତ ରାଜହଂସ ରାଜହଂସୀ ମାନଙ୍କର ମୈଥୁନ କ୍ରୀଡା ସରୋବରଟିକୁ ମତୁଆଲା କରି ଦେଉଥାଏ। ଆହୁରି ମତୁଆଲା କରିଦେଉଥାଏ ମନ୍ଦ ମନ୍ଦ ବସନ୍ତ ପବନ ସହିତ ବଉଳ ଫୁଲର ବାସରେ ନାଚି ଉଠୁଥିବା ଉଦୟବଟର ସ୍ୱର୍ଗୀୟ ସୁଷମା। ଶତଦଳ ନୀଳ ପଦ୍ମର ଘନୀଭୂତ କେଶରକୁ ଆଚ୍ଛାଦିତ କରି ଘୁରିବୁଲୁଛନ୍ତି ବିମୁଗ୍ଧ ଭ୍ରମର। ପ୍ରକୃତିର ଏହି ନୈସର୍ଗୀକ ସୌନ୍ଦର୍ଯ୍ୟକୁ ଆକଣ୍ଠ ପାନ କରୁଥିଲେ ଏହି ଭ୍ରାମ୍ୟମାଣ ପଥିକ ଦ୍ୱୟ। ଦୁଇଜଣ ସରୋବରର ଗୋଟିଏ ଘାଟ ଉପରେ ବସି ପଡିଲେ। ବୟସ୍କ ବଣିକ ଜଣକ ଦକ୍ଷିଣ ଦିଗକୁ ହାତ ବଢାଇ ବିଶର ମହାନ୍ତିଙ୍କୁ କହିଲେ "ହେ ସନ୍ୟାସୀ ! ଏଇ ଦେଖ, ଦୂର ଦିଗବଳୟରେ ଯେଉଁ ନିବିଡି ଅରଣ୍ୟ ତୁମେ ଦେଖୁଛ, ସେହି ଅରଣ୍ୟ ପଥଦେଇ ଗଲେ ଏକ ଜାଗାଅଛି ଯାହାକୁ କୁହାଯାଏ ହନୁମାନ ବାଟିକା। ଏହାକୁ ମଧ୍ୟ ମହାବୀର ପୀଠ ବୋଲି କୁହାଯାଏ। କିମ୍ବଦନ୍ତୀରୁ ଜଣାପଡେ ତ୍ରେତୟାଯୁଗରେ ମହାପ୍ରଭୁ ଶ୍ରୀରାମ ଲଙ୍କାରେ ରାବଣକୁ ନିଧନ କରିବା ପରେ ଫେରିବା ବେଳେ ପ୍ରଥମେ ସେହି ସ୍ଥାନରେ ଅବତରଣ କରିଥିଲେ। ଶ୍ରୀରାମଙ୍କ ଶ୍ରେଷ୍ଠ ଉପାସକ ହନୁମାନ ସେହି ସ୍ଥାନରୁ ସୁସ୍ୱାଦୁ ଫଳ ମୂଳ ସଂଗ୍ରହ କରି ଶ୍ରୀରାମ, ଲକ୍ଷ୍ମଣ, ମା' ଜାନକୀଙ୍କୁ ଅର୍ପଣ କରିଥିଲେ। ଶ୍ରୀରାମ ଏହି ସ୍ଥାନର ସୁସ୍ୱାଦୁ ଫଳ ଭୋଜନ କରି ଅତ୍ୟନ୍ତ ତୃପ୍ତିଲାଭ କରିଥିବାରୁ ସେହି ସ୍ଥାନଟି ସମସ୍ତଙ୍କୁ ଏପରି ମନ୍ତ୍ରମୁଗ୍ଧ କରିଦେଇଥିଲା ଯେ, ଏହାକୁ ଯୁଗ ଯୁଗ ଧରି ସ୍ମରଣ କରି ରଖିବା ନିମନ୍ତେ ହନୁମାନଙ୍କ ଅନୁରୋଧ କ୍ରମେ ମହାପ୍ରଭୁ ଶ୍ରୀରାମ ନିଜର ପଦଯୁଗଳକୁ ଏକ କଳାମୁଗୁନି ପଥର ଉପରେ ସନ୍ତକ ପ୍ରଦାନକରି ତାହାକୁ ଧ୍ୟାନସ୍ଥ ମୁଦ୍ରାରେ ରହିବା ପାଇଁ ହନୁମାନଙ୍କୁ ଆଶୀର୍ବାଦ କରିଥିଲେ। ସେହିଦିନ ଠାରୁ ହନୁମାନ ଶ୍ରୀରାମଙ୍କ ପାଦପଦ୍ମକୁ ସେହି ସ୍ଥାନରେ ଉପାସନା କରି ଆସୁଛନ୍ତି। କଥିତ ଅଛି ଏହି ସ୍ଥାନରେ ଯେଉଁ ବ୍ୟକ୍ତି ହନୁମାନଙ୍କ ନାମ ସହିତ ଶ୍ରୀରାମଙ୍କ ନାମକୁ ମିଶ୍ରିତ କରି ଜପ କରନ୍ତି ସେମାନେ ସମସ୍ତ ସଙ୍କଟରୁ ଉଦ୍ଧାର ପାଇବା ସଙ୍ଗେ ଦେହାନ୍ତ ପରେ ଭବବନ୍ଧନରୁ ମୁକ୍ତ ହୋଇ ବୈକୁଣ୍ଠ ଗମନ କରନ୍ତି। ହନୁମାନଙ୍କର ନାମ ଏଠାରେ ସର୍ବତ୍ର ଚର୍ଚ୍ଚିତ। ଏହି ବାର୍ତ୍ତାଳାପ ମଧ୍ୟରେ ସୂର୍ଯ୍ୟ ଧୀରେ ଧୀରେ ଅସ୍ତହୋଇ ଯାଉଥାନ୍ତି। ସନ୍ଧ୍ୟା ଆସନ୍ନ ପ୍ରାୟ। ଦୁଇଜଣ ସରୋବର କୂଳରୁ ଶିବିର ଆଡେ ଫେରି ଆସୁଥାନ୍ତି। ଉତ୍ତର ଦିଗକୁ ବୃଦ୍ଧ ବଣିକ ହାତ ବଢାଇ କହିଲେ " ହେ ସନ୍ୟାସୀ ! ଏହି ଯେଉଁ ଅଟାଳିକାଟି ଦୃଶ୍ୟମାନ ହେଉଛି ଇଏ ହେଲା କୁଞ୍ଜାଙ୍ଗ ଗଡ ରାଜାଙ୍କର ଅନ୍ୟତମ ଗଡ ଯାହାର ନାମ ପାରାଦ୍ୱୀପ। ଅଧିକାଂଶ ସମୟରେ କୁଞ୍ଜାଙ୍ଗ ଗଡର ରାଜା ଏହି ପାରାଦ୍ୱୀପ ଗଡରେ ଅବସ୍ଥାନ କରନ୍ତି। ସଂପୂର୍ଣ୍ଣ ସନ୍ଧ୍ୟା ହୋଇ ଯାଇଥିଲା। ସମସ୍ତ ସାଧବ ପୁଅ ଏବଂ ନାବିକାମାନେ ବଟ ବୃକ୍ଷମୂଳରେ ଏକତ୍ରୀତ ହୋଇଯାଇଥାନ୍ତି। ପୂଜାସାମଗ୍ରୀର ସମସ୍ତ ଆୟୋଜନ ସହିତ ଯଥାସ୍ଥାନରେ ସମସ୍ତ ଉପକରଣ ପହଞ୍ଚି ସାରିଥାଏ। (କ୍ରମଶଃ)

# ସ୍ୱତନ୍ତ୍ର ବେଲୁଚିସ୍ତାନ ଓ ଚାରି ଟୁକୁଡ଼ା ପାକିସ୍ତାନ !



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ପହଲଗାଁଓ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନେଇ କେବଳ ଯେ ଭାରତରେ ପ୍ରତିବାଦ ଚାଲିଛି, ତାହା ନୁହେଁ। ଭାରତ ବାହାରେ ବିଦେଶରେ ମଧ୍ୟ ଦେଖା ଦେଇଛି ଆକ୍ରୋଶ । ପହଲଗାମ ଆକ୍ରମଣ ପରେ ପାକିସ୍ତାନ କିପରି ଭାରତର ମୁକାବିଲା କରିବ ସେ ନେଇ ଛନକା ପଶିଛି । ଭାରତଠାରୁ କୂଟନୈତିକ ସମ୍ପର୍କ ଛିନ୍ନ ହେବା ପରେ ସିନ୍ଧୁ ନଦୀ ଜଳ ମଧ୍ୟ ପାକିସ୍ତାନ ଆଉ ପାଇପାରିବନି, ଯାହା କି ପାକିସ୍ତାନର କୃଷି ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗିଦେବ । ଏହା ଭିତରେ ଭାରତର ସମ୍ଭାବ୍ୟ ଆକ୍ରମଣକୁ ପାକିସ୍ତାନ କିପରି ସମ୍ଭାଳିବ ତାହା ପାକ୍ ପାଇଁ ଏକ ବଡ଼ ପ୍ରଶ୍ନ । ଭାରତର ଆକ୍ରମଣାତ୍ମକ ଆଭିମୁଖ୍ୟ ରୋକିବାକୁ ପାକିସ୍ତାନ ଏବେ ବାରଦୁଆର ହେଉଛି କିନ୍ତୁ କେଉଁଠୁ ସାହାଯ୍ୟର ପ୍ରତିଶ୍ରୁତି ପାଉନାହିଁ। ଆମେରିକା ଓ ପାଶ୍ଚାତ୍ୟ ଦେଶ ଆତଙ୍କୀ ପାଳିବାକୁ କହିଥିଲେ ବୋଲି ପାକ୍ ନେତା କହିବା ସହ ଶକ୍ତିଶାଳୀ ରାଷ୍ଟ୍ରର ଅନୁକମ୍ପାକୁ ଚାହିଁ ବସିଛି ପାକିସ୍ତାନ । ଗମ୍ଭୀର ଅର୍ଥନୈତିକ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ସମସ୍ୟା ଦେଇ ଗତି କରୁଥିବା ପାକ୍ ଯୁଦ୍ଧ ସମ୍ଭାଳିବା ସ୍ଥିତିରେ ନାହିଁ। ତଥାପି କେବଳ ମୁହଁ ଫୁଟାଣି ଛଡ଼ା ଅନ୍ୟ କିଛି ଉପାୟ ବି ନାହିଁ ଏହି ଆତଙ୍କବାଦୀ ଦେଶ ପାଖରେ । କେବଳ ଆଣବିକ ଆକ୍ରମଣର ଧମକ ଦେଇ ଭାରତକୁ ଚୁପ୍ କରାଇବାକୁ ଉଦ୍ୟମ ଜାରିରଖିଛି। ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଆଲୋଚନା କରିଛନ୍ତି। ଭାରତକୁ ଆବଶ୍ୟକ ସହାୟତା ଯୋଗାଇବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ବି ଏହି ଆକ୍ରମଣକୁ ତୀବ୍ର ନିନ୍ଦା କରିଛନ୍ତି। ପାକିସ୍ତାନ ବିରୋଧରେ ଦେଖାଦେଇଛି ଆକ୍ରୋଶ। ବିଦେଶରେ ରହୁଥିବା ଭାରତୀୟ ମାନେ ବିଦେଶ ମାଟିରେ ମଧ୍ୟ ପ୍ରତିବାଦ କରିଛନ୍ତି। ଲଣ୍ଡନରେ ରହୁଥିବା ପ୍ରବାସୀ ଭାରତୀୟମାନେ ପାକିସ୍ତାନର ଦୂତାବାସ ସାମନାରେ ବିକ୍ଷୋଭ କରିଛନ୍ତି। ପାକିସ୍ତାନ ବିରୋଧରେ କଡ଼ା ଆହ୍ୱାନ ସହିତ ଆତଙ୍କବାଦୀଙ୍କୁ କଡ଼ା ଦଣ୍ଡ ଦେବାକୁ ସେମାନେ ଦାବି କରିଛନ୍ତି। ସାଉଦିଆରବ କ୍ରାଉନପ୍ରିନ୍ସ ମହମ୍ମଦ ବିନ ସଲମାନ ହିଂସାକୁ ତୀବ୍ର ନିନ୍ଦାକରିଛନ୍ତି। ଏହି ବିପଦ କାଳରେ ଭାରତ ସହ ସାଉଦିଆରବ ଠିଆ ହେବ ବୋଲି ସେ କହିଛନ୍ତି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏହି ହମଲାକୁ ଅତି କୁତ୍ସିତ ବୋଲି ଦର୍ଶାଇବା ସହ ଅପରାଧୀଙ୍କୁ କଠୋର ଦଣ୍ଡ ମିଳିବା ଦରକାର ବୋଲି କହିଛନ୍ତି। ସେ ଭାରତ ସହ ଏହି ଘଡ଼ିସନ୍ଧି ମୂହୂର୍ତ୍ତରେ ଠିଆ ହେବେ ବୋଲି କହିଛନ୍ତି। ଏନେଇ ସେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପତ୍ର ଲେଖିଛନ୍ତି। ସେହିପରି ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି ବି ଏହି ଘଟଣାରେ ଉଦବେଗ ପ୍ରକାଶ କରିଛନ୍ତି। ବ୍ରିଟେନ ପ୍ରଧାନମନ୍ତ୍ରୀ କେର ଷ୍ଟାର୍ମର, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ପ୍ରମୁଖ ଏହି ଘଟଣାକୁ ନିନ୍ଦା କରିଛନ୍ତି। ଇରାନ, ୟୁଏଇ, ଶ୍ରୀଲଙ୍କା, ଫ୍ରାନ୍ସ, ଜର୍ମାନୀ, ୟୁକ୍ରେନ ପକ୍ଷରୁ ଏହି ଘଟଣାକୁ ତୀବ୍ର ନିନ୍ଦା କରାଯାଇଛି। ଜମ୍ମୁ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ସମଗ୍ର ବିଶ୍ୱକୁ ଆଶ୍ଚର୍ଯ୍ୟ ଚକିତ କରିଦେଇଛି। ଏହି ଆକ୍ରମଣ ପରେ ଦେଶର ପ୍ରତ୍ୟେକ ନାଗରିକ କ୍ଷୁବ୍ଧ ପ୍ରକାଶ କରିଛନ୍ତି। ଏ ପରିପ୍ରେକ୍ଷୀରେ ଭାରତ ତାର କୂଟନୀତି ଓ ସାମ୍ନାସାମ୍ନି ଯୁଦ୍ଧର ବ୍ୟବସ୍ଥା ମଧ୍ୟ କରିଦେଇଛି । ଏହି ଯୁଧ ହେଲେ ପାକିସ୍ତାନ ଚାରି ଟୁକୁଡା ହବା ନିଶ୍ଚିତ। ଏଥିରେ ବେଲୁଚିସ୍ତାନ ସ୍ୱତନ୍ତ୍ର ହେବା ନିଶ୍ଚିତ ହେବ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ବର୍ତ୍ତମାନର ପାକିସ୍ତାନର ସବୁଠୁ ସମ୍ବେଦନଶୀଳ ପ୍ରଦେଶ ବେଲୁଚିସ୍ତାନରେ ପାକ୍ ବିରୋଧୀ ବିଦ୍ରୋହ ଓ ହିଂସାକାଣ୍ଡ ଇସ୍‌ଲାମାବାଦ ପାଇଁ ଏକ ବଡ଼ ମୁଣ୍ଡବଥା କାରଣ ପଲଟିଛି । ଏଠାରେ ସ୍ୱାଧୀନତା ଦାବି କରୁଥିବା ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍ଏ) ବିଦ୍ରୋହୀ ପାକ୍ ସରକାରଙ୍କ ଶାନ୍ତି ଛଡ଼ାଇ ନେଇଛନ୍ତି। ବିଏଲ୍ଏ ବାରମ୍ବାର ପାକିସ୍ତାନରେ ବିସ୍ଫୋରଣ ଘଟାଉଛି। ବିଶେଷକରି ବିଏଲ୍ଏ ଟାର୍ଗେଟରେ ରହିଛି ପାକ୍ ସେନା। ପାକିସ୍ତାନ ସେଠାରେ ଦମନକାରୀ ନୀତି ଆପଣାଉ ଥିଲେ ହେଁ ଏଥିରେ ସଫଳ ହୋଇପାରୁ ନାହିଁ । ପାକ୍ ସେନା ରାଜନୈତିକ କୌଶଳ ମାଧ୍ୟମରେ ସେନା ମୁଖ୍ୟ ଅସୀମ ମୁନିରଙ୍କ ନିୟନ୍ତ୍ରଣ ମଜଭୁତ କରିବାରେ ଲାଗିଥିବାବେଳେ ବେଲୁଚିସ୍ତାନ ଅସ୍ଥିରତାକୁ ଅଣଦେଖା କରାଯାଉଛି । ଯାହା କି ବିଦ୍ରୋହ ଏବଂ ଅଶାନ୍ତିକୁ ଆହୁରି ତୀବ୍ର କରୁଛି । ଭାରତର ପାକିସ୍ତାନ ଉପରେ ଆକ୍ରମଣ ସମ୍ଭାବନା ବେଲୁଚିସ୍ତାନକୁ ସ୍ୱତନ୍ତ୍ର ଦେଶ କରାଇବାକୁ ପଥ ପରିଷ୍କାର କରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଭୌଗୋଳିକ ସ୍ଥିତି ଅନୁସାରେ ଏବେ ୩ ପଟୁ ଅସ୍ଥିରତା ଘେରରେ ପାକିସ୍ତାନ ଗତି କରୁଛି । ପୂର୍ବ, ପଶ୍ଚିମ ଏବଂ ଦକ୍ଷିଣ ପଟେ ଅସୁରକ୍ଷିତ ଇସଲାମାବାଦ। ନିଜ ଆଭ୍ୟନ୍ତରୀଣ ସମସ୍ୟା ଏବଂ ଅସ୍ଥିରତା ସହ ଯୁଝି ହେଉଥିବା ପାକ୍‌କୁ ଭାରତ ସହ ପଙ୍ଗା ନେବା ଏବେ ମହଙ୍ଗା ପଡ଼ିଛି । ଏହାର ପ୍ରତିଶୋଧ ନେବା ପାଇଁ ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ କରିଛି ଭାରତ । ଅର୍ଥାତ ଭାରତ ପାକିସ୍ତାନର ଲାଇଫ୍‌ଲାଇନ କୁହାଯାଉଥିବା ସିନ୍ଧୁ ଜଳକୁ ପାକ୍‌କୁ ନ ଛାଡ଼ିବାକୁ ନିଷ୍ପତ୍ତି ନେଇଛି ଭାରତ ସରକାର । ଏଥିରେ ବିଳିବିଳେଇଛି ପାକିସ୍ତାନ ଏବଂ ଭାରତ ଉପରେ ଆଣବିକ ଆକ୍ରମଣ କରିବାକୁ ଧମକ ଉପରେ ଧମକ ଦେଇଚାଲିଛି । କିନ୍ତୁ ୩ ପଟୁ ଅସ୍ଥିରତା ଘେରରେ ଥିବା ପାକିସ୍ତାନ ଭାରତ ସହ ଆଉ ଏକ ଯୁଦ୍ଧ ଲଢ଼ିବାକୁ କେତେ ସମର୍ଥ ତାହା ଏବେ ନେଇ ପ୍ରଶ୍ନ ଉଠିଛି । ଭାରତ ସହ ଯୁଦ୍ଧ କରିବାକୁ ଦମ୍ ଦେଖାଉଥିବା ପାକିସ୍ତାନର ପଶ୍ଚିମରେ ଆଫଗାନିସ୍ତାନ ସୀମା ନିକଟବର୍ତ୍ତୀ ଅଞ୍ଚଳ ବିସ୍ଫୋରଣରେ ଜଳୁଛି । ଆଫଗାନିସ୍ତାନ ମଧ୍ୟ ତାହାର ଅଧିକୃତ ସ୍ଥାନକୁ ନେବା ପାଇଁ ଏହି ସମୟ ଏକ ସୁଯୋଗ ସୃଷ୍ଟି କରିଛି ।

ଏଭଳି ସ୍ଥିତିରେ ପାକିସ୍ତାନର ବେଲୁଚିସ୍ତାନରେ ଏକ ବଡ଼ ଘଟଣା ଘଟିଛି। ଦେଶର କଲାଟ ଜିଲାର ମାଙ୍ଗୋଚର ସହରରେ ଥିବା ଅନେକ କୋଠାକୁ ବାଲୁଚ ବିଦ୍ରୋହୀମାନେ କବଜା କରିଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ଭିଡିଓ ଏବଂ ରିପୋର୍ଟ ଅନୁଯାୟୀ, ବିଦ୍ରୋହୀମାନେ ସହରର ସରକାରୀ କୋଠା ଏବଂ ସାମରିକ ପ୍ରତିଷ୍ଠାନଗୁଡ଼ିକୁ ନିଜ ନିୟନ୍ତ୍ରଣକୁ ନେଇସାରିଛନ୍ତି। କେବଳ ଏତିକି ନୁହେଁ ପାକିସ୍ତାନୀ ସେନା ଏବଂ ବାଲୁଚ ବିଦ୍ରୋହୀଙ୍କ ମଧ୍ୟରେ ପ୍ରବଳ ଗୁଳିବିନିମୟ ହୋଇଥିଲା। ଏଥିରେ ବିଦ୍ରୋହୀମାନେ ଏକ ସେନା ଶିବିର ଉପରେ ଆକ୍ରମଣ କରି ଅସ୍ତ୍ରଶସ୍ତ୍ର ଛଡ଼ାଇ ନେଇଥିଲେ । ଏଭଳି ପରିସ୍ଥିତିରେ ଏତିକି କୁହାଯାଇ ପାରେ ଯେ ବେଲୁଚିସ୍ତାନର ସ୍ୱପ୍ନ ଖୁବ୍ ଶୀଘ୍ର ପୂରଣ ହେବାକୁ ଯାଉଛି ଓ ପାକିସ୍ତାନର ସତ୍ତା ମାଟିରେ ମିଶିବାକୁ ଯାଉଛି । ବେଲୁଚିସ୍ତାନର ମାଙ୍ଗୋଚର ସହରକୁ ବାଲୁଚ ବିଦ୍ରୋହୀଙ୍କ ଦ୍ୱାରା କବ୍ଜା ଏବଂ ପାକିସ୍ତାନର ପଶ୍ଚିମ ସୀମାରେ ବଢୁଥିବା ସଙ୍କଟ ଇସଲାମାବାଦ ପାଇଁ ଏକ ଗମ୍ଭୀର ଆଭ୍ୟନ୍ତରୀଣ ସୁରକ୍ଷା ଚ୍ୟାଲେଞ୍ଜ ପାଲଟିଛି। ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ, ଏଭଳି ବିଦ୍ରୋହ ଆଞ୍ଚଳିକ ସ୍ଥିରତା ପାଇଁ ନୂତନ ଚିନ୍ତା ସୃଷ୍ଟି କରୁଛି। ଏ ପରିପ୍ରେକ୍ଷୀରେ ଏତିକି କୁହାଯାଇପାରେ ଯେ ପାକିସ୍ତାନ ଜାମ୍ମୁ କାଶ୍ମୀରକୁ ପାଇବା ଆଶାରେ ଯେଉଁ ସନ୍ତ୍ରାସବାଦର ରଚନା କରିଥିଲା ତାହାରି ପାଇଁ ବିଶ୍ୱ ନକ୍ସାରୁ ପାକିସ୍ତାନ ନିଶ୍ଚିହ୍ନ ହେବା ନିଶ୍ଚିତ ଯାହାକୁ ଏଡ଼ାଇ ଦିଆଯାଇ ନ ପାରେ।

# କୃତଜ୍ଞତାର ପରିଭାଷା



ଡ. ସୀତାକାନ୍ତ ତ୍ରିପାଠୀ
ଭଦ୍ରକ
ମୋ-୯୭୭୮୭୬୪୩୯୪
tripathysk1947@gmail.com

ଅନ୍ଧାର ରାତି, ତା ସାଙ୍ଗକୁ ଝିପିଝିପି ବର୍ଷା । ରାସ୍ତା ପୁରା ସୁନ୍‌ସାନ । ଗୋଟିଏ ଜରୁରୀ କାମ ସାରି ମୁଁ ବାଇକରେ ଘରକୁ ଫେରୁଥିଲି । ହଠାତ୍ ମୋ ବାଇକର ଚକ ଦୋହଲିବାକୁ ଲାଗିଲା। କ'ଣ ହେଉଛି ବୋଲି ଭାବି ମୁଁ ବହୁତ ଡରିଗଲି । ଆଶଙ୍କା ଗ୍ରସ୍ତ ହୋଇ ୧୫-୨୦ ମିଟର ଆଗକୁ ଯାଇଛି କି ନାହିଁ ଜାଣିଲି ଯେ ପଛ ଚକଟି ଲିକ୍ ହୋଇ ଯାଇଛି । ଏତେ ରାତିରେ କ'ଣ କରିବି କାହାକୁ ଡାକିବି ବୋଲି ବହୁତ ଚିନ୍ତାକଲି । ତା'ଛଡ଼ା ଆଖପାଖରେ କେଉଁଠି ଗାଡ଼ି ମରାମତି ଦୋକାନ ଖୋଜିବି ବା କାହା ଫୋନ୍ ନମ୍ବର ମିଳିବ ବୋଲି ଭାବି ମନେମନେ ସେହି ଅଦୃଶ୍ୟ ଭଗବାନଙ୍କୁ ସ୍ମରଣ କରୁଥିଲି । କିଛି ବାଟ ବାଇକ ଗଡ଼ାଇଲା ପରେ ରାସ୍ତା କଡ଼ରେ ଏକ କ୍ଷୀଣ ଆଲୋକ ଦେଖିବାକୁ ପାଇଲି ଏବଂ ଭାଗ୍ୟକୁ ତାହା ମଟର ସାଇକେଲ ମରାମତି ଦୋକାନ ଥିଲା ଏବଂ ଭିତରୁ ତାହା ବନ୍ଦ ଥିଲା । ସାହସ ସଞ୍ଚୟ କରି ଦୋକାନର କବାଟ ବାଡ଼ାଇଲି । ଯାହା ହେଉ ଦୟା ପରବଶ ହୋଇ ଜଣେ ମେକାନିକ୍ କବାଟ ଖୋଲିଲେ ଏବଂ ଆଖି ମଳମଳ କରି କ'ଣ ହୋଇଛି ବୋଲି ପଚାରିଲେ । ମୁଁ ମୋର ବାଇକର ଚକଟି ଲିକ୍ ହୋଇଥିବା କଥା କହିବାରୁ ସିଏ କହିଲେ ଆଜ୍ଞା ! କ'ଣ କରିବି, ସନ୍ଧ୍ୟା ବେଳଠୁଁ ଲାଇନ ନାହିଁ । ଆମର ପମ୍ପ ଦିଆ ମେସିନରେ ଆଉ ପ୍ରାୟତଃ ପ୍ରେସର ନାହିଁ । ଅତି ଅନୁନୟ ବିନୟ ହେବାପରେ ସିଏ ଗୋଟିଏ ଚାର୍ଜ ଲାଇଟ୍ ଆଣି ଚକଟିରେ ହୋଇଥିବା ଲିକ୍ ମାରିଦେଇ ପାଖରେ ରଖିଥିବା ହାତଗୋଡ଼ ଚାଳିତ ପମ୍ପ ଦ୍ୱାରା ଚକରେ ପ୍ରେସର ଦେଲେ । ଏତେ ରାତିରେ ମୋତେ ଅକୁଣ୍ଠ ଚିତ୍ତରେ ସାହାଯ୍ୟ କରିଥିବାରୁ ମେକାନିକ୍ ଜଣକ ଯେତିକି ଟଙ୍କା ପ୍ରାପ୍ୟ କହିଲେ ମୁଁ କୃତଜ୍ଞତାର ସନ୍ତକ ସ୍ୱରୂପ ତା' ଠାରୁ ୧୦୦ ଟଙ୍କା ଅଧିକ ଦେଇ ତାଙ୍କୁ ଧନ୍ୟବାଦ ଜଣାଇ ଘରକୁ ଫେରିଲି । ବାଟସାରା ମନେମନେ ମୋର ଇଷ୍ଟ ଦେବଙ୍କୁ କୃତଜ୍ଞତା ଜଣାଇ କହୁଥିଲି ପ୍ରଭୁ ! ଯଦି ପାଖରେ ଦୋକାନଟି ନଥାନ୍ତା ତାହେଲେ ମୁଁ ରାତି ସାରା କେଉଁଠି ରହି ଥାଆନ୍ତି, କ'ଣ କରିଥାନ୍ତି ଇତ୍ୟାଦି ଇତ୍ୟାଦି । ଯାହା ହେଉ ସାମାନ୍ୟ ହଇରାଣ ହେଲି ସିନା ଅନ୍ତତଃ ପୁରା ରାତିଟି ମୋର ସୁଖରେ ବିତିଲା । ତୁମକୁ କୋଟି କୋଟି ପ୍ରଣତି ଜଣାଉଛି । ସାମାନ୍ୟ ବିଳମ୍ବରେ ଘରେ ଆସି ପହଞ୍ଚି ସବୁ କଥା କହିଲା ପରେ ମୋର ପରିବାରବର୍ଗ ଉଭୟ ମେକାନିକ୍ ଏବଂ ଆମ ଇଷ୍ଟ ଦେବଙ୍କୁ କୃତଜ୍ଞତା ଜଣାଇଲେ । ତେବେ ଘରେ ରହିଥିବା ଆମର ଜଣେ ସମ୍ପର୍କୀୟ ହଠାତ୍ ଗୋଟିଏ ମତ ଦେବା ପରେ ଆମ ଆଲୋଚନାର ବାତାବରଣ ବଦଳିଗଲା । ସିଏ କହିଲେ କିଛି କିଛି ଜାଗାରେ ଅସାଧୁ ମଟର ସାଇକେଲ ଦୋକାନୀମାନେ ତାଙ୍କ ଦୋକାନ ପାଖାପାଖି ଅଞ୍ଚଳରେ ଛୋଟ ମୋଟ କଣ୍ଟା ପକାଇ ଥାଆନ୍ତି ଯାହା ଫଳରେ ଗାଡ଼ି ଲିକ୍ ହେଲେ ସେହି ଦୋକାନକୁ ଆସି ତାର ମରାମତି କରିବେ । ଏ କଥାକୁ ପ୍ରମାଣ ସିଦ୍ଧ କରିବାକୁ ଯାଇ ସିଏ ନିଜ ଜୀବନର ବିଭିନ୍ନ ଉଦାହରଣ ଦେଲେ । ଏ କଥା ଶୁଣି ମୁଁ ମଧ୍ୟ ମୋ ଜୀବନରେ ଆଗରୁ ଘଟିଥିବା କିଛି ଘଟଣା ତଥା ଅନୁଭୂତିକୁ ଏହା ସାଙ୍ଗରେ ଯୋଡ଼ି ମନେ ମନେ ଭାବୁଥିଲି 'ଡାହାଣୀ ହୋଇ ଲାଗିବେ, ଆଉ ଗୁଣିଆଁ ହୋଇ ଝାଡ଼ିବେ' ଆପ୍ତ ବାକ୍ୟର ମର୍ମୋକ୍ତିକୁ । ଆଉ ଧିରେଧିରେ ଦୋକାନୀ ପ୍ରତି ମନ ମଧ୍ୟରେ ଥିବା ଅଜସ୍ର କୃତଜ୍ଞତାର ପରିଭାଷାକୁ । ଯଦିଓ ଆମର ଅନୁମାନ ଶତ ପ୍ରତିଶତ ଠିକ୍ ହୋଇ ନପାରେ କିନ୍ତୁ ଏହା ମଧ୍ୟ ଅସମ୍ଭବ ନଥିଲା । ତେଣୁ କୃତଜ୍ଞତାର ପରିମାପକ କ'ଣ ହେବା ଦରକାର ଏବଂ ତାର ସ୍ଥାନ, କାଳ ଓ ପାତ୍ରର ବିଚାର କରିବା କଷ୍ଟକର । ଏସବୁ କୃତଜ୍ଞତା ସମ୍ପର୍କରେ ଇତିହାସର ପୃଷ୍ଠା ଓଲଟାଇଲେ ଜଣାପଡ଼େ କୋଣାର୍କ ମନ୍ଦିର ମୁଣ୍ଡି ମାରିବାରେ ଅସମର୍ଥ ବାରଶ' କାରିଗରଙ୍କ ସହିତ ମୂଖ୍ୟ କାରିଗର ବିଶୁ ମହାରଣା ଯେତେବେଳେ ରାଜାଙ୍କର ଆଦେଶରେ ଭୟଭୀତ ହୋଇ ମୃତ୍ୟୁ ଦଣ୍ଡ ପାଇଁ ଦିନ ଗଣୁଥିଲେ ସେତେବେଳେ ସେମାନଙ୍କ ଆଗରେ ଦେବଦୂତ ଭାବେ ପହଞ୍ଚି ଧର୍ମପଦ ଦେଉଳର ମୁଣ୍ଡି ମାରି ସାରିବା ପରେ ତାଙ୍କ ପ୍ରତି କାରିଗରମାନେ କୃତଜ୍ଞ ରହିବା ଜାଗାରେ କାଳେ ରାଜା ସତ କଥା ଜାଣି ସେମାନଙ୍କର ମୁଣ୍ଡ କାଟ କରିବେ ତେଣୁ ସବୁଦିନ ପାଇଁ ଧର୍ମପଦଙ୍କୁ ସେମାନଙ୍କ ରାସ୍ତାରୁ ହଟାଇବା ପାଇଁ ବିଶୁ ମହାରଣାଙ୍କୁ କହିଥିଲେ ''ତୁମେ ବାରଶ' ବଢ଼େଇର ଦାୟ ନା ତୁମ ପୁଅର ଦାୟ'' ଯାହା ବିଶୁ ମହାରାଣାଙ୍କର କୃତଜ୍ଞତାକୁ ବହୁଧା ବିଭକ୍ତ କରି ଦେଇ ଥିଲା। ଶେଷରେ ଧର୍ମପଦଙ୍କୁ ଜୀବନ ହାରିବାକୁ ପଡ଼ିଥିଲା । କାରଣ ରାଜା, କାରିଗର ଏବଂ ପୁଅ ମାନଙ୍କ ପାଖରେ ଥିବା ତାଙ୍କ କୃତଜ୍ଞତାକୁ ବାଣ୍ଟିବା ପାଇଁ ହୁଏତ ସିଏ ଅବସର ପାଇ ନଥିଲେ । ମହାଭାରତର ଆଖ୍ୟାୟିକା ଅନୁଯାୟୀ ଏକଲବ୍ୟ ନିଜ ଶସ୍ତ୍ରବିଦ୍ୟା ଶିକ୍ଷା ପାଇଁ ଗୁରୁ ଦ୍ରୋଣଙ୍କ ପାଖରେ କୃତଜ୍ଞତା ଜଣାଇବା ଅବସରରେ ଗୁରୁ ତାଙ୍କର ଡାହାଣ ହାତର ବୁଢ଼ା ଆଙ୍ଗୁଳି ମାଗି ଦେଇ ସବୁଦିନ ପାଇଁ ତାଙ୍କୁ ଯୁଦ୍ଧ ବିଦ୍ୟାରେ ପଙ୍ଗୁ କରି ଦେଇଥିଲେ । ତେଣୁ "କୃତଜ୍ଞ ହୁଅ କିନ୍ତୁ କୃତଘ୍ନ ହୁଅ ନାହିଁ" ଶିଖାଇଥିବା ଦିବ୍ୟ ବାଣୀକୁ ଆମେ ନିତି ଦିନିଆ ଜୀବନରେ ପାଳନ କରୁଥିବା ସମୟରେ ଆମେ କାହା ପାଇଁ, କେତେବେଳେ ଏବଂ କେଉଁଠି କୃତଜ୍ଞ ହେବା ତାହା ମଧ୍ୟ ଶିକ୍ଷା ଲାଭ କରିବା ଦରକାର ନହେଲେ କୃତଜ୍ଞତାର ପରିଭାଷା ବଦଳିଯାଇ ତାହା ନିଜ ପାଇଁ ବୁମେରାଂ ସାଜିବାର ସମ୍ଭାବନା ରହିଛି । କାରଣ କୃତଜ୍ଞତା ପ୍ରକାଶ କରୁଥିବା ଲୋକଟି ଯାହାକୁ କୃତଜ୍ଞତା ଜଣାଏ ସିଏ ତାର ଅପବ୍ୟବହାର କରିବାର ସମ୍ଭାବନା ରହିଛି। ତା'ଛଡ଼ା ଯାହାକୁ କୃତଜ୍ଞତା ଜଣାଇ ଥାଏ ସିଏ ସେଥିପାଇଁ ଯୋଗ୍ୟ କି ନୁହେଁ ତାହା ପରଖିବାର ଆବଶ୍ୟକତା ରହିଛି ନହେଲେ କୃତଜ୍ଞତା ଅପାତ୍ରରେ ଚାଲିଯିବ । ନଚେତ୍ କୃତଜ୍ଞ ଲୋକଟି କେବଳ ନୀତି ବାଣୀକୁ ଆଧାର କରି ଜୀବନ ବିତାଇବା ଫଳରେ ସଂସାର ରଙ୍ଗ ମଞ୍ଚରେ ଜଣେ ଅସଫଳ ନାୟକ ରୂପେ ପରିଗଣିତ ହେବାର ସମ୍ଭାବନା ରହିଛି ।

# ସିନ୍ଦୂରର ଜବାବ ଅପରେସନ ସିନ୍ଦୂରରେ ଦିଆଗଲା



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର,
ମୋ-୭୨୦୫୧୦୦୮୩୯

ଭାରତର ସୌର୍ଯ୍ୟ ଭାରତର ବୀରତ୍ୱ ତ୍ରିରଙ୍ଗାର ସମ୍ମାନକୁ ଆଖି ଆଗରେ ରଖି ପାକିସ୍ତାନର ଆତଙ୍କି ଆଡା ଉପରେ ଭାରତ ମିଜାଇଲ ଦ୍ୱାରା ଆକ୍ରମଣ କରିଛି ଭାରତ। କେବେହେଲେ ଅନ୍ୟ ଦେଶର ସାର୍ବଭୌମ୍ୟତା ଉପରେ ତିଳେ ମାତ୍ର ହସ୍ତକ୍ଷେପ କରିନାହିଁ। ଯେଉଁଥି ପାଇଁ ଭାରତର ଚାରିପଟେ ରହିଥିବା ଛୋଟିଆ ଛୋଟିଆ ଦେଶ ଗୁଡ଼ିକ ବିନା ଭୟରେ ମୁଣ୍ଡ ଉଠାଇ ରହି ପାରିଛନ୍ତି। କିନ୍ତୁ ପାକିସ୍ଥାନ ଦ୍ୱାରା ଗଠନ କରାଯାଇଥିବା ଆତଙ୍କବାଦୀ ସଂଗଠନ ଗୁଡ଼ିକ ସମୟ ସମୟରେ ଭାରତର ମାଟିକୁ ନିରିହ ଲୋକଙ୍କୁ ଲହୁ ଲୁହାଣ କରିଛନ୍ତି। ଭାରତ ବିଶ୍ୱ ଦରବାରରେ ଏଥିପାଇଁ ଅନେକ ଥର ସ୍ୱର ଉଠାଇଛି। ବିଶ୍ୱର ନେତାମାନେ ଦୃଢ ହସ୍ତରେ ଯଦି ଆତଙ୍କବାଦୀ ଦେଶ ଗୁଡ଼ିକୁ ଦମନ କରନ୍ତେ ତା ହେଲେ ଆତଙ୍କବାଦୀ ଓ ଆତଙ୍କବାଦକୁ ନିପାତ କରାଯାଇ ପାରିଥାନ୍ତା। ଆତଙ୍କବାଦ ସଭ୍ୟ ସମାଜ ପାଇଁ ଏକ ଅଭିଶାପ। ଭାରତ ମେ ସାତ ତାରିଖ ରାତି ଗୋଟେ ପାଞ୍ଚରେ ପାକିସ୍ଥାନର ଆତଙ୍କବାଦୀ ଆଡ଼ା ଯେଉଁଠି ଭାରତ ଉପରେ ହୋଇଯାଇଥିବା ଆତଙ୍କବାଦୀ ଘଟଣାର ରଚନା କରାଯାଇଥିଲା ସେଇଠି ଆକ୍ରମଣ କରିଦେଇଛି। ପାକିସ୍ଥାନ ଅନ୍ତର୍ଜାତୀୟ ଫୋରମ୍‌ରେ ଭାରତର ସିନ୍ଧୁ ଚୁକ୍ତିକୁ ରଦ୍ଦ କରିବାର କଥା ଉଠାଇଥିଲା କିନ୍ତୁ ପାକିସ୍ଥାନର ଭାରତ ବିରୋଧି କାର୍ଯ୍ୟ କଳାପ ଓ ପେହେଲଗାମରେ ଘଟି ଯାଇଥିବା ନରସଂହାରର ଦୃଷ୍ଟାନ୍ତ ଦେଇ ଆନ୍ତର୍ଜାତୀୟ ଫୋରମ ପାକିସ୍ଥାନକୁ କଡା କଡି ସୂଚନା ଦେଇଛନ୍ତି। ତା ସହିତ ପାକିସ୍ଥାନ ଦ୍ୱାରା ଦିଆଯାଇଥିବା ନ୍ୟୁକ୍ଲିୟରର ଧମକ କଥା ମଧ୍ୟ ଉଠିଛି। ପାକିସ୍ଥାନର କାର୍ଯ୍ୟ କଳାପ ସବୁବେଳେ ଭାରତ ବିରୋଧି ରହିଛି। ପେହେଲଗାମରେ ପରିବାରର ଲୋକଙ୍କ ଆଗରେ ଘରର ପୁରୁଷଙ୍କୁ ଯେଉଁ ପରି ନିର୍ମମ ଭାବରେ ହତ୍ୟା କରାଯାଇଛି ତାହା ନିଶ୍ଚିତ ଭାବରେ ତୀବ୍ର ନିନ୍ଦନୀୟ। ସ୍ତ୍ରୀ ଓ ସନ୍ତାନଙ୍କ ଆଖି ଆଗରେ ବାପା ଓ ସ୍ୱାମୀର ନିର୍ମମ ହତ୍ୟା ନିଶ୍ଚିତ ଭାବରେ ନିନ୍ଦନୀୟ। ଭାରତରେ ଆତଙ୍କବାଦୀ ଆକ୍ରମଣ ନୂଆ କଥା ନୁହେଁ। ଅନେକ ଥର ଆତଙ୍କବାଦୀ ଆକ୍ରମଣରେ ଆମର ସେନା ଏବେ ଆମ ଜନତାଙ୍କର ମୃତ୍ୟୁବରଣ କରିବାର ଖବର ଲୋକଲୋଚନକୁ ଆସିଛି। ଗତ ଏପ୍ରିଲ ୨୨ ତାରିଖରେ କାଶ୍ମୀରରେ ପେହେଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୮ଜଣ ନିରିହ ଲୋକ ପ୍ରାଣ ହରାଇଥିଲେ ସେହି ଆକ୍ରମଣର ଠିକ ୧୩ ଦିନ ପରେ ଭାରତ ତାର ବଦଳା ନେଉଛି। ଭାରତ ସେନା ଭାରତର ସୀମା ଭିତରେ ରହି ପାକିସ୍ଥାନୀ ଆତଙ୍କବାଦୀଙ୍କ ରହିଥିବା ୯ ଟି ଜାଗାକୁ ଆକ୍ରମଣ କରିଥିଲେ ସେହି ଆକ୍ରମଣରେ ୯୦ ଜଣ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଭାରତୀୟ ସେନା ବାହିନୀଙ୍କ ଦ୍ୱାରା ଦୁଇ ପ୍ରମୁଖ ଲସ୍କରେ ତୋଇବା ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିଲା। ଭାରତୀୟ ସେନା ପାକିସ୍ଥାନର କୌଣସି ସାମରିକ ସ୍ଥାନରେ ଆକ୍ରମଣ କରିନଥିଲେ। ଭାରତର ଅପରେସନ ସିନ୍ଦୂର ପାକିସ୍ଥାନର ସାଧାରଣ ନାଗରିକଙ୍କର କୌଣସି କ୍ଷୟ କ୍ଷତି ନକରି ବରଂ କେବଳ ଆତଙ୍କି ଆଡ୍ଡାକୁ ନଷ୍ଟ କରିଛି। ଆତାଙ୍କଙ୍କ ୯ ଟି ଆଡ୍ଡାକୁ ନଷ୍ଟ କରାଯାଇଛି। ଲସ୍କରେ ଇ ତୋଇବାର ମୁଜାଫରବାଦରେ ଥିବା ଟ୍ରେନିଂ କେମ୍ପକୁ ଟାର୍ଗେଟ କରାଯାଇଛି। ଲସ୍କରେ ଇ ତୋଇବା ଅକ୍ଟୋବର୨୦ ୨୦୨୪ ରେ ସୋନ ମାର୍ଗ,୨୪,୨୦୨୪ ରେ ଗୁଲମାର୍ଗ ଓ ପେହେଲଗାମ ଆକ୍ରମଣ ପାଇଁ ଏଠାରେ ଆତଙ୍କବାଦୀଙ୍କୁ ତାଲିମ ଦିଆ ଯାଇଥିଲା।

ମୁଜାଫରବାଦର ଜୈସେ ମହମ୍ମଦର ସିଏଦନା କ୍ୟାମ୍ପକୁ ଟାର୍ଗେଟ କରାଯାଇଛି। କୋଟଲିରେ ଥିବା ଲସ୍କରେ ତୋଇବାର ଗୁଲପୁର କ୍ୟାମ୍ପକୁ ଟାର୍ଗେଟ କରାଯାଇଛି। ବର୍ଣ୍ଣାଲାର କ୍ୟାମ୍ପ କୁ ମଧ୍ୟ ଟାର୍ଗେଟ କରାଯାଇଛି। କେଟଲିର ଆବା କ୍ୟାମ୍ପକୁ ଟାର୍ଗେଟ କରାଯାଇଛି। ଏହି ସମସ୍ତ ସ୍ଥାନରେ ଭାରତ ବିରୋଧି ଟ୍ରେନିଂ ବା ପ୍ରଶିକ୍ଷଣ ଦିଆଯାଉଥିଲା।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ପହଲଗାମ

ସୁଦର୍ଶନ ମହାପାତ୍ର

ଜହ୍ଲାଦ ନିଶାଣେ ବେଦମ୍ ବ୍ୟଥିତ ପହଲଗାଁଓର ଆତ୍ମା
ଖୁସି କୋଳାହଳ ହୋଇଛି ସ୍ତବ୍ଧ ରକ୍ତରେ ସେ ଅଭିଷିକ୍ତା ।।

ଲୁଣ୍ଠିତ ଆଜି ସେ ମାଟି ମର୍ଯ୍ୟାଦା ସ୍ୱୀୟ ସ୍ୱାଭିମାନ ଧର୍ମ
ବିଦ୍ୱେଷୀ ଧର୍ମାନ୍ଧ ଉଲ୍ଲସିତ ଆଜି ରଚି ନିଷ୍କରୁଣ କର୍ମ,
ଧିକ୍ ତାଙ୍କ ଚିନ୍ତା ଅସହିଷ୍ଣୁତାକୁ ଲହୁ ଲୁହେ ଯାହା ଧୌତ
ହେ ଇଶ୍ୱର ! ତୁମେ କୁହ ସତ କି'ବା ପବିତ୍ର ଏ ରକ୍ତପାତ ।।



ଗୋଟିଏ ହାତରେ ଶାସ୍ତ୍ର ତାଙ୍କର ଆରେକ ହାତରେ ଶସ୍ତ୍ର
ବାୟୋନେଟର ମୁନରେ ଅଙ୍କିତ ରକ୍ତ ରଙ୍ଗା ଝେଟି ଚିତ୍ର,
କୁତ୍ସିତ ଚିନ୍ତାର ଆଭିମୁଖ୍ୟ ନେଇ ପ୍ରକଟ ସନ୍ତ୍ରାସବାଦ
ଭୂସ୍ୱର୍ଗ କାଶ୍ମୀର ଭୟେ ଜଡସଡ ହରାଇଛି ତା'ର ଛନ୍ଦ ।।

ସେବେ ଥିଲା ଯାହା ଏଯାବତ୍ ତାହା ରକ୍ତ ଲୋଲୁପଙ୍କ ଦୃଷ୍ଟି
ପ୍ରହେଳିକା ଲାଗେ 'ବସୁଧୈବ' ବାଣୀ.. ସନ୍ତ୍ରାସବାଦକୁ ତୁଷ୍ଟି,
ସମୟ ଆସିଛି ଭୁଲି ସହିଷ୍ଣୁତା ଧର୍ମ ନିରପେକ୍ଷ ଦୀକ୍ଷା
ପାଷାଣ୍ଡଙ୍କୁ ଏବେ ତାଙ୍କରି ଭାଷାରେ ଦିଅ ଉପଯୁକ୍ତ ଶିକ୍ଷା ।।

କୁଞ୍ଜବିହାରୀ ଲେନ,
କଟକ

# ଉଜୁଡ଼ା ପୃଥିବୀ

କବିତା ମହାନ୍ତି

ଆସ ସଜାଡ଼ିନେବା
ଉଜୁଡ଼ି ଯାଉଥିବା ଆମ ପୃଥିବୀକୁ
ନିଜ ଘର ଭଳି
ସୁନ୍ଦର କରି ସଜାଇ ନେବା

ପୃଥିବୀ ବଞ୍ଚିଲେ ତ ଆମେ ବଞ୍ଚିବା
କେତେ ଆଉ ସହିବ ସେ !

ଅସମ୍ଭବ ପ୍ରଦୂଷଣର ଚାପ
ବାୟୁ , ଜଳ, ତାପ, ଆଲୋକ
ଶବ୍ଦ, ମୃତ୍ତିକା, ଜଳ ଆଉ କେତେ ଜାତିର
ପ୍ରଦୂଷଣରେ ଜର୍ଜରିତ ସେ

ଅନେକ ସହିଛି
ସହୁଛି, ଆଉ ଆଗକୁ ସହୁଥିବ
କିନ୍ତୁ କେତେଦିନ !!

ବିଜ୍ଞାନର ଅଗ୍ରଗତି
ଦେଶର ଅଗ୍ରଗତି ସ୍ୱାଗତ ଯୋଗ୍ୟ
ହେଲେ, ଏକ ସନ୍ତୁଳନର ଆବଶ୍ୟକତା
ପୃଥିବୀ ପାଇଁ ପରିବେଶ ପାଇଁ
ଏକ ସୁସ୍ଥ ଜୀବନ ପାଇଁ

କେତେ ଦିନ ଜଳୁ ଥିବା ଆମେ
କଂକ୍ରିଟ ଜଙ୍ଗଲ ଭିତରେ
ଶୀତତାପ ନିୟନ୍ତ୍ରିତ ଆବଦ୍ଧ କୋଠରୀରେ
ଦୌଡୁଥିବା ମାଇଲ ମାଇଲ ଧରି
ମାଠିଆଏ ପାଣି ପାଇଁ

କେତେ ଦିନ ବଞ୍ଚିବା
ରୋଗ ଜୀବାଣୁଙ୍କୁ ସାଙ୍ଗରେ ଧରି
କୁଢ଼ କୁଢ଼ ପ୍ଲାଷ୍ଟିକ ଆବର୍ଜନା ଭିତରେ

ସମୟ ଆସିଛି
ନିଜକୁ ସଜାଡ଼ିନେବା
ଆମ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା

ଗଛଟିଏ ଲଗାଇବା
ଗଛଟିଏ ବଞ୍ଚାଇବା
ଜଳ ସଂଚୟ କରିବା
ପ୍ଲାଷ୍ଟିକ ବ୍ୟବହାର ବର୍ଜନ କରିବା
କାହାକୁ ଅପେକ୍ଷା ନକରି
ନିଜର ଆଖ ପାଖ ପରିବେଶ
ସଫା ରଖିବା

ମାଟି ମାଆକୁ ନିଶ୍ୱାସ
ନେବାକୁ ସମୟ ଦେବା
ଆଗ ପୀଢ଼ି ପାଇଁ
ସୁସ୍ଥ ବାୟୁମଣ୍ଡଳଟିଏ ରଖିଯିବା

ଆସ, ଉଜୁଡି ଯିବା ଆଗରୁ
ଉଜୁଡା ପୃଥିବୀକୁ ସୁନ୍ଦର କରି
ଆଉ ଥରେ ସଜାଡି ନେବା

ନିଗମାନନ୍ଦ ନଗର
ଭୁବନେଶ୍ୱର, ମୋ-୯୯୩୭୩୪୮୨୫୦

# ଅନୁଶୀଳନ

ବନଜା ବିଶ୍ୱାଳ

ଥରେ ନିଜକୁ ଏକାଗ୍ରତା ସହ ହଜେଇ ଦେଖ,
ତୁମକୁ ମିଳିଥିବା ତୁମର ସେଇ ଚରିତ୍ର ଭିତରେ।

ଅସ୍ଥାୟୀ ଖୋଳପା ଭିତରେ ରହି ମଧ୍ୟ ତୁମେ,
ତୁମ ଅଭିନୟ ଏହି ବର୍ତ୍ତମାନର ଜୀବନ୍ତ ସତ୍ୟ ପରି।

ସବୁକିଛି ଜୀବନ୍ତ ହୋଇ ମଧ୍ୟ ସର୍ବଦା ଅସ୍ଥାୟୀ,
ଠିକ୍ ତୁମକୁ ମିଳିଥିବା ତୁମର ସେଇ ଚରିତ୍ର ପରି।

କିଛି ବର୍ଷର ସମୟ ଚକ୍ର ଭିତରେ ଟିକ୍ ଟିକ୍,
ଜୀବନ୍ତ ଜୀବନକୁ ଜିଇଁ ଚାଲ ଚିରନ୍ତନ ସତ୍ୟ ପରି।

ସୁଖ ଦୁଃଖ ହସ କାନ୍ଦ ସବୁକିଛି ଏହି ବର୍ତ୍ତମାନର,
ଜୀବନ୍ତ ଚାରିତ୍ରିକ ଘଟଣାର ସମାହାର ମାତ୍ର।

ବାସ୍ ଏତିକି ତୁମକୁ ବୁଝା ପଡ଼ିଯିବା ପରେ,
ସମୟ ସ୍ରୋତରେ ନିର୍ବିକାର ହୋଇ ଭାସିଯିବ ତୁମେ।

ଏହି ଜୀବନଟା ସମଗ୍ର ସତ୍ତାରୂପୀ ବିଶାଳ କାହାଣୀର,
ଗୋଟିଏ ପୃଷ୍ଠା ମାତ୍ର କେବଳ ବର୍ତ୍ତମାନ ତୁମ ପାଇଁ।

ଥରେ ନିଜକୁ ଏକାଗ୍ର ଚିତ୍ତରେ ଅନୁଶୀଳନ କର,
ତୁମ ଚରିତ୍ରର ବିଶେଷତା ତୁମେ ଆପେ ବୁଝିଯିବ।



ଭାଣପୁର, ଗୋପାଳପୁର
କଟକ-୭୫୩୦୧୧
ମୋ-୮୧୪୪୫୫୭୪୬୧

# ଶ୍ରମିକ ସଂସାର

ଡ. ଦୀପକ କୁମାର ମିଶ୍ର

ସେଇଠି ସରିଗଲା ବୟସ
ଯେଉଁଠି ଆରମ୍ଭ କରିବାର ଥିଲା
ଖୁସିର କୁଟା କାଠିରେ
ନହ ନହକା ନହୁଲି ଡାଳକୁ ଆଶ୍ରା କରି
ବାୟା ଚଢ଼େଇର ବସାଟିଏ ବାନ୍ଧି ।


ପଥର ଫଟାଅ କି ମାଟି ହାଣ
ଦେଉଳ ଗଢ଼ କି ରଙ୍ଗ ବୋଳ
ଦାଦନ ଯାଅ କି
ଦୁଆର ମୁହଁ ଜମିଦାରୀର
ହଳ ବାହା
ଦୁଃଖର ରଞ୍ଜାରେ ଦୁର୍ଦ୍ଦିନର ଲତା ମାଡ଼ି
ଜଞ୍ଜାଳ ଚାଳକୁ ଭାରାକ୍ରାନ୍ତ
କରିବ ହିଁ କରିବ ।

ଭେଣ୍ଡିଆ ଦେହରେ ଗଜା ମାରୁଚି
ବେଠିର ଅଦିନିଆ ବଥ
ଗାଁ' ରୁ ସୁରଟ
ସୂତାକଳରେ ମନ୍ଥି ହେଉଚି

ଭିଟା ମାଟି ଛାଡ଼ି
ବାସି ଶେଯର ବାସ୍ନା ଭୁଲି ନଥିବା
ନୂଆ ନୂଆ ନାଚାର ସଂସାର ।

ନିଅଣ୍ଟ ଗୁଜୁରାଣକୁ ଭାଡିଆ ମହରଗ
ମାଇପ ଅନେଇ ବଇଛି
ଜଳକା ଆଖିରେ
କେବେ ଆଇବ ଗେରସ୍ତ
ଦେହ ଭାଟିରେ ପାଣି ଢାଳିବାକୁ ।।

ସତକୁ ପା'
ଗାଁ'ର ଶ୍ରମିକ ହେଉ କି ବିଦେଶର
ଉଜାଣି ଯୌବନ ସୁଅରେ
ଆଉ କଉ ପହଁରେ ଯେ
ଆଷାଢ଼ର ଯେତେକ
ମଲା ପରି ସୁକୁସୁକୁ ମାଛ ।



ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦

# ବନ୍ଦୀ

ସ୍ନିଗ୍ଧା ପଣ୍ଡା

ଯେଉଁଠି ମୁଁ ବନ୍ଦୀ ହୋଇ ରହେ
ସମସ୍ତେ ତାକୁ ଘର କହନ୍ତି
ମତେ ଚିହ୍ନନ୍ତି ମୋ ବୟସରୁ,
ରଙ୍ଗରୁ, ପରିପାଟୀରୁ,
କେତେ ସମ୍ପର୍କ ବଢ଼େଇ ପାରେ
କ୍ଷୟ କରି ନିଜକୁ
ଦୂର କରି ନିଜଠାରୁ ।।

ଦେଖ,
ସେଇ ଯୋଉ ଯିବା-ଆସିବାର କବାଟ ଅଛି
ତା' କେତେ ପରସ୍ତରେ ତିଆରି
ସେଥିରେ ଲାଗିଛି ମେଟାଲ୍ ଡିଟେକ୍ଟର
ଟେବୁଲ୍ ଉପରେ ଗୋଟେ ରେଜିଷ୍ଟର ଅଛି
କେବେ ଯିବି, କାହିଁକି ଯିବି, କାହା ପାଖକୁ ଯିବି
କିଏ ଆସିଥିଲା, କାହିଁକି ଆସିଥିଲା
ସବୁ ଲେଖିବାକୁ ପଡେ
ଏମିତି କି ମୋ ଆଖିରେ ବି ଚିପ୍ସ ଥାଏ କି କଣ
କାହା ଅଜାଣତରେ ଯେମିତି
ସେ କିଛି ସ୍ୱପ୍ନ ଦେଖି ନ ପାରେ ।।

ଯେତେବେଳେ କେହି ମତେ
ଡାକୁଛି ବୋଲି ଲାଗେ
ମୁଁ କାନ ବନ୍ଦ ରଖେ ଭୟରେ
ଆଉ କେହି ବି ନ ଶୁଣୁ ବୋଲି
ବନ୍ଦ କରେ ଝରକାର ଫାଙ୍କ ସୁଦ୍ଧା
କାଳେ ମତେ ମୁକୁଳେଇ ନେବାକୁ ଆସି
ଆଉ କେହି ବନ୍ଦୀ ହୋଇ ରହିଯିବ ଏ ଘରେ ।।

ମୋର ଗୋଟେ ସୁନ୍ଦର ଶାଢି ଅଛି
ଯୋଉଟା ସାଇତା ହେଇଛି
ଆର ବଖରାରେ
ମୋ ଭଳି ଆଉ ଜଣକ ପେଡିରେ
ଯାହାକୁ ପିନ୍ଧିବାକୁ ପଡିବ
ଏଠୁ ମତେ ବଦଳେଇଲା ବେଳେ
କାନଫୁଲ, ନାକ ଗୁଣା ଆଉ ଚୁଡିର ଲୋଭ ଦେଖେଇ
ଆଉ ଗୋଟେ ଘରେ ।।

ଏବେ ମୁଁ ଗୀତ ଶିଖୁଛି
ଖୋଲା ଆକାଶର ଗୀତ
ପଞ୍ଜୁରୀ ଭିତରେ ଥିଲା ବେଳେ
ସେଇ ଗୀତଟା ଗାଉଥିଲା ସୁନା ଚଢେଇ
ଯିଏ ଦିନେ ଆକାଶକୁ ଅନେଇ
ଉଡି ଯାଇଥିଲା
ଆର ଦିନ ସକାଳେ ତା' ବଦଳରେ
ତାର କେଇଟା ପର ଆକାଶରେ ଉଡୁଥିଲା ।।

ସେଇ ଗୀତଟି ମୁଁ ବି ଶିଖୁଛି
କାହିଁକି ନା କବାଟ ଖୋଲା ଥିଲେ ବି
ଯିବିନି ବୋଲି ସେ ଗୀତରେ ବୁଝେଇ ଦିଆ ଯାଇଛି ।।



ଗ୍ରା. ପୋ. ଲହଣ୍ଡା
ମୋ-୯୮୬୧୩୨୩୬୫୦

# !! ଧାମ !!

କୈଳାସ ଚନ୍ଦ୍ର ସାହାଣୀ



ନିଜ ସ୍ୱାଭିମାନ ଜାତି ଅଭିମାନ
ସବୁ ଦେଲ ତୁମେ ଖାଇ,
କେତେ ଟଙ୍କା ନେଇ ସରଗକୁ ଯିବ
ଚରିଯିବେ ଦିନେ ଉଇ ;
ମୋ କଳା ଠାକୁର ପାଇଁ,
ତୁମରି ପୂର୍ବଜ ସୁରକ୍ଷା ନିମନ୍ତେ
ପାତାଳି କରନ୍ତି ଯାଇ !

ଜଗତରନାଥ ନାମ ଯେ ବହନ୍ତି
ବିଶ୍ୱ ବନ୍ଦିତ ସେ ଧାମ,
ଚାରି ଧାମ ମଧ୍ୟେ ଶ୍ରେଷ୍ଠ ଧାମ ଅଟେ
ଶ୍ରୀକ୍ଷେତ୍ର ପୁରୁଷୋତ୍ତମ ;
ଧର୍ମ, ଅର୍ଥ, ମୋକ୍ଷ, କାମ
ଚଉବର୍ଗ ପ୍ରାପ୍ତି ଏଇ ଧାମେ ମୁକ୍ତି
ବୁଝିଲନି ନରାଧମ !

ଓଡିଆ ଜାତିର ଅସ୍ମିତା ମୋ ପ୍ରଭୁ
ଚଉର୍ଭୁଜ ମହାବାହୁ ,
କେତେ ବିପଦରୁ ତାରଣ ହେଲେ ସେ
ସହି ଯବନର ଦାଉ ;
ଆସିଥିଲା ରକ୍ତବାହୁ,
କଳା ପାହାଡର କଳଙ୍କ ଲିଭିନି
ଇତିହାସେ ଦାଉ ଦାଉ !



ନିମ କାଠ ଖଣ୍ଡେ ନୁହେଁ ମୋ ଦେବତା
ସିଏ ମୋ ଜାତିର ପ୍ରାଣ,
ଯାହା ପାଇଁ ରାଜା ବିଧର୍ମୀ ବୋଲାଏ
କରି ପାରେ କେବେ ରଣ
ନାହିଁ ଆଉ ପରିତ୍ରାଣ ,
ହୋଇ କାଳିଆର ମଉଡ ସେବକ
ହରାଇଲ ନିଜ ପଣ !

ଯେଉଁ ରାଇଜରେ ମରୁଛନ୍ତି ହିନ୍ଦୁ
ତିଳେ ନାହିଁ ମୋହ ମାୟା,
ବିଭେଦର ବୀଜ ବପନ ଯେ କରେ
ବିଜାତିରେ କରି ଦୟା ;
ତାଙ୍କରି ଚରଣ ଧୂଳି,
କେଉଁ ମାନବିକ ପଣ ନେଇଗଲ
ସେଇ ଧାମେ ହେଲ ବୋଲି ?

ଅବିକଳ ପଛେ ହେଉ ସେ ମନ୍ଦିର
ନୁହେଁ ଶୀରିକ୍ଷେତ୍ର ପରି,
ନାହିଁ ବଡଦାଣ୍ଡ ନରେନ୍ଦ୍ର ପୋଖରୀ
ପୁଣ୍ୟ ମହୋଦଧି ସରି ;
ପଞ୍ଚତୀର୍ଥ ଅବତରୀ,
ଶଙ୍ଖନାଭି ଏଇ ମଣ୍ଡଳ ବୋଲାଏ
ପରି ପୂର୍ଣ୍ଣ ଧାମ ପୁରୀ !!



ବଡବିଲ, କେନ୍ଦୁଝର, ମୋ-୯୪୩୭୮୪୩୨୧୯


# ବିଶ୍ୱାସର ବିଶାଳତା

ଅନସୂୟା ପଣ୍ଡା

ବିଶ୍ୱାସର ବିଶାଳ ପଦ୍ମବନରେ
ସାତ ତାଳ ପଙ୍କରୁ
ପ୍ରେମର ନୀଳୋତ୍ପଳ
କଥା ଓ କବିତା ହୋଇ ଜନ୍ମ ନିଏ।
ଆକାଶର କୋରଡରୁ
ଅଭିମାନର ବାଦଲ ବରଷିଲେ
ମାଟି ବିଶ୍ୱାସର ବାସ୍ନାରେ ମହକେ।
କୁଆଁରୀ ସନ୍ଧ୍ୟା
ଅନ୍ଧାରକୁ କଜଳ କରି
ବିଶ୍ୱାସରେ ପିନ୍ଧି ଦେବାପରେ
ଆଉ କ'ଣ ରୋକିପାରେ
ଆଗେଇ ନିଏ ଆଲୋକର ଦିଶାରେ।
ଚୈତ୍ରର ଉହଡହ ଖରାରେ
ବିଶ୍ୱାସ ବାଟ କଢେଇ ନିଏ

ଶୀତଳ ଅନୁଭବ ଦେଇ
ଆତ୍ମାର ପୀଠ ଯାଏ।
ବିଶ୍ୱାସର ବଂଶୀ ବାଜିଲେ
ନିଧୁବନ ଅନ୍ଧାର ହଜିଯାଏ
ଦୀପ୍ତ ଆଲୋକର
ଅଖଣ୍ଡ ଶିଖାରେ।
ବିଶ୍ୱାସର ଛାତିଟିଏ
ଅଟକେଇ ପାରେ
ମହାକାଳୀଙ୍କ ପାଦକୁ ଶିଥିଳ କରି
ମନକୁ କୋମଳତାରେ ଭରି
ଯୋଗିନୀ ତନ୍ତ୍ରରେ ରୁଦ୍ରାକ୍ଷ ମାଳରେ।

ବହୁଥିବା ପବନରେ
ବିଶ୍ୱାସ ଚରିଗଲେ
ଚରାଚର ବିଶ୍ୱ ବ୍ରହ୍ମାଣ୍ଡ
ପାଲଟିଯିବ ସତୀର୍ଥଟିଏ।



ବୁର୍ଲା, ସମ୍ବଲପୁର, ୭୬୮୦୧୮
ମୋ-୯୪୩୯୨୧୧୯୭୧

# ଅଧାରେ ବନ୍ଦ ହେଲା ପଞ୍ଜାବ-ଦିଲ୍ଲୀ ମ୍ୟାଚ୍



**ଧର୍ମଶାଳା**

ଧର୍ମଶାଳାରେ ଗୁରୁବାର ଖେଳାଯାଉଥିବା ପଞ୍ଜାବ କିଙ୍ଗ୍ସ(ପିବିକେଏସ୍) ଏବଂ ଦିଲ୍ଲୀ କ୍ୟାପିଟାଲ୍ସ(ଡିସି) ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଅଧାରୁ ବନ୍ଦ ହୋଇଯାଇଛି। ମ୍ୟାଚ୍‌କୁ ସୁରକ୍ଷାଗତ କାରଣରୁ ଅଧାରୁ ବାତିଲ କରି ଦିଆଯାଇଥିବା ସୂଚନା ଦିଆଯାଇଛି। ଷ୍ଟାଡିୟମର ସମସ୍ତ ଲାଇଟ ବନ୍ଦ କରାଯାଇଥିବା ବେଳେ ଲୋକଙ୍କୁ ସ୍ଥାନାନ୍ତର କରାଯାଉଛି।

ବର୍ଷା ଯୋଗୁ ୧ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିବା ମ୍ୟାଚ୍‌ରେ ମାତ୍ର ୧୦.୧ ଓଭର ପର୍ଯ୍ୟନ୍ତ ଖେଳାଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ମ୍ୟାଚ୍ ବାଧାପ୍ରାପ୍ତ ହେଲା ବେଳକୁ ୧ ଉଇକେଟ ହରାଇ ୧୨୨ ରନ କରିଥିଲା। ପ୍ରଥମେ ଫ୍ଲଡ ଲାଇଟ୍‌ରେ ଅସୁବିଧା ଥିବା ଦର୍ଶାଇ ମ୍ୟାଚ୍‌କୁ ବନ୍ଦ କରାଯାଇଥିଲା। ପରେ ଷ୍ଟାଡିୟମର ବଳକା ଥିବା ସମସ୍ତ ଫ୍ଲଡ ଲାଇଟ୍‌କୁ ବନ୍ଦ କରାଯାଇଥିଲା।

ଟସ୍ ଜିତି ପଞ୍ଜାବ ଅଧିନାୟକ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତିକୁ ଦୁଇ ଓପନର ପ୍ରିୟାଂଶ ଆର୍ଯ୍ୟ ଓ ପ୍ରଭସିମରନ ସିଂ ସଠିକ ପ୍ରମାଣ କରିବା ସହ ପଞ୍ଜାବକୁ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ପ୍ରଥମ ଉଇକେଟ ପାଇଁ ୧୨୨ ରନ ଯୋଡ଼ିଥିଲେ। ପ୍ରିୟାଂଶ ଆର୍ଯ୍ୟ ୩୪ ବଲରେ ୫ ଚୌକା ଓ ୬ ଛକା ସହିତ ୭୦ ରନ କରି ଆଉଟ୍ ? ହୋଇଥିବା ବେଳେ ପ୍ରଭସିମରନ ସିଂ ୨୮ ବଲରେ ୭ ଚୌକା ସହିତ ୫୦ ରନ କରି ଅପରାଜିତ ରହିଥିଲେ। ଦିଲ୍ଲୀ ପକ୍ଷରୁ ଟି. ନଟରାଜନ ଏକମାତ୍ର ଉଇକେଟ ଅକ୍ତିଆର କରିଥିଲେ।

# ଭାରତର ଆକ୍ରମଣ ପରେ ପାକିସ୍ତାନ ସୁପର ଲିଗ୍ ମ୍ୟାଚ୍ ବାତିଲ

**ନୂଆଦିଲ୍ଲୀ**

ରାୱାଲପିଣ୍ଡି କ୍ରିକେଟ ଷ୍ଟାଡିୟମରେ ଗୁରୁବାର ସନ୍ଧ୍ୟାରେ ପେଶାୱାର ଜାଲମି ଏବଂ କରାଚୀ କିଙ୍ଗସ ମଧ୍ୟରେ ଥିବା ପାକିସ୍ତାନ ସୁପର ଲିଗ୍ (ପିଏସଏଲ) ମ୍ୟାଚ୍ ଭାରତୀୟ ସଶସ୍ତ୍ର ବାହିନୀ ଦ୍ୱାରା ପାକିସ୍ତାନର ବିଭିନ୍ନ ସ୍ଥାନରେ ବାୟୁ ପ୍ରତିରକ୍ଷା ରାଡାର ବ୍ୟବସ୍ଥାକୁ ଟାର୍ଗେଟ କରିବା ପରେ ବାତିଲ ହୋଇଛି।



ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଅଧିକାରୀମାନେ ପିଏସଏଲର ବାକି ମ୍ୟାଚ୍‌ଗୁଡ଼ିକୁ ତିନୋଟି ସ୍ଥାନ - କରାଚୀ, ଦୋହା ଏବଂ ଦୁବାଇକୁ ସ୍ଥାନାନ୍ତର କରିବାକୁ ପ୍ରସ୍ତାବ ଦେଇଛନ୍ତି। ପିସିବି ବୁଧବାର ଘୋଷଣା କରିଥିଲା ଯେ ଭାରତର ଆକ୍ରମଣ ଏବଂ ଦୁଇ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ସତ୍ତ୍ୱେ ପିଏସଏଲ ଯୋଜନା ଅନୁସାରେ ଆଗେଇ ଚାଲିବ। ତେବେ ପରିସ୍ଥିତି ଦ୍ରୁତ ଗତିରେ ବଦଳିଯାଇଛି।

"ରାୱାଲପିଣ୍ଡିରେ ଏକ ପିଏସଏଲ ମ୍ୟାଚ୍ ଆକ୍ରମଣ ପରେ ବାତିଲ ହୋଇଛି, ଯାହା ବିଦେଶୀ ଖେଳାଳିମାନଙ୍କୁ ଗଭୀର ଚିନ୍ତାରେ ପକାଇଛି। ମ୍ୟାଚ୍‌ଟି ଗୁରୁବାର ରାତିରେ ଥିଲା। ଅନେକ ଖେଳାଳି ଏବେ ଯଥାଶୀଘ୍ର ଦେଶ ଛାଡ଼ିବାକୁ ଚାହୁଁଛନ୍ତି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ସରକାରଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନେବ,'' ଜଣେ ପୂର୍ବତନ ପାକିସ୍ତାନୀ କ୍ରିକେଟର ଆଇଏଏନଏସକୁ କହିଛନ୍ତି।

ମେ ୭ ତାରିଖ ଭୋରରେ, ଭାରତ ପହଲଗାମରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ, ଯେଉଁଥିରେ ୨୬ ଜଣଙ୍କର ମୃତ୍ୟୁ ହୋଇଥିଲା (୨୫ ଜଣ ଭାରତୀୟ ଏବଂ ଜଣେ ନେପାଳୀ ନାଗରିକ), ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ରେ ଥିବା ନଅଟି ଉଚ୍ଚ-ମୂଲ୍ୟ ଆତଙ୍କବାଦୀ ଶିବିର ଉପରେ ସଠିକ ଆକ୍ରମଣ ଆରମ୍ଭ କରିଥିଲା। ମେ ୭-୮ ରାତିରେ, ପାକିସ୍ତାନ ଉତ୍ତର ଏବଂ ପଶ୍ଚିମ ଭାରତର ଅନେକ ସାମରିକ ଲକ୍ଷ୍ୟସ୍ଥଳ ଯଥା ଅବାନ୍ତିପୁରା, ଶ୍ରୀନଗର, ଜମ୍ମୁ, ପଠାନକୋଟ, ଅମୃତସର, କପୁରଥାଲା, ଜଳନ୍ଧର, ଲୁଧିଆନା, ଆଦମପୁର, ଭଟିଣ୍ଡା, ଚଣ୍ଡୀଗଡ଼, ନାଲ, ଫାଲୋଡ଼ି, ଉତ୍ତରଲାଇ ଏବଂ ଭୁଜକୁ ଡ୍ରୋନ ଏବଂ ମିସାଇଲ ବ୍ୟବହାର କରି ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା।

ଗୁରୁବାର ସକାଳେ ଭାରତ ପାକିସ୍ତାନର ବିଭିନ୍ନ ସ୍ଥାନରେ ବାୟୁ ପ୍ରତିରକ୍ଷା ରାଡାର ଏବଂ ବ୍ୟବସ୍ଥାକୁ ଟାର୍ଗେଟ କରିଥିଲା, ଯେଉଁଥିରେ ଲାହୋରରେ ଥିବା ଏକ ରାଡାରକୁ ନିଷ୍କ୍ରିୟ କରାଯାଇଛି ବୋଲି ସରକାର ଏକ ବିବୃତିରେ କହିଛନ୍ତି।

ପାକିସ୍ତାନ ଗଣମାଧ୍ୟମ ଅନୁସାରେ, ପିସିବି ଗୁରୁବାର ଲାହୋରର ଗଦ୍ଦାଫୀ ଷ୍ଟାଡିୟମରେ ପିଏସଏଲ ଫ୍ରାଞ୍ଚାଇଜିଗୁଡ଼ିକ ସହିତ ଏକ ଜରୁରୀ ବୈଠକ ଡାକିଛି, ଯେଉଁଥିରେ ବାକି ପିଏସଏଲ ମ୍ୟାଚ ଆୟୋଜନର ସମ୍ଭାବ୍ୟ ବିକଳ୍ପଗୁଡ଼ିକ ଉପରେ ଆଲୋଚନା ହେବ। ଜିଓ ସୁପର ରିପୋର୍ଟ ଅନୁସାରେ, ବର୍ତ୍ତମାନର ଜାତୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ପିସିବି ପିଏସଏଲ ୧୦ ଏବଂ ବାଂଲାଦେଶ ବିପକ୍ଷ ଘରୋଇ ଟି୨୦ ସିରିଜରେ କୌଣସି ବାଧା ଏଡ଼ାଇବା ପାଇଁ ବିଭିନ୍ନ ବିକଳ୍ପ ବିଚାର କରୁଛି।

## ଭାରତର ଜୋରଦାର ଆକ୍ରମଣ : ପିଏସଏଲ ମ୍ୟାଚ୍ ପୂର୍ବରୁ ରାୱାଲପିଣ୍ଡି କ୍ରିକେଟ୍ ଷ୍ଟାଡିୟମ କ୍ଷତିଗ୍ରସ୍ତ

**ନୂଆଦିଲ୍ଲୀ**

ସୋସିଆଲ ମିଡିଆରେ ଭାଇରାଲ ରିପୋର୍ଟ ଅନୁଯାୟୀ, ଗୁରୁବାର ରାୱାଲପିଣ୍ଡି କ୍ରିକେଟ ଷ୍ଟାଡିୟମ ନିକଟରେ ଏକ ଡ୍ରୋନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଘଟଣା ପେଶାୱାର ଜାଲମି ଏବଂ କରାଚୀ କିଙ୍ଗସ ମଧ୍ୟରେ ନିର୍ଦ୍ଧାରିତ ପାକିସ୍ତାନ ସୁପର ଲିଗ (ପିଏସଏଲ) ମ୍ୟାଚ ଆରମ୍ଭ ହେବାର କିଛି ଘଣ୍ଟା ପୂର୍ବରୁ ଘଟିଛି, ଯାହା ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ସୁରକ୍ଷା ଚିନ୍ତାକୁ ଆହୁରି ବୃଦ୍ଧି କରିଛି। ରିପୋର୍ଟ ଅନୁଯାୟୀ, ଏହି ଦୁର୍ଘଟଣାରେ ଷ୍ଟାଡିୟମ ନିକଟରେ ଥିବା ଏକ ରେଷ୍ଟୁରାଣ୍ଟ ଭବନରେ ଆଂଶିକ କ୍ଷୟକ୍ଷତି ହୋଇଛି। ସ୍ଥାନୀୟ ପାକିସ୍ତାନୀ ରିପୋର୍ଟ ଅନୁସାରେ, କର୍ତ୍ତୃପକ୍ଷ ଏହି ଅଞ୍ଚଳକୁ ସିଲ୍ କରିଦେଇଛନ୍ତି ଏବଂ ଡ୍ରୋନର ଉତ୍ପତ୍ତି ଏବଂ ଏହା କୌଣସି ବିସ୍ଫୋରକ ବହନ କରୁଥିଲା କି ନାହିଁ ତାହାର ତଦନ୍ତ କରୁଛନ୍ତି।

# ଅପରେସନ ସିନ୍ଦୂର ପରେ ମୁମ୍ବାଇ-ପଞ୍ଜାବ ମ୍ୟାଚ୍ ଅହମଦାବାଦକୁ ସ୍ଥାନାନ୍ତର



**ନୂଆଦିଲ୍ଲୀ**

ଆସନ୍ତା ୧୧ ତାରିଖରେ ଧର୍ମଶାଳାରେ ପଞ୍ଜାବ କିଙ୍ଗ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌କୁ ଅହମଦାବାଦକୁ ସ୍ଥାନାନ୍ତର କରାଯାଇଛି। ପାକିସ୍ତାନରେ ଆତଙ୍କବାଦ ସହ ଜଡ଼ିତ ବିଭିନ୍ନ କୋଠାକୁ ଅପରେଶନ ସିନ୍ଦୂର ଦ୍ୱାରା ଭାରତ ଧ୍ୱଂସ କରିବା ପରେ ହିମାଚଳ ପ୍ରଦେଶର ବିମାନବନ୍ଦର ବନ୍ଦ କରିଦିଆଯାଇଛି। ଏହି କାରଣରୁ ମ୍ୟାଚ୍‌କୁ ଅହମଦାବାଦକୁ ସ୍ଥାନାନ୍ତର କରାଯାଇଛି। ଗୁଜରାଟ କ୍ରିକେଟ ଆସୋସିଏସନ (ଜିସିଏ) ସମ୍ପାଦକ ଅନିଲ ପଟେଲ ଏହା ସ୍ପଷ୍ଟ କରିଛନ୍ତି। ପୂର୍ବରୁ ଏହି ମ୍ୟାଚ୍‌କୁ ମୁମ୍ବାଇକୁ ସ୍ଥାନାନ୍ତର କରାଯିବ ବୋଲି ରିପୋର୍ଟ ଆସିଥିଲା। ବିସିସିଆଇ ପକ୍ଷରୁ ଆମକୁ ଅନୁରୋଧ କରାଯାଇଥିଲା ଏବଂ ଆମେ ତାହାକୁ ଗ୍ରହଣ କରିଛୁ। ଏହି ମ୍ୟାଚ୍ ରବିବାର ଅପରାହ୍ନରେ ହେବ ବୋଲି ପଟେଲ କହିଛନ୍ତି।

# ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳର ଅନ୍ତର୍ବିଭାଗୀୟ ଦିବା ରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ : ଅପରେଟିଂ ବିଭାଗ ଚାମ୍ପିଅନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଇଷ୍ଟକୋଷ୍ଟ ରେଳ ସ୍ପୋର୍ଟସ ଆସୋସିଏସନ, ଖୋର୍ଦ୍ଧା ରୋଡ୍, ଦ୍ୱାରା, ଆୟୋଜିତ "ଆନ୍ତର୍ବିଭାଗୀୟ ଦିବା ରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ-୨୦୨୫" ଶେଷହୋଇଛି। ଇଲେକ୍ଟ୍ରିକାଲ (ଓପି) ଏବଂ ଅପରେଟିଂ, ବିଭାଗ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଅପରେଟିଂ ବିଭାଗ ଟୁର୍ଣ୍ଣାମେଣ୍ଟରେ ବିଜୟ ହାସଲ କରିଛି।




୨୫.୦୪.୨୦୨୫ରେ ଖୋର୍ଦ୍ଧାରୋଡ଼ ରେଲୱେ ଷ୍ଟାଡିୟମ୍ ଠାରେ ଆନ୍ତର୍ବିଭାଗୀୟ ଦିବା ରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ-୨୦୨୫, ଉଦ୍‌ଘାଟିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳର ୧୩ଟି ବିଭାଗ ଅଂଶଗ୍ରହଣ କରିଥିଲେ। ସମସ୍ତ ବିଭାଗ ମଧ୍ୟରେ ମୋଟ ୩୦ଟି ଲିଗ୍ ମ୍ୟାଚ୍ ଏବଂ ଦୁଇଟି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେଇଥିଲା। ଇଲେକ୍ଟ୍ରିକାଲ (ଓପି) ଏବଂ ଅପରେଟିଂ ବିଭାଗ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଅପରେଟିଂ ବିଭାଗ ୬ ରନ୍‌ରେ ବିଜୟ ହାସଲ କରିଛି।

ଖୋର୍ଦ୍ଧାରୋଡ଼ ମଣ୍ଡଳର ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା, ବିଜେତା ତଥା ରନର୍ସଅପ୍ ଦ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଖେଳାଳିମାନଙ୍କୁ ବିଭିନ୍ନ ଟ୍ରଫି ମଧ୍ୟ ପ୍ରଦାନ କରାଯାଇଥିଲା। ସୁରକ୍ଷା ବିଭାଗର ଶ୍ରୀ ଲିଙ୍ଗରାଜ ବରାଳ, ମ୍ୟାନ୍ ଅଫ ଦି ଟୁର୍ଣ୍ଣାମେଣ୍ଟ ଏବଂ ଅପରେଟିଂ ବିଭାଗର, ଶୁଭ୍ରକାନ୍ତ ଦତ୍ତ, ମ୍ୟାନ୍ ଅଫ ଦି ମ୍ୟାଚ୍ ଟ୍ରଫି ହାସଲ କରିଛନ୍ତି।

ଅପରେଟିଂ ବିଭାଗର ସୁନୀଲ ସୂତର, ଶ୍ରେଷ୍ଠ ବୋଲର ଟ୍ରଫି, ଦୂର ସଂଚାର ଏବଂ ସଙ୍କେତ ବିଭାଗର, ବୈକୁଣ୍ଠ କରଣ ଶ୍ରେଷ୍ଠ ଫିଲ୍ଡର ଟ୍ରଫି, ଏବଂ ଇଲେକ୍ଟ୍ରିକାଲ (ଓପି) ବିଭାଗର ଅମିତ କୁମାର, ଶ୍ରେଷ୍ଠ ବ୍ୟାଟସ୍ ମ୍ୟାନ ଟ୍ରଫି ଜିତିଛନ୍ତି। ଟୁର୍ଣ୍ଣାମେଣ୍ଟର ସର୍ବୋତ୍ତମ ଅନୁଶାସନ ଦଳ ଭାବରେ ବାଣିଜ୍ୟ ବିଭାଗକୁ ଟ୍ରଫି ପ୍ରଦାନ କରାଯାଇଛି।

ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) ପି.କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନଫ୍ରା) ଶୁଭ୍ର ଜ୍ୟୋତି ମଣ୍ଡଳ, ଅନ୍ୟ ଶାଖା ଅଧିକାରୀ ଏବଂ କର୍ମଚାରୀମାନେ ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଆନ୍ତର୍ବିଭାଗୀୟ ଦିବା ରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ-୨୦୨୫, ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳର କ୍ରୀଡ଼ା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ, ହିମାଦ୍ରି ଭୂଷଣ ବିଶ୍ୱାଳଙ୍କ ନେତୃତ୍ୱ ତଥା ନିର୍ଦ୍ଦେଶନାରେ ପରିଚାଳିତ ହୋଇଛି।

# ରୋହିତ ଶର୍ମାଙ୍କ ଅବସର ପରେ ଭାରତୀୟ ଟେଷ୍ଟ ଅଧିନାୟକ ଦୌଡ଼ରେ ଶୁଭମନ ଗିଲ୍

**ମୁମ୍ବାଇ**

ରୋହିତ ଶର୍ମାଙ୍କ ଟେଷ୍ଟ ଅଧିନାୟକତ୍ୱରୁ ଅବସର ଘୋଷଣା ପରେ ଭାରତୀୟ କ୍ରିକେଟରେ ନୂଆ ନେତୃତ୍ୱ ଚୟନ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ଦୌଡ଼ରେ ଯୁବ ବ୍ୟାଟ୍‌ସମ୍ୟାନ ଶୁଭମନ ଗିଲ ଅନ୍ୟତମ ପ୍ରମୁଖ ଦାବିଦାର ଭାବେ ଆଗରେ ରହିଛନ୍ତି। ୨୫ ବର୍ଷୀୟ ଗିଲଙ୍କ ସ୍ଥିର ପ୍ରଦର୍ଶନ, ନେତୃତ୍ୱ ଦକ୍ଷତା ଏବଂ ଦୀର୍ଘକାଳୀନ ସମ୍ଭାବନା ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ଏକ ଆକର୍ଷଣୀୟ ପ୍ରାର୍ଥୀ କରିଛି।

ପଞ୍ଜାବରୁ ଆସିଥିବା ଶୁଭମନ ଗିଲ୍ ୨୦୧୮ରେ ୧୯ ବର୍ଷରୁ କମ୍ ବିଶ୍ୱକପରେ ଭାରତୀୟ ବିଜୟୀ ଦଳର ସଦସ୍ୟ ଥିଲେ। ତାଙ୍କର ଶାନ୍ତ ମନୋଭାବ ଏବଂ ମଇଦାନରେ ରଣନୀତିଗତ ଚିନ୍ତାଧାରା ତାଙ୍କୁ ଅଲଗା କରିଛି। ଟେଷ୍ଟ କ୍ରିକେଟରେ ଗିଲ୍ ୨୫ ମ୍ୟାଚ୍‌ରେ ୧୪୯୨ ରନ ସଂଗ୍ରହ କରିଛନ୍ତି, ଯେଉଁଥିରେ




୪ଟି ଶତକ ଏବଂ ୬ଟି ଅର୍ଦ୍ଧଶତକ ରହିଛି। ୨୦୨୦-୨୧ ଅଷ୍ଟ୍ରେଲିଆ ଗସ୍ତରେ ଗାବାରେ ତାଙ୍କର ୯୧ ରନର ଇନିଂସ ଭାରତର ଐତିହାସିକ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ଘରୋଇ କ୍ରିକେଟରେ ଗୁଜରାଟ ଟାଇଟନ୍ସକୁ ଆଇପିଏଲ ୨୦୨୨ରେ ଚାମ୍ପିୟନ କରାଇବା ଏବଂ ୨୦୨୩ରେ ରଣଜୀ ଟ୍ରଫିରେ ପଞ୍ଜାବ ପାଇଁ ନେତୃତ୍ୱ ଦେବା ଗିଲଙ୍କ ନେତୃତ୍ୱ କ୍ଷମତାକୁ ଆହୁରି ଉଜାଗର କରିଛି। ତାଙ୍କର ଖେଳାଳିମାନଙ୍କ ସହ ସମ୍ପର୍କ ଏବଂ କଠିନ ପରିସ୍ଥିତିରେ ଧୈର୍ଯ୍ୟ ରଖିବାର ଗୁଣ ତାଙ୍କୁ ଟିମ୍ ଇଣ୍ଡିଆର ନେତା ଭାବେ ପ୍ରସ୍ତୁତ କରୁଛି।

ଗିଲଙ୍କ ସହ ଜଶପ୍ରୀତ ବୁମ୍‌ରା, ଯିଏ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଅସ୍ଥାୟୀ ଅଧିନାୟକ ଭାବେ ଦଳକୁ ନେତୃତ୍ୱ ଦେଇଛନ୍ତି, ଏବଂ ଋଷଭ ପନ୍ତ ମଧ୍ୟ ଏହି ଦୌଡ଼ରେ ଅଛନ୍ତି। ବୁମରାଙ୍କର ଅଭିଜ୍ଞତା ଏବଂ ପନ୍ତଙ୍କର ଆକ୍ରମଣାତ୍ମକ ଶୈଳୀ ସେମାନଙ୍କୁ ଶକ୍ତ ପ୍ରତିଦ୍ୱନ୍ଦୀ କରୁଛି। ତେବେ ଗିଲଙ୍କ ଯୁବ ଉତ୍ସାହ, ଟେଷ୍ଟ ଫର୍ମାଟରେ ସ୍ଥିରତା ଏବଂ ଦୀର୍ଘମିଆଦୀ ନେତୃତ୍ୱ ପାଇଁ ସମ୍ଭାବନା ତାଙ୍କୁ ଅନ୍ୟମାନଙ୍କଠାରୁ ଆଗରେ ରଖୁଛି।

# ପଶ୍ଚିମ ଓଡ଼ିଶାର ରେଳ ଷ୍ଟେସନଗୁଡ଼ିକର ରୂପାନ୍ତରଣ : ଅମୃତ ଷ୍ଟେସନ ଯୋଜନା ଆଣୁଛି ଆଧୁନିକ ଢାଞ୍ଚା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଅମୃତ ଷ୍ଟେସନ ଯୋଜନାର ଅଂଶରୂପ ପଶ୍ଚିମ ଓଡ଼ିଶାର ବିଭିନ୍ନ ରେଳ ଷ୍ଟେସନଗୁଡ଼ିକର ପୁନର୍ବିକାଶ କାର୍ଯ୍ୟ ହାତକୁ ନେଇଛି ଭାରତୀୟ ରେଳ। ଏହି ପ୍ରୟାସର ଉଦ୍ଦେଶ୍ୟ ହେଉଛି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନଗୁଡ଼ିକୁ ଆଧୁନିକ ସୁବିଧା ସହିତ ରୂପାନ୍ତରଣ କରିବା, ଯାହା ଯାତ୍ରୀମାନଙ୍କ ପାଇଁ ଯାତ୍ରା ଅନୁଭବକୁ ଉନ୍ନତ କରିବା ସହିତ ସ୍ଥାନୀୟ ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବ।

ଏହି ପୁନର୍ବିକାଶର ମୁଖ୍ୟ କେନ୍ଦ୍ରବିନ୍ଦୁ ହେବ ରୂପାନ୍ତରଣ ସହ ଢାଞ୍ଚାରେ ବିକାଶ, ସୁବିଧାର ଆଧୁନିକୀକରଣ ଓ ନିରବଚ୍ଛିନ୍ନ ଯାତ୍ରା ସଂଯୋଗ ସୁନିଶ୍ଚିତ କରିବା ଯାହା ଯାତ୍ରୀ ସୁବିଧା ଓ ବ୍ୟବସାୟିକ ବୃଦ୍ଧି ଉଭୟକୁ ପ୍ରୋତ୍ସାହିତ କରିବ। ଓଡ଼ିଶାର ପଶ୍ଚିମ ଅଞ୍ଚଳର ଚୟନିତ ଷ୍ଟେସନର ଢାଞ୍ଚା, ପ୍ରଯୁକ୍ତି ଓ ଯାତ୍ରୀ ସେବାରେ ବ୍ୟାପକ ରୂପାନ୍ତରଣ ଦେଖିବାକୁ ମିଳିବ। ଏହି ପଦକ୍ଷେପ ଭାରତୀୟ ରେଳକୁ ଆଧୁନିକ ବନାଇବା ପାଇଁ ଚାଲୁଥିବା ଅଭିଯାନ ସହ ସମନ୍ୱୟ ରଖୁଛି ଓ ସମସ୍ତଙ୍କ ପାଇଁ ସୁବିଧାଜନକ ଏବଂ ବ୍ୟବହାରକାରୀ-ମିତ୍ରପୂର୍ଣ୍ଣ ଯାତ୍ରା ଅନୁଭବ ପ୍ରଦାନ କରିବ।

**ପୁନର୍ବିକାଶର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ:**

ରୂପାନ୍ତରଣରେ ଆଧୁନିକ ଢାଞ୍ଚା : ରେଳ ଷ୍ଟେସନଗୁଡ଼ିକରେ ଆଧୁନିକ ମାନଦଣ୍ଡ ଅନୁଯାୟୀ ପ୍ଲାଟଫର୍ମ, ସୁନିୟୋଜିତ ଟିକେଟ୍ ବୁକିଂ ବ୍ୟବସ୍ଥା, ପ୍ରତୀକ୍ଷା କକ୍ଷ ଓ ବୃଦ୍ଧିପାଇ ଥିବା ସ୍ୱଚ୍ଛତା ମାନଦଣ୍ଡ ଉପଲବ୍ଧ ହେବ ଯାହା ଯାତ୍ରୀମାନଙ୍କ ପାଇଁ ସୁବିଧା ଓ ସାନ୍ତ୍ୱନା ସୁନିଶ୍ଚିତ କରିବ।

ଅଧିକ ସହଜ ପ୍ରବେଶ ଓ ପ୍ରସ୍ଥାନ : ଏହି ପୁନର୍ବିକାଶରେ ଏସ୍କେଲେଟର, ଲିଫ୍ଟ ସହିତ ଫୁଟ୍ ଓଭର୍ ବ୍ରିଜ୍ ନିର୍ମାଣ ହେବ ଯାହା ବୃଦ୍ଧ, ଦିବ୍ୟାଙ୍ଗଜନ ଲୋକମାନେ ଓ ଶିଶୁସହିତ ପରିବାର ସଦସ୍ୟ ମାନଙ୍କ ପାଇଁ ପ୍ରବେଶକୁ ଉପଯୁକ୍ତ ଓ ଅବିରାମ ସେବା ପ୍ରଦାନ କରିବ।

ସୁସ୍ଥ ଓ ପରିବେଶ ଅନୁକୂଳ ଢାଞ୍ଚା : ଷ୍ଟେସନଗୁଡିକ ଗ୍ରୀନ୍ ବିଲ୍ଡିଂ ସିଦ୍ଧାନ୍ତ ଅନୁଯାୟୀ ଉନ୍ନତ ହେବ ଯେଉଁଥିରେ ନବୀକରଣ ଦ୍ୱାରା ରୂପାନ୍ତରଣ ସମାଧାନ, ଜଳ ସଞ୍ଚୟ ପ୍ରଣାଳୀ ଓ ବ୍ୟବସ୍ଥିତ ଅବଶିଷ୍ଟ ପରିଚାଳନା ବ୍ୟବସ୍ଥା ଅନ୍ତର୍ଭୁକ୍ତ ହେବ। ଏହା ଭାରତୀୟ ରେଳର ସ୍ଥାୟୀ ବିକାଶ ପ୍ରତି ପ୍ରତିଶ୍ରୁତିବଦ୍ଧତାର ସ୍ପଷ୍ଟ ପ୍ରତିବିମ୍ବ ହେବ।

ଷ୍ଟେସନ ପରିସର ମଧ୍ୟରେ ଶ୍ରେଷ୍ଠ ପରିଚାଳନ ଅଞ୍ଚଳ : ପୁନର୍ବିକାଶ ଦ୍ୱାରା ଷ୍ଟେସନ ପରିସରରେ ଡ୍ରପ୍-ଅନ୍ ଓ ଡ୍ରପ୍-ଆଉଟ୍ ଲେନ୍ ସହିତ ପର୍ଯ୍ୟାପ୍ତ ପାର୍କିଂ ସ୍ଥଳ ବିକାଶ କରାଯିବ ଯାହା ପରିଚାଳନାଗତ ଗତିଶୀଳତାକୁ ସାଧନ କରିପାରିବ।

ଆଧୁନିକ ଯାତ୍ରୀ ସୁବିଧା : ୱାଇଫାଇ, ଡିଜିଟାଲ୍ ଡିସ୍ପ୍ଲେ, ଉନ୍ନତ ସୁରକ୍ଷା ପ୍ରଣାଳୀ, ଉନ୍ନତ ଖାଦ୍ୟ ସେବା ଓ ଆଧୁନିକ ପ୍ରତିକ୍ଷା ହଲ୍ ସହିତ ଯାତ୍ରୀ ଅନୁଭବକୁ ଗୁରୁତ୍ୱପୂର୍ଣ୍ଣ ଭାବେ ରୂପାନ୍ତରିତ କରିବ।

ଆଞ୍ଚଳିକ ଅର୍ଥନୈତିକ ବିକାଶ : ଏହି ପୁନର୍ବିକାଶ ପ୍ରକଳ୍ପ ଦ୍ୱାରା ପର୍ଯ୍ୟଟନକୁ ଉତ୍ସାହିତ କରି ଆଞ୍ଚଳିକ ସଂଯୋଗ ବୃଦ୍ଧି କରିବ ଓ ନିଯୋଗ ସୃଷ୍ଟି କରିବା ଦ୍ୱାରା ସ୍ଥାନୀୟ ଅର୍ଥନୈତିକ ଗତିଶୀଳତାକୁ ତ୍ୱରାନ୍ୱିତ କରାଯିବ।

ପଶ୍ଚିମ ଓଡ଼ିଶା ଅଞ୍ଚଳ, ଯାହା ଏକ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ବିବିଧ ପ୍ରାକୃତିକ ପରିଦୃଶ୍ୟରେ ପରିପୂର୍ଣ୍ଣ, ଏହି ଆଧୁନିକି-କରଣରୁ ବିଶେଷ ଭାବରେ ଲାଭାନ୍ୱିତ ହେବ। ଏହି ପୁନର୍ବିକାଶ ପ୍ରୟାସର ଅନ୍ତର୍ଗତ ରେଳ ଷ୍ଟେସନଗୁଡିକ ହେଲେ- ରାଉରକେଲା, ବିମଳାଗଡ଼, ରାଜଗାଙ୍ଗପୁର, ପାନପୋଷ, ଝାରସୁଗୁଡା, ଝାରସୁଗୁଡ଼ା ରୋଡ଼, ବ୍ରଜରାଜ ନଗର, ବେଲପାହାଡ଼, ସମ୍ବଲପୁର, ସମ୍ବଲପୁର ସିଟି, ଖରିଆର ରୋଡ଼, ହିରାକୁଦ, କେସିଙ୍ଗା, ବରଗଡ଼ ରୋଡ଼, ବରପାଲି, ବଲାଙ୍ଗିର, ଟିଟିଲାଗଡ଼, କଣ୍ଟାବାଞ୍ଜି, ହରିଶଙ୍କର ରୋଡ଼, ଭବାନୀପାଟଣା, ହିମଗିର ଇତ୍ୟାଦି।

ଭାରତୀୟ ରେଳ ଏହି ପ୍ରକଳ୍ପଗୁଡିକୁ ସମୟ ସୀମା ମଧ୍ୟରେ ସମାପ୍ତ କରିବାପାଇଁ ପ୍ରତିବଦ୍ଧ ଅଛି ଓ କାମ ଧାରାବାହିକ ବି ହବାରେ ପ୍ରାରମ୍ଭ କରାଯାଉଛି। ଏହି ପୁନର୍ବିକାଶ ଯୋଜନା ଆଗାମୀ କିଛି ବର୍ଷରେ ସଫଳ ଭାବେ ଅନୁଷ୍ଠିତ ହେବ ବୋଲି ଆଶା କରାଯାଉଛି।

**ଏବେ ଏହି ଷ୍ଟେସନମାନଙ୍କର ପୁନର୍ବିକାଶ କାର୍ଯ୍ୟର ନିର୍ମାଣ ସମ୍ପର୍କରେ ଅଦ୍ୟତନ ତଥ୍ୟ ଦିଆଯାଉଛି:**

ଝାରସୁଗୁଡ଼ା ରୋଡ଼ (୧୮.୭୭ କୋଟି ଟଙ୍କା): ଝାରସୁଗୁଡା ରୋଡ଼ ଷ୍ଟେସନର ପୁନର୍ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି ଯାହା ଆଧୁନିକ ଯାତ୍ରୀ ସୁବିଧା ସହିତ ରେଳ ଉପଭୋକ୍ତାମାନଙ୍କ ଉପଲବ୍ଧତା ପାଇଁ ଗଠିତ ହେଉଛି। ଏଥିରେ ଷ୍ଟାଫ୍ ସୁବିଧା ବ୍ଲକର ବିକାଶ, ବର୍ତ୍ତମାନ ମୌଜୁଦା ଭବନର ମୁଖଶାଳା ସୌନ୍ଦର୍ଯ୍ୟ ବୃଦ୍ଧି, ୧୨ ମିଟର ଚୌଡ଼ା ଫୁଟ୍ ଓଭର ବ୍ରିଜ୍ ନିର୍ମାଣ, ମଞ୍ଚ ପୃଷ୍ଠତଳର ସୁଧାର, ଦୁଇଟି ଯାତ୍ରୀ ଲିଫ୍ଟ ପ୍ରଦାନ, ପ୍ଲାଟଫର୍ମ ୧, ୨ ଓ ୩ରେ ଅତିରିକ୍ତ ୬ଟି ବେ ଶେଡ୍ ବିନ୍ୟାସ, ରେଳ ଗାଡ଼ି ଓ କୋଚ୍ ସୂଚନା ଫଳକ ଥିବା ବ୍ୟବସ୍ଥା, ମାନକ ସାଇନେଜ୍, ଦିବ୍ୟାଙ୍ଗଜନ ପାଇଁ ଉପଯୁକ୍ତ ସୁବିଧା ଓ ଆଧୁନିକ ଶୌଚାଳୟ ଶାମିଲ ଅଛି।

ବ୍ରଜରାଜନଗର : ଓଡ଼ିଶାର ଏକ ସୁସଂଗଠିତ ଯାତାୟାତ କେନ୍ଦ୍ର ଭାବେ ପରିଚିତ ବ୍ରଜରାଜନଗର ରେଳ ଷ୍ଟେସନ ବ୍ରଜରାଜନଗର ନଗର ଓ ନିକଟବର୍ତ୍ତୀ ଅଞ୍ଚଳକୁ ସେବା ଯୋଗାଇଥାଏ। ଏହି ଷ୍ଟେସନ ବହୁତ ଗୁରୁତ୍ୱପୂର୍ଣ୍ଣ ଏମସିଏଲ ଖଣିଗୁଡିକ ପାଇଁ ମଧ୍ୟ ଏକ ମୁଖ୍ୟ ସେବାକେନ୍ଦ୍ର ଭାବରେ କାର୍ଯ୍ୟ କରୁଅଛି। ଏହି ଅଞ୍ଚଳ ସାମ୍ବଲପୁରୀ କଳାକୃତି ଲାଗି ବିଶେଷ ପ୍ରସିଦ୍ଧ ଯାହା ଏଠାରେ ବିସ୍ତୃତ ଭାବେ ଦେଖିବାକୁ ମିଳେ। ପୁନର୍ବିକାଶରେ ଅନ୍ତର୍ଭୁକ୍ତ ମୁଖ୍ୟ କାର୍ଯ୍ୟଗୁଡ଼ିକ ହେଲା- ଷ୍ଟେସନ ପରିସରର ଚଳାଚଳ ଅଞ୍ଚଳ ବିକାଶ, ଉଦ୍ୟାନ ଓ ଲ୍ୟାଣ୍ଡସ୍କେପିଂ, ଡ୍ରେନ ବିକାଶ, ଲାମିନେଟେଡ୍ ଗ୍ଲାସ୍ ଛାତ, ଟେରାକୋଟା କାର୍ଯ୍ୟ, ମୁଖଶାଳା, ବାଲୁପଥରର ବିଦ୍ରୋହ ପ୍ରତିମା - ଗୋଟିଏ, ବାଲୁପଥରର କୋଣାର୍କ ଚକ୍ର - ଗୋଟିଏ, ଓଡ଼ିଶୀ ନୃତ୍ୟ ପ୍ରତିମା- ୮ଟି, ଫଲ୍ସ ସିଲିଂ, ପ୍ରବେଶ ପୋର୍ଟି, ଦୁଇ ଓ ଚାରିଚକିଆ ଯାନ ପାଇଁ ପାର୍କିଂ, ରାସ୍ତା ବିକାଶ, ୱାଲ୍ ପେପର, ରିଜର୍ଭ ଲାଉଞ୍ଜର ଭିତର ପାନେଲିଂ।

ବେଲପାହାଡ଼: ବେଲପାହାଡ଼ ରେଳ ଷ୍ଟେସନ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲାରେ ଅବସ୍ଥିତ ଓ ଦକ୍ଷିଣ-ପୂର୍ବ ମଧ୍ୟ ରେଳ ନେଟୱର୍କର ଏକ ମହତ୍ତ୍ୱପୂର୍ଣ୍ଣ ଷ୍ଟେସନ। ଏହା ବେଲପାହାଡ଼ ସହରକୁ ଯାତ୍ରୀ ଏବଂ ରେଳ ସେବା ଦେଉଛି। ବେଲପାହାଡ଼ ଏକ ନଗର ଓ ନଗରପାଳିକା ଭାବରେ ଚିହ୍ନିତ ଯାହା ଝାରସୁଗୁଡ଼ା ଜିଲ୍ଲା ଅନ୍ୟତମ ସହର। ଏଠାରେ କେତେକ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳ ଅଛି, ଯଥା: କୋଇଲି ଘୋଘର (୩୫ କି.ମି.), ଲାଲ ପଥର (୮ କି.ମି.) ଓ ଖଡୁ (୫ କି.ମି.)। ୨୦୨୩ ଅନୁମାନ ଅନୁଯାୟୀ ବେଲପାହାଡ଼ର ଜନସଂଖ୍ୟା ହେଉଛି ପ୍ରାୟ ୫୨୦୦୦। ପୁନର୍ବିକାଶ କାର୍ଯ୍ୟଗୁଡିକର ବିବରଣୀ: ପ୍ରବେଶ/ପ୍ରସ୍ଥାନ ଗେଟ୍, ଉଦ୍ୟାନ ଓ ସୌନ୍ଦର୍ଯ୍ୟକରଣ, ସାଇନେଜ୍, ଅତିରିକ୍ତ କଭାର୍ଡ ଓଭରପାସ୍ (ସିଓପି), ଶୌଚାଳୟ, ସିସିଟିଭି କ୍ୟାମେରା, ମୁଖଶାଳା, ଦୃଶ୍ୟଚିତ୍ର/ଚିତ୍ରାଙ୍କନ, ଫଲ୍ସ ସିଲିଂ ଓ ଦ୍ୱିତୀୟ ଶ୍ରେଣୀ ପ୍ରତିକ୍ଷାଗୃହ ଓ ମୁଖ୍ୟ ହଲରେ ଭିତର ପାନେଲିଂ, ମଞ୍ଚ ପୃଷ୍ଠତଳର ସୁଧାର, ଆଲୋକ ସଂବୃଦ୍ଧି - ଗୋଟିଏ ସେଟ୍, କୋଚ୍ ଓ ଟ୍ରେନ୍ ସୂଚନା, ପ୍ରବେଶ ପୋର୍ଟି, ଦୁଇ ଓ ଚାରି ଚକିଆ ଯାନ ପାର୍କିଂ, ରାସ୍ତା ନିର୍ମାଣ, ରାସ୍ତା ଆଲୋକ, ହାଇ ମାଷ୍ଟ ଲାଇଟ, ସାଇନେଜ୍।

ସମ୍ବଲପୁର ସିଟି (୨୩.୭୬ କୋଟି ଟଙ୍କା) : ସମ୍ବଲପୁର ସିଟି ଷ୍ଟେସନର ପୁନର୍ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି ଯେଉଁଥିରେ ଆଧୁନିକ ଯାତ୍ରୀ ସୁବିଧା ସହିତ ରେଳ ଉପଭୋକ୍ତାଙ୍କ ପାଇଁ ବିଭିନ୍ନ ଯାତ୍ରୀ ପରିଷେବା ଗୁଡିକର ବିକାଶ କାର୍ଯ୍ୟ ସାମିଲ ଅଛି। ବର୍ତ୍ତମାନ ଷ୍ଟେସନ ଭବନର ମୁଖ୍ୟ ଅଂଶର ସୌନ୍ଦର୍ଯ୍ୟ ବୃଦ୍ଧି, ୧୨ ମିଟର ଚୌଡ଼ା ଫୁଟ୍ ଓଭର ବ୍ରିଜ୍ ନିର୍ମାଣ, ମଞ୍ଚ ପୃଷ୍ଠତଳର ଉନ୍ନତି, ଦୁଇଟି ଯାତ୍ରୀ ଲିଫ୍ଟର ବ୍ୟବସ୍ଥା, ପ୍ଲାଟଫର୍ମ ୧, ୨ ଓ ୩ରେ ଅତିରିକ୍ତ ୧୦ଟି ବେ ଶେଡ୍ ପ୍ରଦାନ, ମାନକ ସାଇନେଜ୍, ଦିବ୍ୟାଙ୍ଗଜନଙ୍କ ପାଇଁ ଉପଯୁକ୍ତ ସୁବିଧା ଓ ଶୌଚାଳୟର ଉନ୍ନତି ସାମିଲ ଅଛି।

ଖରିଆର ରୋଡ୍ (୧୬.୨୫ କୋଟି ଟଙ୍କା): ଖରିଆର ରୋଡ୍ ଷ୍ଟେସନରେ ଯାତ୍ରୀ ଓ ରେଳ ଉପଭୋକ୍ତାଙ୍କ ପାଇଁ ଆଧୁନିକ ସୁବିଧା ସହିତ ନୂତନ ଷ୍ଟେସନ ଭବନ ପ୍ରଦାନ, ଦ୍ୱିତୀୟ ପ୍ରବେଶଦ୍ୱାରର ବିକାଶ, ବର୍ତ୍ତମାନ ଭବନର ମୁଖ୍ୟ ଅଂଶର ସୌନ୍ଦର୍ଯ୍ୟ ବୃଦ୍ଧି, ଲିଫ୍ଟ ରେ ବ୍ୟବସ୍ଥା, ପ୍ଲାଟଫର୍ମ ପୃଷ୍ଠତଳର ଉନ୍ନତି ସହିତ ଅତିରିକ୍ତ ପ୍ଲାଟଫର୍ମ ଶେଡ୍ ପ୍ରଦାନ, ମାନକ ସାଇନେଜ୍, କୋଚ୍ ସୂଚନା ବୋର୍ଡ, ଜିପିଏସ୍ ସମର୍ଥିତ ଡିଜିଟାଲ୍ କ୍ଲକ୍, ଦିବ୍ୟାଙ୍ଗଜନ ସୁବିଧା ପ୍ରଦାନ, ଶୌଚାଳୟ ଓ ଆଗମନ କ୍ଷେତ୍ରରେ ଉନ୍ନତି।

ହୀରାକୁଦ (୨୨.୮୭ କୋଟି ଟଙ୍କା) : ହୀରାକୁଦ ଷ୍ଟେସନର ଯାତ୍ରୀ ଓ ରେଳ ଉପଭୋକ୍ତାଙ୍କ ପାଇଁ ଆଧୁନିକ ସୁବିଧା ସହିତ ପୁନର୍ବିକାଶ କାର୍ଯ୍ୟରେ ବର୍ତ୍ତମାନ ଷ୍ଟେସନ ଭବନର ମୁଖ୍ୟ ଅଂଶର ସୌନ୍ଦର୍ଯ୍ୟ ବୃଦ୍ଧି, ୧୨ ମିଟର୍ ବିସ୍ତୃତି ସହିତ ଫୁଟ ଓଭର ବ୍ରିଜ, ୨ଟି ପ୍ୟାସେଞ୍ଜର୍ ଲିଫ୍ଟ ସୁବିଧା, ପ୍ଲାଟଫର୍ମ ନମ୍ବର ୧, ୨ ଓ ୩ରେ ୧୨ଟି ଅତିରିକ୍ତ ପ୍ଲାଟଫର୍ମ ସେଡ୍ ଅଧିକ ଦିଆଯିବା, କୋଚ୍ ସୂଚନା ବୋର୍ଡ, ଉଚ୍ଚ ସ୍ତରୀୟ ସାଇନେଜ୍, ଦିବ୍ୟାଙ୍ଗଜନ ସୁବିଧା ପ୍ରଦାନ ଓ ଶୌଚାଳୟର ଉନ୍ନତି।

କେସିଙ୍ଗା (୨୦.୮୫ କୋଟି ଟଙ୍କା) : ସେହି ସ୍ଥାନକୁ ଯାତ୍ରୀ ଓ ରେଳ ଉପଭୋକ୍ତାଙ୍କ ପାଇଁ ଆଧୁନିକ ସୁବିଧା ସହିତ ପୁନର୍ବିକାଶ, ଦ୍ୱିତୀୟ ପ୍ରବେଶ ଦ୍ୱାର ବିକାଶ, ବର୍ତ୍ତମାନ ଷ୍ଟେସନ ଭବନର ମୁଖ୍ୟ ଅଂଶର ସୌନ୍ଦର୍ଯ୍ୟ ବୃଦ୍ଧି, ୧୨ ମିଟର୍ ବିସ୍ତୃତି ସହିତ ଫୁଟ ଓଭର ବ୍ରିଜ, ପ୍ଲାଟଫର୍ମ ତଳ ସ୍ଥିତିର ଉନ୍ନତି, ଲିଫ୍ଟ ସୁବିଧା ପ୍ରଦାନ, ୩୮ଟି ଅତିରିକ୍ତ ପ୍ଲାଟଫର୍ମ ସେଡ୍ ସୁବିଧା, ଉଚ୍ଚ ସ୍ତରୀୟ ସାଇନେଜ୍, ଦିବ୍ୟାଙ୍ଗଜନ ସୁବିଧା ପ୍ରଦାନ, ଶୌଚାଳୟର ଉନ୍ନତି ଓ ଆଧୁନିକ ସୁବିଧା ଯୋଗାଇଯିବ।

ବରଗଡ଼ ରୋଡ (୨୩.୮୪ କୋଟି ଟଙ୍କା): ସେହି ଷ୍ଟେସନକୁ ଆଧୁନିକ ଢାଞ୍ଚାରେ ପୁନର୍ବିକାଶ କରାଯାଉଛି। ବର୍ତ୍ତମାନ ଷ୍ଟେସନ ଭବନର ମୁଖ୍ୟ ଅଂଶର ସୌନ୍ଦର୍ଯ୍ୟ ବୃଦ୍ଧି, ୧୨ ମିଟର୍ ଚୌଡା ଫୁଟ ଓଭର ବ୍ରିଜ ସହିତ ଅନ୍ୟାନ ସୁବିଧା ପ୍ରଦାନ, ୨ଟି ପ୍ୟାସେଞ୍ଜର୍ ଲିଫ୍ଟର ସୁବିଧା, ପ୍ଲାଟଫର୍ମ ସେଡ ସୁଧାର, ପ୍ଲାଟଫର୍ମ ନମ୍ବର ୧ ଓ ୨ ୩ ରେ ୧୫ଟି ଅତିରିକ୍ତ ପ୍ଲାଟଫର୍ମ ସେଡ଼ ସୁବିଧା ପ୍ରଦାନ। ଉଚ୍ଚ ସ୍ତରୀୟ ସାଇନେଜ୍, ଦିବ୍ୟାଙ୍ଗଜନ ସୁବିଧା ପ୍ରଦାନ, ଶୌଚାଳୟର ସୁଧାର।

ବରପାଲ୍ଲୀ (୨୦.୮୮ କୋଟି ଟଙ୍କା) : ଏହି ଷ୍ଟେସନକୁ ଆଧୁନିକ ଢାଞ୍ଚା ସୁବିଧା ସହିତ ପୁନର୍ବିକାଶ କରାଯାଉଛି। ବର୍ତ୍ତମାନ ଷ୍ଟେସନ ଭାଣବାନର ମୁଖ୍ୟ ଅଂଶର ସୌନ୍ଦର୍ଯ୍ୟ ବୃଦ୍ଧି, ୧୨ ମିଟର୍ ଚୌଡ଼ା ଫୁଟ ଓଭର ବ୍ରିଜ ସହିତ ଏକକ ସୁବିଧା ପ୍ରଦାନ, କୋଚ୍ ଇଣ୍ଡିକେସନ୍ ବୋର୍ଡ ପ୍ରଦାନ, ପ୍ଲାଟଫର୍ମ ସେଡ୍ ସୁବିଧାର ସୁଧାର, ପ୍ଲାଟଫର୍ମ ନମ୍ବର ୧, ୨ ଓ ୩ରେ ୧୨ଟି ଅତିରିକ୍ତ ପ୍ଲାଟଫର୍ମ ସେଡ଼ ସୁବିଧା ପ୍ରଦାନ, ଉଚ୍ଚ ସ୍ତରୀୟ ସାଇନେଜ୍, କୋଚ୍ ଇଣ୍ଡିକେସନ୍ ବୋର୍ଡ ପ୍ରଦାନ, ଦିବ୍ୟାଙ୍ଗଜନ ସୁବିଧା ପ୍ରଦାନ, ଶୌଚାଳୟର ସୁଧାର।

ବଲାଙ୍ଗୀର (୧୮.୦୧ କୋଟି ଟଙ୍କା): ଆଧୁନିକ ଢାଞ୍ଚା ସହିତ ନୂତନ ଷ୍ଟେସନ୍ ଭବନ, ବର୍ତ୍ତମାନ ବିଲ୍ଡିଂର ମୁଖ୍ୟ ଅଂଶର ସୌନ୍ଦର୍ଯ୍ୟ ବୃଦ୍ଧି, ଅତିରିକ୍ତ ପ୍ଲାଟଫର୍ମ ସେଡ୍, ୧୨ ମିଟର୍ ଚୌଡ଼ା ଫୁଟ ଓଭର ବ୍ରିଜ, ପ୍ଲାଟଫର୍ମ ସେଡ଼ ସୁବିଧାର ସୁଧାର, ପ୍ରତୀକ୍ଷା କକ୍ଷ, ଲିଫ୍ଟ, ସର୍କୁଲେଟିଂ ଏରିଆ, ପାର୍କିଂ ଏରିଆ, ଉଚ୍ଚ ସ୍ତରୀୟ ସାଇନେଜ୍, ଦିବ୍ୟାଙ୍ଗଜନ ସୁବିଧା ପ୍ରଦାନ, ଶୌଚାଳୟର ସୁଧାର ଏବଂ ଓଭରହେଡ୍ ଟ୍ୟାଙ୍କ ଏବଂ ପାଇପ୍ ଲାଇନ ସହିତ ସ୍ୱେରେଜ ଟ୍ରିଟମେଣ୍ଟ ପ୍ରଣାଳୀ ପ୍ରଦାନ।

ଟିଟିଲାଗଡ଼ (୩୫.୩୯ କୋଟି ଟଙ୍କା): ଯାତ୍ରୀ ଏବଂ ରେଲ୍ ୟୁଜର୍ସ ପାଇଁ ଆଧୁନିକ ଢାଞ୍ଚା ସହିତ ଷ୍ଟେସନ୍ ଉନ୍ନତିକରଣ । ଦ୍ୱିତୀୟ ପ୍ରବେଶ ପଥ ପ୍ରଦାନ, ବର୍ତ୍ତମାନ ବିଲ୍ଡିଂର ମୁଖ୍ୟ ଅଂଶର ସୌନ୍ଦର୍ଯ୍ୟ ବୃଦ୍ଧି, ୧୨ ମିଟର୍ ଚୌଡା ଫୁଟ ଓଭର ବ୍ରିଜ ପ୍ରଦାନ, ପ୍ଲାଟଫର୍ମ ସେଡ୍ ସୁବିଧାର ସୁଧାର, ଅତିରିକ୍ତ ୨୦ ବେ ସହିତ ପ୍ଲାଟଫର୍ମ ସେଡ଼ ପ୍ରଦାନ, ତିନୋଟି ଲିଫ୍ଟ ପ୍ରଦାନ, ପ୍ରତୀକ୍ଷା କକ୍ଷ, ଉଚ୍ଚ ସ୍ତରୀୟ ସାଇନେଜ୍, ଓଭରହେଡ୍ ଟ୍ୟାଙ୍କ ଏବଂ ପାଇପ୍ ଲାଇନ ସହିତ ସ୍ୱେରେଜ ଟ୍ରିଟମେଣ୍ଟ ପ୍ରଣାଳୀ ପ୍ରଦାନ, ଦିବ୍ୟାଙ୍ଗଜନ ସୁବିଧା ପ୍ରଦାନ, ସର୍କୁଲେଟିଂ ଏରିଆ, ପାର୍କିଂ ଏରିଆ, ଶୌଚାଳୟର ସୁଧାର।

କଣ୍ଟାବଞ୍ଜି (୩୩.୮୭ କୋଟି ଟଙ୍କା): ଯାତ୍ରୀ ଏବଂ ରେଲ୍ ୟୁଜର୍ସ ପାଇଁ ଆଧୁନିକ ଢାଞ୍ଚା ସହିତ ଷ୍ଟେସନ୍ ଉନ୍ନତିକରଣ, ଦ୍ୱିତୀୟ ପ୍ରବେଶ ପଥ ପ୍ରଦାନ, ବର୍ତ୍ତମାନ ବିଲ୍ଡିଂର ମୁଖ୍ୟ ଅଂଶର ସୌନ୍ଦର୍ଯ୍ୟ ବୃଦ୍ଧି, ୧୨ ମିଟର୍ ଚୌଡା ଫୁଟ ଓଭର ବ୍ରିଜ ପ୍ରଦାନ, ଲିଫ୍ଟ ପ୍ରଦାନ, ପ୍ଲାଟଫର୍ମ ସେଡ଼ ସୁବିଧା, ପ୍ଲାଟଫର୍ମ ବୃଦ୍ଧି, ଅତିରିକ୍ତ ୨୨ ବେ ସହିତ ପ୍ଲାଟଫର୍ମ ସେଲ୍ ସେଲ୍ସ ପ୍ରଦାନ, ଦିବ୍ୟାଙ୍ଗଜନ ସୁବିଧା ପ୍ରଦାନ, ଶୌଚାଳୟର ସୁଧାର ଏବଂ ଓଭରହେଡ୍ ଟ୍ୟାଙ୍କ ଏବଂ ପାଇପ୍ ଲାଇନ ସହିତ ସ୍ୱେରେଜ ଟ୍ରିଟମେଣ୍ଟ ପ୍ରଣାଳୀ ପ୍ରଦାନ।

ହରିଶଙ୍କର ରୋଡ୍ (୧୬.୬୬ କୋଟି ଟଙ୍କା) : ଯାତ୍ରୀ ଏବଂ ରେଲ୍ ୟୁଜର୍ସ ପାଇଁ ଆଧୁନିକ ଢାଞ୍ଚା ସହିତ ଷ୍ଟେସନ୍ ନବୀକରଣ, ଦ୍ୱିତୀୟ ପ୍ରବେଶ ପଥ ପ୍ରଦାନ, ବର୍ତ୍ତମାନ ବିଲ୍ଡିଂର ମୁଖ୍ୟ ଅଂଶର ସୌନ୍ଦର୍ଯ୍ୟ ବୃଦ୍ଧି, ୦୩ ମିଟର୍ ଚୌଡ଼ା ଫୁଟ ଓଭର ବ୍ରିଜ ସହିତ ଏକ୍ସଟେନ୍ସନ୍ ପ୍ରଦାନ, ୩ ଲିଫ୍ଟ ପ୍ରଦାନ, ପ୍ଲାଟଫର୍ମ ସେଡ଼ ସୁବିଧା ଏବଂ ଅତିରିକ୍ତ ୨୦ ବେ ସହିତ ପ୍ଲାଟଫର୍ମ ସେଡ଼ ପ୍ରଦାନ, ଷ୍ଟାଣ୍ଡାର୍ଡ ସାଇନେଜ୍, କୋଚ୍ ଇଣ୍ଡିକେସନ୍ ବୋର୍ଡ୍, ଦିବ୍ୟାଙ୍ଗଜନ ସୁବିଧା ପ୍ରଦାନ ଏବଂ ଶୌଚାଳୟର ସୁଧାର।

ଭବାନୀପାଟଣା (୧୮.୮୩ କୋଟି ଟଙ୍କା): ଯାତ୍ରୀ ଏବଂ ରେଲ୍ ୟୁଜର୍ସ ପାଇଁ ଆଧୁନିକ ଢାଞ୍ଚା ସହିତ ଷ୍ଟେସନ୍ ନବୀକରଣ, ବର୍ତ୍ତମାନ ଷ୍ଟେସନ ଭବନର ମୁଖ୍ୟ ଅଂଶର ସୌନ୍ଦର୍ଯ୍ୟ ବୃଦ୍ଧି, ଲିଫ୍ଟ ପ୍ରଦାନ, ପ୍ଲାଟଫର୍ମ ସେଡ଼ ଏବଂ ଅତିରିକ୍ତ ପ୍ଲାଟଫର୍ମ ସେଡ଼ ପ୍ରଦାନ, ଷ୍ଟାଣ୍ଡାର୍ଡ ସାଇନେଜ୍, ଦିବ୍ୟାଙ୍ଗଜନ ସୁବିଧା ପ୍ରଦାନ, ପ୍ଲାଟଫର୍ମର ଉଚ୍ଚାୟନ ଏବଂ ଆଧୁନିକ ଶୌଚାଳୟ ସୁବିଧା ହେଉଛି ପ୍ରଧାନ ଉଦ୍ଦେଶ୍ୟଗୁଡିକ।

ବିମଳାଗଡ଼ (୯.୬୯ କୋଟି ଟଙ୍କା): ଯାତ୍ରୀ ଏବଂ ରେଲ୍ ୟୁଜର୍ସ ପାଇଁ ଆଧୁନିକ ସୁବିଧା ସହିତ ଷ୍ଟେସନ୍ ନବୀକରଣ, ସଫ୍ଟ ଅପ୍‌ଗ୍ରେଡେସନ୍ ଏବଂ ଦିବ୍ୟାଙ୍ଗଜନ ପାଇଁ ସୁବିଧା ପ୍ରଦାନ, ଉଚ୍ଚ ସ୍ତର ପ୍ଲାଟଫର୍ମ ସେଡ଼ ସହିତ ପ୍ଲାଟଫର୍ମ ସେଡ଼ ସୁଧାର। ନିର୍ମାଣ କାର୍ଯ୍ୟର ଉନ୍ନତି ପ୍ରକ୍ରିୟା ୭୪% ସମ୍ପୂର୍ଣ୍ଣ ହୋଇଛି।

ରାଜଗାଙ୍ଗପୁର (୩୭.୬୫ କୋଟି ଟଙ୍କା) : ଯାତ୍ରୀ ଏବଂ ରେଲ୍ ୟୁଜର୍ସ ପାଇଁ ଆଧୁନିକ ସୁବିଧା ସହିତ ଷ୍ଟେସନ୍ ନବୀକରଣ, ଅବସ୍ଥିତ ଷ୍ଟେସନ ଭବନ ସାମ୍ନା ସୁଧାର, ୧୨ ମିଟର୍ ଚଉଡ଼ା ଫୁଟ ଓଭର ବ୍ରିଜ୍ ସ୍ଥାପନାର ସମ୍ଭାବନା, ୩ ଲିଫ୍ଟ ଏବଂ ୩ ଏସ୍କେଲେଟର୍ ଅପ୍‌ଗ୍ରେଡ୍, ପ୍ଲାଟଫର୍ମ ସେଡ଼ ସେବାର ସୁଧାର ଏବଂ ଅତିରିକ୍ତ ବେ ପ୍ଲାଟଫର୍ମ ସେଡ଼ ସ୍ଥାପନା, ଦିବ୍ୟାଙ୍ଗଜନ ପାଇଁ ସୁବିଧା ସହିତ ଟଏଲେଟ୍ ସେବାର ସୁଧାର। ନିର୍ମାଣ କାର୍ଯ୍ୟର ଉନ୍ନତି ପ୍ରକ୍ରିୟା ୫୫% ସମ୍ପୂର୍ଣ୍ଣ ହୋଇଛି।

ପାନପୋଷ (୧୪.୨୨ କୋଟି ଟଙ୍କା): ଯାତ୍ରୀ ଏବଂ ରେଲ୍ ୟୁଜର୍ସ ପାଇଁ ଆଧୁନିକ ସୁବିଧା ସହିତ ଷ୍ଟେସନ୍ ନବୀକରଣ, ଅବସ୍ଥିତ ଷ୍ଟେସନ ଭବନର ଉନ୍ନତିକରଣ, ଅପ୍‌ଗ୍ରେଡ୍‌ରେ ୨ ଲିଫ୍ଟ ସ୍ଥାପନା, ପ୍ଲାଟଫର୍ମ ସେଡ଼ ଏବଂ ଅତିରିକ୍ତ ବେ ପ୍ଲାଟଫର୍ମ ସେଡ଼ ସ୍ଥାପନା, ଦିବ୍ୟାଙ୍ଗଜନ ପାଇଁ ସୁବିଧା ସହିତ ଟଏଲେଟ୍ ସେବାର ସୁଧାର। ନିର୍ମାଣ କାର୍ଯ୍ୟର ଉନ୍ନତି ପ୍ରକ୍ରିୟା ୬୬% ସମ୍ପୂର୍ଣ୍ଣ ହୋଇଛି।

ଝାରସୁଗୁଡ଼ା, ହିମଗିରୀ, ରାଉରକେଲା ଏବଂ ସମ୍ବଲପୁର ରେଳ ଷ୍ଟେସନ ଗୁଡିକ ପାଇଁ ଅନୁମୋଦନ କାର୍ଯ୍ୟ, କନସଲଟେଣ୍ଟ ନିଯୋଗ ଓ ରିଭିଜନ୍ ପ୍ରକ୍ରିୟାରେ ଅଛି। ଉପରୋକ୍ତ ଷ୍ଟେସନ୍ ଗୁଡ଼ିକର ନବୀକରଣ ଆଧୁନିକ ଯାତ୍ରୀ ସୁବିଧା ସହିତ ଯାତ୍ରୀ ଏବଂ ରେଲ୍ ୟୁଜର୍ସ ପାଇଁ କରାଯିବ। ଏହା ସହିତ, ଦ୍ୱିତୀୟ ଏଣ୍ଟ୍ରି ସୁବିଧା, ଅବସ୍ଥିତ ଷ୍ଟେସନ୍ ବିଲ୍ଡିଂର ମୁଖଶାଳାର ସୁଧାର, ୧୨ ମିଟର୍ ଚୌଡା ଫୁଟ୍ ଓଭର ବ୍ରିଜ୍, ପ୍ଲାଟଫର୍ମ ସେଡ଼ ସୁଧାର, ଅତିରିକ୍ତ ବେ ପ୍ଲାଟଫର୍ମ ସେଡ଼ ସ୍ଥାପନା, ଲିଫ୍ଟ/ଏସ୍କାଲେଟର୍ ସୁବିଧା, ପ୍ରତୀକ୍ଷା କ୍ଷେତ୍ର, ଷ୍ଟାଣ୍ଡର୍ଡ ସାଇନେଜ୍, ସ୍ୱେରେଜ ଟ୍ରିଟମେଣ୍ଟ ପ୍ରଣାଳୀ ସହିତ ଓଭରହେଡ୍ ଟ୍ୟାଙ୍କ ଏବଂ ପାଇପ୍ ଲାଇନ୍ ସଂଯୋଗ, ଦିବ୍ୟାଙ୍ଗଜନ ସୁବିଧା, ସରକୁଲେଟିଂ ଏରିଆ, ପାର୍କିଂ ଏରିଆ ଓ ଟଏଲେଟ୍ ସୁବିଧା ଉନ୍ନତି ସହିତ ଷ୍ଟେସନ୍ ନବୀକରଣ ଯୋଜନା ସମ୍ମିଳିତ ହେବ।

ଅମୃତ ଷ୍ଟେସନ୍ ଯୋଜନା ମାଧ୍ୟମରେ ଓଡ଼ିଶାରେ ରେଳବେହାରୀ ମାନେ ଷ୍ଟେସନ୍‌ଗୁଡିକର ପୁନର୍ନିର୍ମାଣ କାର୍ଯ୍ୟ ଦ୍ୱାରା ପ୍ରୟାସ କରାଯାଇଥିବା ବିଭିନ୍ନ ଆଧୁନିକ ସୁବିଧା ଗୁଡିକର ପରିଷେବା ପାଇବେ। ଏହି ଉନ୍ନତିକରଣ ଯାତ୍ରୀ ସୁବିଧା, ଯାତାୟାତ ସୁବିଧା ଓ ପରିସ୍ଥିତିଗତ ଡିଜାଇନରେ ସୁଧାର ଉପରେ ଗୁରୁତ୍ୱ ଦିଆଯାଇଅଛି ଯାହା କେବଳ ଯାତ୍ରା ଅନୁଭବକୁ ଉନ୍ନତ କରିବି ନାହିଁ ବରଂ ଏହି ଅଞ୍ଚଳ ଅର୍ଥନୈତିକ ଅଭିବୃଦ୍ଧିକୁ ବଢ଼ାଇବ। ନୂତନ ସୁବିଧା ଯଥା ଲିଫ୍ଟ, ଏସ୍କାଲେଟର, ଆଧୁନିକ ସୁରକ୍ଷା ପ୍ରଣାଳୀ ଓ ପରିବେଶ ମିଳନସାର ପ୍ରକଳ୍ପଗୁଡିକ ଷ୍ଟେସନ୍‌ଗୁଡ଼ିକୁ ଅଧିକ କ୍ଷମତାଶୀଳ ଓ ଯାତ୍ରୀ-ମାନଦଣ୍ଡ ପ୍ରତି ବିଶେଷ ଧ୍ୟାନ ଦିଆଯିବ। ଏହି ପ୍ରକଳ୍ପଗୁଡିକ ଆଗକୁ ବୃଦ୍ଧି ହେବା ସହିତ ପୁନର୍ନିର୍ମାଣ କରାଯାଇଥିବା ଷ୍ଟେସନ୍‌ଗୁଡିକ ଓଡ଼ିଶାର ସଂସ୍କୃତିକ ଓ ପ୍ରାକୃତିକ ଧର୍ମ କୋଷକୁ ଉଦ୍ଧାର କରିବାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ରେଳବ୍ୟବହାର-କାରୀ ସେବା ଏବଂ ଭିତ୍ତିଭୂମିର ଏହି ଉନ୍ନତି ଓଡ଼ିଶାର ପାଇଁ ଭବିଷ୍ୟତ ଅଭିବୃଦ୍ଧି ସୃଷ୍ଟି କରିବ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଞ୍ଜାମ ଜିଲ୍ଲା ଗସ୍ତ ଅବସରରେ ମା' ତାରା ତାରିଣୀ ମନ୍ଦିର ପରିଦର୍ଶନ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# କୋଟି କୋଟି ଟଙ୍କା ଠକିଥିବା ୨ ଅଭିଯୁକ୍ତଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

୨୦୨୩ ମସିହା ଅକ୍ଟୋବର ୦୪ ତାରିଖରେ କଟକ ଜିଲ୍ଲା ପୁରୀଘାଟ ଥାନା ଅଞ୍ଚଳରେ ରହୁଥିବା ୫୦ ବର୍ଷୀୟ ଜଣେ ବ୍ୟକ୍ତି ସେୟାର ବଜାରରେ ଟଙ୍କା ନିବେଶ କରି ଠକାମିର ଶିକାର ହୋଇଥିଲେ। ଅଭିଯୁକ୍ତମାନେ ପ୍ରଥମେ ତାଙ୍କୁ "C-51 ICICI Securities Official Stock" ନାମରେ ଏକ ହ୍ୱାଟ୍ସଆପ୍ ଗ୍ରୁପରେ ଯୋଡ଼ିଥିଲେ। ଏହାସହ ନକଲି ଆପ୍ ମାଧ୍ୟମରେ ସେୟାର ବଜାରରେ ଟଙ୍କା ନିବେଶ କରିବାକୁ ପ୍ରୋତ୍ସାହିତ କରିଥିଲେ। ପ୍ରାରମ୍ଭରେ ସାଇବର ଅପରାଧୀମାନେ ତାଙ୍କୁ କିଛିକିଛି ଲାଭ ଟଙ୍କା ଫେରସ୍ତ କରୁଥିଲେ। ଫଳରେ ସେ ବିଶ୍ୱାସ କରି ଅନେକ ଟଙ୍କା ନିବେଶ କରିଥିଲେ। ପରବର୍ତ୍ତୀ ସମୟରେ ଆଇପିଓ ମାଧ୍ୟମରେ ତାଙ୍କୁ ନକଲି ଋଣ ଅଫର ଦେଇ ଦେଢ଼ କୋଟି ଟଙ୍କା ଫେରସ୍ତ କରିବାକୁ ଅପରାଧୀ ମାନେ ଚାପ ପକାଉଥିଲେ। ପରବର୍ତ୍ତୀ ସମୟରେ ସାଇବର ଅପରାଧୀ ମାନେ ତାଙ୍କଠାରୁ ୨.୩୭ କୋଟି ଟଙ୍କା ଠକି ନେଇଥିଲେ। ଏ ସଂକ୍ରାନ୍ତରେ ସାଇବର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି କୋଲକାତାର ନିଖିଲ ଜୟସ୍ୱାଲଙ୍କୁ ଗିରଫ କରିଛି। ପୂର୍ବରୁ ଏହି ଘଟଣାରେ ହାଇଦ୍ରାବାଦରୁ ମହମ୍ମଦ ଜାକିରଙ୍କୁ ଗିରଫ କରାଯାଇଥିଲା।

ଅଭିଯୁକ୍ତ ନିଖିଲ ଅଭିଯୋଗକାରୀଙ୍କ ଠାରୁ ୧.୪୧ କୋଟି ଟଙ୍କା ଠକି ନେଇଥିଲେ। ତଦନ୍ତ ଟିମ୍ ତାଙ୍କଠାରୁ ମୋବାଇଲ ଫୋନ୍, ସିମ୍ କାର୍ଡ, ଚାଟ୍ ର ସ୍କିନ ସଟ, ଆଧାର ଏବଂ ପାନ୍ କାର୍ଡ, ବ୍ୟାଙ୍କ ଡକ୍ୟୁମେଣ୍ଟ ଜବତ କରିଛନ୍ତି। ଅନେକ ବ୍ୟାଙ୍କ ଖାତାକୁ ଫ୍ରିଜ୍ କରାଯାଇଛି। ଅନ୍ୟ ସହଯୋଗୀ ଓ ଟଙ୍କାର କାରବାର ଉପରେ ପୋଲିସ ତଦନ୍ତ କରୁଛି।

ସେହିପରି ଅନ୍ୟ ଏକ ମାମଲାରେ କ୍ରାଇମବ୍ରାଞ୍ଚର ସାଇବର କ୍ରାଇମ ୟୁନିଟ, ଓଡ଼ିଶା ତାପସ ହଲଦାର (୨୮)ଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରିଛି। ଏହି ମାମଲାରେ ଅଭିଯୁକ୍ତ ଜଣଙ୍କ ମୋଟ ୬.୦୪ କୋଟି ଟଙ୍କା ଠକି ନେଇଥିବା ଜଣାପଡ଼ିଛି।

ପୁଞ୍ଜିନିବେଶ, ସେୟାର ବଜାର ଏବଂ ଆଇପିଓ ମାଧ୍ୟମରେ ଅଧିକ ଟଙ୍କା ରୋଜଗାର କରିବାର ବଶବର୍ତ୍ତୀ ହୋଇ ଭୁବନେଶ୍ୱରର ରହୁଥିବା ଜଣେ ଡାକ୍ତର ଏହି ଠକାମିର ଶିକାର ହୋଇଥିଲେ। ପ୍ରଥମେ ସାଇବର ଅପରାଧୀମାନେ ପୁଞ୍ଜି ନିବେଶ କରିବା ନାମରେ ସାଢେ ତିନି ମାସ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ୬.୦୪.୫୩.୦୦୦/- ଟଙ୍କା ଠକି ନେଇଥିଲେ। ପରବର୍ତ୍ତୀ ସମୟରେ ଜମା କରିଥିବା ଟଙ୍କା ଉଠାଇବାକୁ ଚେଷ୍ଟା କରି ଡାକ୍ତର ବିଫଳ ହେବାରୁ ଠକାମିର ଶିକାର ହେବା ସଂକ୍ରାନ୍ତରେ ଜାଣିବାକୁ ପାଇଥିଲେ। ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅଭିଯୋଗକାରୀ ଡାକ୍ତର ୮ଟି ଭିନ୍ନଭିନ୍ନ ବ୍ୟାଙ୍କ ଆକାଉଣ୍ଟରୁ ମୋଟ ୬.୦୪.୫୩.୦୦୦/- ଟଙ୍କା ପଠାଇଥିଲେ। ଏହାପରେ ସାଇବର ଅପରାଧୀମାନେ ସେହି ଟଙ୍କାକୁ ୨୨ଟି ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ପରବର୍ତ୍ତୀ ସମୟରେ ଚେକ୍ ଓ ଏଟିଏମ୍ ମାଧ୍ୟମରେ ଟଙ୍କା ଉଠାଇ ନେଇଥିଲେ।

ପୂର୍ବରୁ ଏହି ମାମଲାରେ ପୋଲିସ ଦାର୍ଜିଲିଂର ଅଶୋକ ନନ୍ଦ ଓ ଜୟରାଣୀ ବସକଙ୍କୁ ଗିରଫ କରିଥିଲା। ତଦନ୍ତ ଟିମ୍ ତାଙ୍କଠାରୁ ମୋବାଇଲ ଫୋନ୍, ସିମ୍ କାର୍ଡ, ଚାଟ୍ ର ସ୍କିନ ସଟ, ଆଧାର ଏବଂ ପାନ୍ କାର୍ଡ, ବ୍ୟାଙ୍କ ଡକ୍ୟୁମେଣ୍ଟ ଜବତ କରିଛି। ଅନେକ ବ୍ୟାଙ୍କ ଖାତାକୁ ଫ୍ରିଜ୍ କରାଯାଇଛି। ଅନ୍ୟ ସହଯୋଗୀ ଓ ଟଙ୍କାର କାରବାର ଉପରେ ପୋଲିସ ତଦନ୍ତ କରୁଛି।

## ବିଶ୍ୱଭୂଷଣ ହରିଚନ୍ଦନଙ୍କ ରଚିତ 'ଏ ମାଟିର ଡାକ' ପୁସ୍ତକର ଇଂରାଜୀ ଅନୁବାଦ ରାଜ୍ୟପାଳଙ୍କ ଦ୍ୱାରା ଲୋକାର୍ପିତ

# ବିଶ୍ୱଭୂଷଣଙ୍କ କୃତି ଓ କୀର୍ତ୍ତି ଆଗାମୀ ପିଢ଼ୀ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ : ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ ରାଜ୍ୟର ପୂର୍ବତନ ରାଜ୍ୟପାଳ ତଥା ପ୍ରବୀଣ ରାଜନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କ ରଚିତ ପୁସ୍ତକ 'ଏ ମାଟିର ଡାକ'ର ଇଂରାଜୀ ଅନୁବାଦ 'ଦି କଲ୍ ଅଫ୍ ଦି ମଦରଲାଣ୍ଡ' ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟିଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଚଳିତ ମାସ ୮ ତାରିଖରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ପ୍ରେକ୍ଷାଳୟଠାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏହି ଅନୁବାଦିତ ପୁସ୍ତକକୁ ଲୋକାର୍ପିତ କରିବା ସହିତ ବିଶ୍ୱଭୂଷଣଙ୍କ କୃତି ଓ କୀର୍ତ୍ତି ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କହିଥିଲେ। ନିଜ ଉଦ୍‌ବୋଧନରେ ରାଜ୍ୟପାଳ କହିଥିଲେ ଯେ ଶ୍ରୀ ହରିଚନ୍ଦନ ଓଡ଼ିଆ ସାହିତ୍ୟିକ ପରମ୍ପରାର ଜଣେ ପ୍ରବୀଣ ଲେଖକ ଓ ଯଶସ୍ୱୀ ବକ୍ତା ଭାବେ ଅନେକ ସୁନାମର ଅଧିକାରୀ। ତାଙ୍କ ଦ୍ୱାରା ରଚିତ ଅନେକ ପୁସ୍ତକ ଇତିହାସ, ରାଜନୀତି ଏବଂ ସମାଜ ପ୍ରତି ଥିବା ତାଙ୍କର ଗଭୀର ଅନୁଶୀଳନ ଓ ସଂପର୍କକୁ ପ୍ରତିଫଳିତ କରେ ଏବଂ ଏସବୁ ପୁସ୍ତକ ପାଠକୀୟ ପ୍ରଶଂସା ଲାଭ କରିବା ଗୌରବର କଥା। 'କଲ୍ ଅଫ୍ ଦି ମଦରଲାଣ୍ଡ' ପୁସ୍ତକରେ



ପ୍ରବନ୍ଧଗୁଡ଼ିକ ଭାବ ଉଦ୍ରେକକାରୀ, ସମୃଦ୍ଧ ହୋଇଛି। ବିଶେଷକରି ଓଡ଼ିଶାର ଐତିହାସିକ ଏବଂ ସମସାମୟିକ ବାସ୍ତବତାକୁ ପ୍ରତିଫଳିତ କରୁଛି। ଓଡିଶାରେ ସାମାଜିକ ପରମ୍ପରାର ଗର୍ବିତ ଇତିହାସ ଏବଂ ପାଇକ ବିଦ୍ରୋହ - ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭଳି ପ୍ରବନ୍ଧଗୁଡ଼ିକରେ ଏହାର ଗୌରବମୟ ଅତୀତର ଦୃଢ଼ ଗୌରବର ଭାବନା ଜାଗ୍ରତ କରେ। ଓଡ଼ିଶାରେ ସୁପରସାଇକ୍ଲୋନର ତାଣ୍ଡବଲୀଳା ପରେ ଏହାର ପୁନଃନିର୍ମାଣ ବିଷୟରେ ତାଙ୍କର ବର୍ଣ୍ଣନା ଲୋକଙ୍କ ଅଦମ୍ୟ ମନୋଭାବ ବିଷୟରେ ଅନେକ କିଛି କୁହେ। 'ହକି ମହାକୁମ୍ଭ' ଭଳି ପ୍ରବନ୍ଧଗୁଡ଼ିକରେ ଓଡ଼ିଶାର ସାଂସ୍କୃତିକ ଏବଂ କ୍ରୀଡ଼ା ପୁନରୁତ୍ଥାନକୁ ଜାଜ୍ୱଲ୍ୟମାନ କରୁଥିବା ବେଳେ, ଯେତେବେଳେ 'ଗଣତନ୍ତ୍ର ପ୍ରତି ବିପଦ' ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁରକ୍ଷା ଦେବା ପାଇଁ ଏକ ସମୟୋଚିତ ଚେତାବନୀ ଭାବରେ କାର୍ଯ୍ୟ କରେ। 'ବିପଦରେ ମାନବାଧିକାର' ପ୍ରବନ୍ଧଟି ଅନୁରୂପ ଭାବରେ ଆକର୍ଷଣୀୟ ହୋଇଛି, ଯାହା ମୌଳିକ ଅଧିକାର କ୍ଷୟ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ମର୍ଯ୍ୟାଦା ଏବଂ ସ୍ୱାଧୀନତାକୁ ସୁରକ୍ଷା ଦେବା ପାଇଁ ନିରନ୍ତର ସତର୍କତାର ଜରୁରୀ ଆବଶ୍ୟକତା ବିଷୟରେ ଗଭୀର ଚିନ୍ତାଧାରା ପ୍ରକାଶ କରୁଛି ବୋଲି ରାଜ୍ୟପାଳ କହିଥିଲେ। ଏତଦ୍‌ବ୍ୟତୀତ ବିଶ୍ୱଭୂଷଣଙ୍କ ଲେଖାରେ ତାଙ୍କର ନିଃସ୍ୱାର୍ଥପର ଚିନ୍ତାଧାରା ପ୍ରକାଶ କରିବାରେ ସ୍ପଷ୍ଟତା ରହିଛି। ଲେଖାଗୁଡ଼ିକ ନିର୍ଭୀକ ସଙ୍କୋଚତା, ଗଠନମୂଳକ ସମାଲୋଚନା ଏବଂ ସମାଜର ବିବେକକୁ ଜାଗ୍ରତ କରିବା ଏବଂ ମାତୃଭୂମିର ଉନ୍ନତି ପାଇଁ ସେବା କରିବାର ଦିଗ ପ୍ରତିଫଳିତ ହୋଇଛି। ତାଙ୍କ ପ୍ରବନ୍ଧ ମାଧ୍ୟମରେ ଶ୍ରୀ ହରିଚନ୍ଦନ କେବଳ ସୂଚନା ଦେଇନାହାନ୍ତି, ବରଂ ପ୍ରେରଣା ଦେଇଛନ୍ତି। ନ୍ୟାୟପୂର୍ଣ୍ଣ, ସମାବେଶୀ ଏବଂ ସ୍ୱାବଲମ୍ବୀ ଓଡ଼ିଶା ଗଠନରେ ପ୍ରତ୍ୟେକ ନାଗରିକ, ନେତା ଏବଂ ଅନୁଷ୍ଠାନର ଭୂମିକା ରହିଛି ଏବଂ ପ୍ରତ୍ୟେକଙ୍କୁ ସେମାନଙ୍କର ଦାୟିତ୍ୱ ମନେପକାଇ ଦେଇଛନ୍ତି। ତାଙ୍କ ସ୍ୱର ଅଭିଜ୍ଞତା ଏବଂ ଆଶା, ସ୍ମୃତି ଏବଂ ସଂକଳ୍ପର ସ୍ୱର ତାଙ୍କ କଲମ ମାଟିର ଆତ୍ମାକୁ ଛୁଇଁଛି। ଲୋକଙ୍କ ଆତ୍ମ ନିରୀକ୍ଷଣ, ଗର୍ବ ଏବଂ ନୂତନ ଭାବନା ସହ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଛି ବୋଲି ରାଜ୍ୟପାଳ କହିଥିଲେ। ବିଶ୍ୱଭୂଷଣଙ୍କ ବାର୍ତ୍ତାକୁ ହୃଦୟଙ୍ଗମ କରି 'ଏକ ବିକଶିତ ଓଡ଼ିଶା - ବିକଶିତ ଭାରତ' ପାଇଁ ଏକାଠି ହୋଇ କାର୍ଯ୍ୟ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ।

'ଏ ମାଟିର ଡାକ'ର ଇଂରାଜୀ ଅନୁବାଦ ଉନ୍ମୋଚନ କରିବା ତାଙ୍କ ପାଇଁ ଅତ୍ୟନ୍ତ ଆନନ୍ଦର ବିଷୟ ବୋଲି ରାଜ୍ୟପାଳ କହିବା ସହିତ ବିଶ୍ୱ ଭୂଷଣ ହରିଚନ୍ଦନଙ୍କର ନିରନ୍ତର ଉଜ୍ଜ୍ୱଳତାରେ ପରିପୂର୍ଣ୍ଣ ଦୀର୍ଘ ଜୀବନ କାମନା କରିଥିଲେ। ବହିର ଲେଖକ ତଥା ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ପ୍ରବୀଣ ରାଜନେତା ବିଶ୍ୱ ଭୂଷଣ ହରିଚନ୍ଦନ ବକ୍ତବ୍ୟ ପ୍ରଦାନ କରି ପୁସ୍ତକ ରଚନାରେ ନିଜର ମାର୍ମିକ ଭାବନା, ଅନୁଭବ ଓ ଉପଲବ୍ଧି ସଂପର୍କରେ ଅବଗତ କରାଇ କହିଥିଲେ ଯେ ଓଡ଼ିଆ ଜାତିକୁ ଆଗକୁ ନେବା ପାଇଁ ଓଡ଼ିଆ ଅସ୍ମିତାକୁ ସୁଦୂର ପ୍ରସାରୀ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ଏତଦ୍‌ବ୍ୟତୀତ ସର୍ବଦା ସ୍ୱର୍ଗ, ସ୍ୱାଭିମାନର ସହ କାର୍ଯ୍ୟ କରି ଓଡ଼ିଆ ଜାତିର ଗୌରବକୁ ବୃଦ୍ଧିମନ୍ତ କରିବା ପାଇଁ ତଥା ସମସ୍ତେ ଜାତୀୟତାବୋଧରେ ଉଦ୍‌ବୁଦ୍ଧ ହେବାକୁ ଆହ୍ୱାନ ଜଣାଇଥିଲେ।

ଏହି ସମାରୋହରେ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଲେଖକ ଡ. ବିଜୟାନନ୍ଦ ସିଂହ, ଅନୁବାଦକ ଡ. ବିଜୟ କୁମାର ନନ୍ଦ, ଶିକ୍ଷାବିତ୍ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଶେଷରେ ବିଦ୍ୟାପୁରୀ ପବ୍ଲିକେସନର ଜୀବାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୨୭ ଶିଶୁଙ୍କ ଠିକଣା ଖୋଜିବାକୁ...

କରାଯିବ ବୋଲି ହାଇକୋର୍ଟ କହିଛନ୍ତି । ମେ ୧୨ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ସୁଦୀପ୍ତ କୁମାର ସାହୁ ଏହି ସେବା ଆଶ୍ରମରୁ ନିଜ ଦୁଇ ଝିଅଙ୍କୁ ଉଦ୍ଧାର ପ୍ରସଙ୍ଗ ନେଇ ହାଇକୋର୍ଟରେ ମାମଲା ଦାୟର କରିଥିଲେ । କିନ୍ତୁ ମାମଲାର ଶୁଣାଣି ସମୟରେ ସ୍ପଷ୍ଟ ହୋଇଥିଲା ଯେ ୩୧ ଜଣ ଶିଶୁ ଆଶ୍ରମରୁ ପଳାୟନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଉଦ୍ଧାର କରାଯାଇଛି । ତେବେ କୋର୍ଟ ଏହାକୁ ନେଇ କଡା ଅସନ୍ତୋଷ ଜାହିର କରିବା ସହ ଏହି ନିର୍ଦ୍ଦେଶ ଦେଇଛନ୍ତି । ନିକଟରେ ଜଣେ ଅଭିଯୁକ୍ତଙ୍କୁ ଜାମିନରେ ଛାଡିବା ପାଇଁ ଏକ ନିଆରା ସର୍ତ୍ତ ରଖିଥିଲେ ଓଡ଼ିଶା ହାଇକୋର୍ଟ । ହସ୍ପିଟାଲ ରୁମ୍ ଓ ୱାର୍ଡ, ଏକ ମାସ ସଫେଇ କରିବା ଭଳି ନିଆରା ସର୍ତ୍ତ ରଖିଥିଲେ କୋର୍ଟ । ଜାମିନରେ ଛାଡ଼ ପାଇବା ପରେ ଆବେଦନକାରୀ ଏକ ମାସ କ୍ୟାପିଟାଲ ହସ୍ପିଟାଲର ରୁମ୍ ଓ ୱାର୍ଡ ସଫା କରିବେ ବୋଲି ଅଦାଲତ ରାୟରେ ସ୍ପଷ୍ଟ କରିଥିଲେ। ଏକ ମାସ ହସ୍ପିଟାଲର ରୁମ୍ ଓ ୱାର୍ଡ ସଫେଇ ପାଇଁ ସୁଯୋଗ ଦେବା ପାଇଁ କର୍ମଚାରୀଙ୍କୁ, ଅଧୀକ୍ଷକ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରିଥିଲେ କୋର୍ଟ ।

## ଜୁନ୍‌ରୁ ଭୁବନେଶ୍ୱର...

ତିଆରି ହେବ । ଏହା ଭୁବନେଶ୍ୱରରୁ ବିଦେଶକୁ ପଞ୍ଚମ ବିମାନ ସେବା ହେବ । ଓଡ଼ିଶାର ଅନ୍ତର୍ଜାତୀୟ ଯୋଗାଯୋଗକୁ ପ୍ରୋତ୍ସାହିତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଜୁନ ୨୦୨୫ରୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଏୟାରପୋର୍ଟରୁ ଆବୁଧାବି ପାଇଁ ସିଧା ବିମାନ ସେବା ଆରମ୍ଭ ହେବ । ଏହି ଉଡାଣ କେନ୍ଦ୍ର ସରକାରଙ୍କ ବିଲ୍ଡିଂ ମ୍ୟାନେଜମେଣ୍ଟ ଅଫ୍ ଏଭିଏସନ ଏସେଟ୍ସ ଆଣ୍ଡ ନେଟୱାର୍କ ପଦକ୍ଷେପ ଅନ୍ତର୍ଗତ ଆରମ୍ଭ କରାଯାଉଛି । ଏହି ପଦକ୍ଷେପ କେନ୍ଦ୍ର ସରକାରଙ୍କ ନୂଆ ଡେଷ୍ଟିନେସନ ନୀତିର ଅଂଶ, ଯାହାର ଉଦ୍ଦେଶ୍ୟ ଆଞ୍ଚଳିକ ଏୟାରପୋର୍ଟରୁ ଅନ୍ତର୍ଜାତିୟ ମାର୍ଗକୁ ଯୋଡି ବିକାଶ ସଂପର୍କକୁ ସୁଦୃଢ଼ କରିବା। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ସୋସିଆଲ ମିଡିଆରେ ଏହାକୁ ଓଡ଼ିଶାକୁ ବୈଶ୍ୱିକ ମାନଚିତ୍ରରେ ଆଣିବା ଦିଗରେ ଏକ ଐତିହାସିକ ପଦକ୍ଷେପ ବୋଲି କହିଛି । ଏକ୍ସରେ ପୋଷ୍ଟ କରି ଲେଖାଯାଇଛି ଯେ, ମନ୍ଦିରର ସହରରୁ ଗ୍ଲୋବାଲ୍ ଗେଟୱେ ଯାଏ ! ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏହି ଐତିହାସିକ ଏଭିଏସନ ପଦକ୍ଷେପ ପାଇଁ ଧନ୍ୟବାଦ।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ...

ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି । ସେହିପରି ବିଶ୍ୱ ବ୍ୟାଙ୍କ ସଭାପତି ଅଜୟ ବଙ୍ଗା ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି, ଯାହା ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନ ସହିତ ଇଣ୍ଡସ ଜଳ ଚୁକ୍ତିକୁ ସ୍ଥଗିତ ରଖିବାର କିଛି ଦିନ ପରେ ହୋଇଛି। ଏହି ବୈଠକ ଭାରତ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କଶ୍ମୀରରେ ଆତଙ୍କବାଦୀ ଭିତ୍ତିଭୂମି ଉପରେ ଏୟାର ଷ୍ଟ୍ରାଇକ କରିବା ପରେ ହୋଇଛି। ବୁଧବାର ପାକିସ୍ତାନ ୧୫ଟି ଭାରତୀୟ ସହରରେ ସାମରିକ ଆଡ୍ଡାଗୁଡ଼ିକୁ ଟାର୍ଗେଟ କରିବାକୁ ଚେଷ୍ଟା କରିଥିଲା, କିନ୍ତୁ ତାହା ବିଫଳ ହୋଇଥିଲା। ଗୁରୁବାର ଭାରତ ପାକିସ୍ତାନର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଉପରେ ପ୍ରତିଆକ୍ରମଣ କରି ଜବାବ ଦେଇଛି। ବିଶ୍ୱ ବ୍ୟାଙ୍କ ସଭାପତିଙ୍କ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ବୈଠକ ଇଣ୍ଡସ ଜଳ ଚୁକ୍ତି ସ୍ଥଗିତ ହେବାର କିଛି ସମୟ ପରେ ହୋଇଛି। ଏହି ଚୁକ୍ତି ୧୯୬୦ ମସିହାରେ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଏବଂ ପାକିସ୍ତାନ ରାଷ୍ଟ୍ରପତି ମହମ୍ମଦ ଆୟୁବ ଖାନଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା। ବିଶ୍ୱ ବ୍ୟାଙ୍କ ଏହି ଚୁକ୍ତି ପାଇଁ ନଅ ବର୍ଷ ଧରି ଚାଲିଥିବା ଆଲୋଚନାରେ ସହାୟତା କରିଥିଲା। ଇଣ୍ଡସ ଜଳ ଚୁକ୍ତି ସ୍ଥଗିତ ହେବା ପରେ, ଭାରତ ଗତ କିଛି ଦିନ ଧରି ଚେନାବ ନଦୀରେ ଥିବା ବାଗଲିହାର ଡ୍ୟାମ ମାଧ୍ୟମରେ ଜଳ ପ୍ରବାହକୁ ବନ୍ଦ କରିଦେଇଛି। ଜମ୍ମୁ ଓ କଶ୍ମୀରର ରାମବାନ ଜିଲ୍ଲାରେ ଅବସ୍ଥିତ ଏହି ରନ-ଅଫ-ଦି-ରିଭର ପାୱାର ପ୍ରୋଜେକ୍ଟ ବର୍ତ୍ତମାନ ୯୦୦ ମେଗାୱାଟ ଜଳବିଦ୍ୟୁତ ଉତ୍ପାଦନ କରୁଛି। ଇଣ୍ଡସ ଜଳ ଚୁକ୍ତି ଅନୁଯାୟୀ ନିର୍ମିତ ଏହି ଡ୍ୟାମ ନିର୍ଦ୍ଦିଷ୍ଟ ଉଚ୍ଚତା ପର୍ଯ୍ୟନ୍ତ ଜଳ ଧରି ରଖିପାରେ। ଏହା ପୂରଣ ହେବା ପରେ ଭାରତକୁ ଜଳ ଛାଡ଼ିବାକୁ ପଡ଼ିବ। ଦୀର୍ଘ ସମୟ ପାଇଁ ଜଳ ଅଟକାଇବାର ଏକମାତ୍ର ଉପାୟ ହେଉଛି ଡ୍ୟାମର ଉଚ୍ଚତା ବୃଦ୍ଧି କରିବା, ଯାହା ରାତାରାତି ସମ୍ଭବ ନୁହେଁ। ତେଣୁ, ଭାରତର ଜଳ ଅଟକାଇବା ପଦକ୍ଷେପ ଉତ୍ତେଜନା ମଧ୍ୟରେ ପାକିସ୍ତାନକୁ ଏକ ସ୍ପଷ୍ଟ ବାର୍ତ୍ତା ଥିଲା।

## ବିଶ୍ୱ ଆତଙ୍କବାଦର କେନ୍ଦ୍ର...

ଅନୁଷ୍ଠିତ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି ଯେ ଅପରେସନ ସିନ୍ଦୂରର ପ୍ରଥମ ଦିନରେ ପାକସ୍ତାନକୁ ସତର୍କ କରାଇ ଦିଆଯାଇଥିଲା ଯେ ଭାରତ କେବଳ ଆତଙ୍କବାଦୀଙ୍କ ଆଡ୍ଡାକୁ ଟାର୍ଗେଟ କରିଥିଲା, କିନ୍ତୁ କୌଣସି ସାମରିକ ଲକ୍ଷ୍ୟ ଉପରେ ଆକ୍ରମଣ କରାଯାଇନଥିଲା। ଏହା ସତ୍ତ୍ୱେ ପାକିସ୍ତାନ ଭାରତର କେତେକ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରିଥିଲା। ସେହିପରି ଏଲଓସିରେ ବି ପାକିସ୍ତାନ ପକ୍ଷରୁ ଗୋଳାବର୍ଷଣ କରାଯାଉଛି। ଏଣୁ ପୂର୍ବ ଚେତାବନୀ ଅନୁସାରେ ଭାରତ ତାହାର ଦୃଢ଼ ଜବାବ ଦେଇଥିଲା । ଭାରତର ଆକ୍ରମଣରେ ଲାହୋରର ଏୟାର ଡିଫେନ୍ସ ସିଷ୍ଟମ ଧ୍ୱଂସ ପାଇଯାଇଛି। ପାକିସ୍ତାନରେ ଆତଙ୍କବାଦୀମାନଙ୍କୁ ରାଷ୍ଟ୍ରୀୟ ସମ୍ମାନ ଦିଆଯାଉଛି। ପାକିସ୍ତାନୀ ସେନା ଅଧିକାରୀମାନେ ଆତଙ୍କବାଦୀଙ୍କୁ ସମ୍ମାନିତ କରୁଛନ୍ତି। ଉତ୍ତେଜନା ବିସ୍ତାର କରିବାର ପ୍ରୟାସ ପାକିସ୍ତାନ ଦ୍ୱାରା ଆରମ୍ଭ ହୋଇଥିଲା। ପହଲଗାମ ଆକ୍ରମଣ ମୂଳ ଉତ୍ତେଜନା ଥିଲା । ଟିଆରଏଫ ଏହି ଆକ୍ରମଣର ଦାୟିତ୍ୱ ନେଇଥିଲା। ତା'ପୂର୍ବରୁ ପାକିସ୍ତାନୀ ସେନା ମୁଖ୍ୟ ସାମ୍ପ୍ରଦାୟିକ ବୟାନ ଦେଇଥିଲେ। ପାକିସ୍ତାନୀ ମନ୍ତ୍ରୀମାନେ ଆତଙ୍କବାଦୀଙ୍କୁ ସମର୍ଥନ କରିବା ସ୍ୱୀକାର କରିଥିଲେ। ଜାତିସଂଘରେ ପାକିସ୍ତାନ ଟିଆରଏଫକୁ ସମର୍ଥନ କରିଥିଲା । ବିକ୍ରମ ମିଶ୍ରି କହିଛନ୍ତି, 'ସୀମାପାରରୁ ଭୁଲ ସୂଚନା ପ୍ରସାର କରାଯାଉଛି। ପାକିସ୍ତାନର ଖ୍ୟାତି ହେଉଛି ଯେ ବିଶ୍ୱ ଆତଙ୍କବାଦର କେନ୍ଦ୍ର ସେଠାରେ ରହିଛି। ସାରା ବିଶ୍ୱରେ ଆତଙ୍କବାଦୀ ଆକ୍ରମଣ ପାଇଁ ପାକିସ୍ତାନକୁ ନିଶ୍ଚିତ ଭାବରେ ଦାୟୀ କରାଯାଇଛି। ଓସାମା ବିନ୍ ଲାଡେନ କେଉଁଠାରେ ଥିଲେ ତାହା କହିବାର ଆବଶ୍ୟକତା ନାହିଁ। ସମସ୍ତେ ଜାଣନ୍ତି ଯେ ପାକିସ୍ତାନ ସୀମାପାର ଆତଙ୍କବାଦକୁ ପ୍ରୋତ୍ସାହିତ କରେ। ପାକିସ୍ତାନରେ ଆତଙ୍କବାଦୀମାନଙ୍କୁ ରାଷ୍ଟ୍ରୀୟ ସମ୍ମାନ ଦିଆଯାଉଛି। ପାକିସ୍ତାନୀ ସେନା ଅଧିକାରୀମାନେ ଆତଙ୍କବାଦୀଙ୍କୁ ସମ୍ମାନିତ କରୁଛନ୍ତି। ଉତ୍ତେଜନା ବିସ୍ତାର କରିବାର ପ୍ରୟାସ ପାକିସ୍ତାନ ଦ୍ୱାରା ଆରମ୍ଭ ହୋଇଥିଲା। ପହଲଗାମ ଆକ୍ରମଣ ମୂଳ ଉତ୍ତେଜନା ଥିଲା। ଟିଆରଏଫ ଏହି ଆକ୍ରମଣର ଦାୟିତ୍ୱ ନେଇଥିଲା। ବୁଧବାର ବିଳମ୍ବିତ ରାତିରେ ଭାରତର ୧୧ ସ୍ଥାନକୁ ଟାର୍ଗେଟ କରି ପାକିସ୍ତାନ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଉତ୍ତର ଭାରତ ଏବଂ ପଶ୍ଚିମ ଭାରତର ଏହି ସ୍ଥାନଗୁଡ଼ିକୁ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ସାହାଯ୍ୟରେ ପାକିସ୍ତାନ ଟାର୍ଗେଟ କରିଥିଲା ବୋଲି ଗୁରୁବାର ଅପରାହ୍ନରେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବାୟୁସେନା ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହ ସୂଚନା ଦେଇଛନ୍ତି। ପାକ୍ ଆକ୍ରମଣ କରିଥିବା ସ୍ଥାନଗୁଡ଼ିକ ମଧ୍ୟରେ ରହିଛି ଅବନ୍ତୀପୁରା, ଶ୍ରୀନଗର, ଜମ୍ମୁ, ପଠାନକୋଟ, ଅମୃତସର, ଜଳନ୍ଧର, ଲୁଧିଆନା, ଆଦମପୁର, ଭାଟିଣ୍ଡା, ଫଲୋଦି, କପୁରଥାଲା, ଚଣ୍ଡୀଗଡ଼, ଉତ୍ତରଲାଇ ଏବଂ ଭୁଜ। ସେହିପରି ପାକିସ୍ତାନ ଭାରତର ଏକାଧିକ ସହରରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ଯାହାକୁ ଭାରତ ପକ୍ଷରୁ ନିଷ୍ଫଳ କରିଦିଆଯାଇଛି ବୋଲି କଲୋନେଲ ସୋଫିଆ କ୍ୟୁରେସୀ କହିଛନ୍ତି।

## ମା' ତାରାତାରିଣୀ ପୀଠର...

ଯଶ କୀର୍ତ୍ତି ବଢ଼େଇବା ସହ ଆମ ମାଟି ମାଆର ଶୌର୍ଯ୍ୟ ଓ ସମ୍ମାନ ପାଇଁ ନିଜକୁ ସମର୍ପିତ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ପୁଣି କହିଥିଲେ ଯେ, ଦୀର୍ଘ ୧୦୦ ବର୍ଷ ଧରି ଏହି ବିଦ୍ୟାଳୟ ଖଲ୍ଲିକୋଟ ଅଞ୍ଚଳରେ ଜ୍ଞାନର ଆଲୋକ ବିକିରଣ କରି ଆସୁଅଛି ଏବଂ ଏହି ଶତାୟୁ ବିଦ୍ୟାଳୟରେ ପାଠ ପଢ଼ିବା, ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଗର୍ବ ଓ ଗୌରବର ବିଷୟ। ଗାଙ୍ଗଦହଣୀ ଉଚ୍ଚ ବିଦ୍ୟାଳୟର ଐତିହ୍ୟ, ଜୟଯାତ୍ରା ଓ ସଫଳତାକୁ ମନେ ପକେଇ ଯଥୋଚିତ ସମ୍ମାନ କରିବା ପାଇଁ ଏହା ହେଉଛି ପ୍ରକୃତ ଅବସର । ଏହା ହେଉଛି, ଆମ ପୂର୍ବତନ ଛାତ୍ରଙ୍କ ସଫଳତାର ଜୀବନ୍ତ ପ୍ରମାଣ। ଆପଣଙ୍କ ଯାତ୍ରା ଏଠାରେ ସ୍ଥାପିତ ମୂଲ୍ୟବୋଧକୁ ପ୍ରତିଫଳିତ କରେ ଏବଂ ଆପଣଙ୍କ ସଫଳତା ଭବିଷ୍ୟତ ପିଢ଼ିକୁ ଉଚ୍ଚ ଲକ୍ଷ୍ୟ ଓ ବଡ଼ ସ୍ୱପ୍ନ ଦେଖିବାକୁ ପ୍ରେରଣା ଦିଏ। ଏହା ଏକ ବ୍ୟବସ୍ଥା ଯେଉଁଥିରେ ଆମେ ପିଲାମାନଙ୍କୁ ଉତ୍ତମ ନାଗରିକ ଭାବରେ ସେମାନଙ୍କର ଅଧିକାର ଏବଂ ସମାଜ, ରାଜ୍ୟ ଏବଂ ରାଷ୍ଟ୍ର ପ୍ରତି ସେମାନଙ୍କର କର୍ତ୍ତବ୍ୟ ବିଷୟରେ ପରିଚିତ କରାଉ । ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିବାକୁ ଯାଇ ସେ କହିଥିଲେ, ଜୀବନରେ ସଂଘର୍ଷକୁ କେବେ ହେଲେ ଡରିବନି । ସଂଘର୍ଷର ରାସ୍ତାରେ ହିଁ ସଫଳତା ମିଳେ। ସଫଳତା ପାଇବା ପାଇଁ କୌଣସି ସର୍ଟକଟ ନାହିଁ, ଯଦି ଅଛି ତ କେବଳ ସଂଘର୍ଷ ଆଉ କଠିନ ପରିଶ୍ରମ। ପିଲାମାନେ ତୁମମାନଙ୍କୁ ମୋର ଉପଦେଶ "ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ"। କଠିନ ପରିଶ୍ରମ କର, ଫଳ ନିଶ୍ଚୟ ମଧୁର ହେବ । ତୁମେମାନେ ଜଣେ ଜଣେ ସଫଳ ବିଦ୍ୟାର୍ଥୀ ହେବା ସହିତ ଜଣେ ଜଣେ ଦକ୍ଷ ରାଷ୍ଟ୍ର ନିର୍ମାତା ହୁଅ। ତୁମେମାନେ ନିରାଶାର ଅନ୍ଧାରକୁ ଚିରି ଆଶାର ଆଲୁଅ ହେଇ ଜଳ। ନିଜର ଜ୍ଞାନ ଓ ଦକ୍ଷତା ବଳରେ ତୁମେମାନେ ଧୂପକାଠି ପରି ଜଳି ଅନ୍ୟକୁ ସୁବାସ ଦିଅ। ତୁମେମାନେ ଅମୃତର ସନ୍ତାନ। ତୁମେମାନେ ଅସାଧ୍ୟକୁ ସାଧ କରିପାରିବ। ସେ ବିଶ୍ୱାସ ଓ ଭରସା ମୋର ଅଛି। ଶିକ୍ଷା ପ୍ରତି ଆମ ସରକାରଙ୍କ ସର୍ବାଧିକ ଗୁରୁତ୍ୱ ରହିଛି। ଚଳିତ ବର୍ଷ ବଜେଟରେ ସ୍କୁଲ ଶିକ୍ଷା ପାଇଁ ୩୧ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଏହା ପୂର୍ବ ବର୍ଷ ତୁଳନାରେ ୧୮ ପ୍ରତିଶତ ଅଧିକ । ସବୁ ବିଭାଗ ମଧ୍ୟରେ ସ୍କୁଲ ଶିକ୍ଷା ପାଇଁ ସର୍ବାଧିକ ବ୍ୟୟ ବରାଦ କରାଯାଇଛି। ତୁମମାନଙ୍କ ସ୍କୁଲ ଭଳି ରାଜ୍ୟରେ ଥିବା ୧୦୦ ବର୍ଷରୁ ପୁରୁଣା ବିଦ୍ୟାଳୟ ଗୁଡିକୁ ଐତିହ୍ୟ ବିଦ୍ୟାଳୟ ଭାବେ ପୁନରୁଦ୍ଧାର କରିବା ଆମ ସରକାରଙ୍କ ଲକ୍ଷ୍ୟ । ଏହି 'ଐତିହ୍ୟ ବିଦ୍ୟାଳୟ' ଅଧିନରେ ରାଜ୍ୟରେ ଥିବା ୫୦ରୁ ଅଧିକ ପୁରୁଣା ବିଦ୍ୟାଳୟ ଗୁଡିକର ନବୀକରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶେଷରେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ମାଁ ତାରାତାରିଣୀ ପୀଠର ଭିତ୍ତିଭୂମି ବିକାଶ ନିମନ୍ତେ ୮ କୋଟି ଟଙ୍କା ଦେଇଛନ୍ତି । ଏଥିରେ ସୁରକ୍ଷା ଓ ପରିମଳ ବ୍ୟବସ୍ଥା, ଗୋଟିଏ ସ୍ୱୟଂଚାଳିତ ରନ୍ଧାଯନ୍ତ୍ର ପ୍ରତିଷ୍ଠା (ପାହାଡ ଉପରେ), ୯୯୯ ପଥର ପାହାଚର ମରାମତି ଓ ପୁନଃ ନିର୍ମାଣ, ଯାନବାହାନ ରହଣୀସ୍ଥଳ ଓ ହେଲିପ୍ୟାଡ୍ ପାଇଁ ଜମି ଅଧିଗ୍ରହଣ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହା ସହିତ ଭକ୍ତ, ଯାତ୍ରୀମାନଙ୍କୁ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗାଇଦେବା ତଥା ଆଧାତ୍ମିକ ଓ ସାଂସ୍କୃତିକ ଅନୁଭବ ଉପଲବ୍ଧ କରାଇବା ମହତ୍ ଉଦ୍ଦେଶ୍ୟ ନେଇ ରାଜ୍ୟ ସରକାର ପୁଣି ୩୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏଥିରେ ସିଂହଦ୍ୱାର ସାମନାରେ ବହୁତଳ ବିଶିଷ୍ଟ ଧର୍ମଶାଳା, ବଣଭୋଜି ସ୍ଥଳ, ରାସ୍ତାଘାଟ ଉନ୍ନତିକରଣ ଯଥା ନବ ନିର୍ମିତ ପୋଲ ଠାରୁ ମୁଖ୍ୟରାସ୍ତା ଓ ଘାଟ ରୋଡ ପାର୍ଶ୍ୱରେ ସୁରକ୍ଷା ପ୍ରାଚୀର, ଆଲୋକୀକରଣ, ସାଇନ୍ ବୋର୍ଡ, ମନ୍ଦିର ଚତୁର୍ଦ୍ଦିଗରେ ୫ ଗୋଟି ଗୁମୁଟ, ମନ୍ଦିର ଉତ୍ତରପାର୍ଶ୍ୱ ଉନ୍ନତିକରଣ, ଋଷିକୂଲ୍ୟା ନଦୀ ପଠାରେ ହେବାକୁଥିବା ଅନ୍ୟାନ୍ୟ ଉନ୍ନତିକରଣ କାର୍ଯ୍ୟକ୍ରମ ୨୫ କୋଟି ଟଙ୍କା ବ୍ୟୟରେ କରାଯିବ । ଏହା ସହିତ ମନ୍ଦିର ସମେତ ଅନ୍ୟାନ୍ୟ କୋଠାବାଡି ରକ୍ଷଣାବେକ୍ଷଣ ନିମନ୍ତେ ୫ କୋଟି ଟଙ୍କା ସ୍ଥାୟୀଜମା ଆକାରରେ ରଖାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚାନଥାଉ ଯେ, ମା' ତାରାତାରିଣୀ ପୀଠ ଭିତ୍ତିଭୂମି ବିକାଶ ପାଇଁ ସମୁଦାୟ ୬୮ କୋଟି ଟଙ୍କାର ଅର୍ଥ ମଞ୍ଜୁର ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ, ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆୟୁଷ ଚିକିତ୍ସାର ଉନ୍ନତି ପାଇଁ ରାଜ୍ୟ ସରକାର ୩ଟି ସମନ୍ୱିତ ଆୟୁଷ ଚିକିତ୍ସାଳୟ ପ୍ରତିଷ୍ଠା କରିବେ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ସ୍ଥିତ ଡଃ ଅଭିନଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଛାତ୍ର ସଂସଦର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ସେଠାରେ ଏକ ନୂତନ ଏମରଜେନ୍ସି ୟୁନିଟର ଶିଳାନ୍ୟାସ କରିବା ସହିତ କଲେଜ୍‌ରେ ଏକ ହୋମିଓପାଥି ଗବେଷଣା ଓ ବିଶ୍ଳେଷଣ ବିଭାଗ ଖୋଲାଯିବ ବୋଲି ଘୋଷଣା କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ ରକ୍ତଦାନ ଶିବିରର ଉଦ୍ଘାଟନ ମଧ୍ୟ କରିଛନ୍ତି। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାରେ ହୋମିଓପାଥିକ୍ ଶିକ୍ଷାର ପ୍ରସାର ଓ ହୋମିଓପାଥିକ୍ ଚିକିତ୍ସାର ଲୋକପ୍ରିୟତା ବୃଦ୍ଧି ଦିଗରେ ଡଃ ଅଭିନଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଅବଦାନ ଅତୁଳନୀୟ। ଏହି କଲେଜ୍ ରାଜ୍ୟର ଏକ ପ୍ରତିଷ୍ଠିତ କଲେଜ୍। ହୋମିଓପାଥିକ୍ ଶିକ୍ଷା, ଗବେଷଣା ଓ ପ୍ରଶିକ୍ଷଣ କ୍ଷେତ୍ରରେ ଏହା କେବଳ ରାଜ୍ୟ କାହିଁକି, ସାରା ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ। ଦୀର୍ଘ ୫୬ ବର୍ଷ ଧରି ଏହା ଅବିରତ ଭାବେ ଶିକ୍ଷାର ପ୍ରସାର କରି ଚାଲିଛି ଏବଂ ଅନେକ ସୁନାମଧନ୍ୟ ଡାକ୍ତର ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀ ଆହୁରି




ମଧ୍ୟ କହିଥିଲେ ଯେ, ଏହି ମହାବିଦ୍ୟାଳୟର ଏକ ବିଶେଷତ୍ୱ ହେଉଛି ଯେ, ଏହା ଏକ ହୋମିଓପାଥିକ ଔଷଧ ତିଆରି କାରଖାନା ପରିଚାଳନା କରୁଛି। ଏଥିରୁ ପ୍ରସ୍ତୁତ ଔଷଧ ବିଭିନ୍ନ ହସ୍ପିଟାଲକୁ ଯୋଗାଇ ଦିଆଯାଉଛି। ଏହା ନିଶ୍ଚିତ ଭାବେ ଖୁବ୍ ପ୍ରଶଂସାଯୋଗ୍ୟ। ରାଜ୍ୟରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ରାଜ୍ୟ ସରକାର କ୍ରମାଗତ ଭାବେ ଉଦ୍ୟମ କରିଚାଲିଛନ୍ତି। ଅନୁସନ୍ଧାନରୁ ଜଣାଯାଇଛି ଯେ, ସାରା ଭାରତର ଆୟୁଷ ଅର୍ଥନୀତିର ପ୍ରାୟ ୧୫ ପ୍ରତିଶତ ହୋମିଓପାଥିକ ଚିକିତ୍ସା ବ୍ୟବସ୍ଥା ଦ୍ୱାରା ପରିଚାଳିତ । ରାଜ୍ୟରେ ବର୍ତ୍ତମାନ ଏହି ମହାବିଦ୍ୟାଳୟକୁ ମିଶାଇ ୪ଟି ସରକାରୀ ହୋମିଓପାଥିକ୍ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଅଛି। ଏହା ସହିତ ୫୬୨ ଟି ସରକାରୀ ହୋମିଓପାଥିକ୍ ଡାକ୍ତରଖାନା ମଧ୍ୟ ଅଛି। ଆୟୁଷ ଚିକିତ୍ସାର ଉନ୍ନତି ପାଇଁ ରାଜ୍ୟ ସରକାର ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱର ଠାରେ ତିନୋଟି ସମନ୍ୱିତ ଆୟୁଷ ଚିକିତ୍ସାଳୟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ସେ କହିଥିଲେ। ସେ ପୁଣି କହିଥିଲେ ଯେ, ସ୍ୱାସ୍ଥ୍ୟ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ବଜେଟ୍‌ରେ ୨୩ ହଜାର ୬୩୫ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଏହା ରାଜ୍ୟ ବଜେଟ୍‌ର ୮ ପ୍ରତିଶତରୁ ଅଧିକ । ଏଥିରୁ ଅନୁମାନ କରାଯାଇପାରିବ ଯେ ଆମେ ସ୍ୱାସ୍ଥ୍ୟକ୍ଷେତ୍ରକୁ କେତେ ଗୁରୁତ୍ୱ ଦେଉଛୁ। ଆମ ସରକାର ଆସିବା ପରେ ଏହାକୁ ଓଡ଼ିଶାରେ କାର୍ଯ୍ୟକାରୀ କଲେ। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଦ୍ୱାରା ରାଜ୍ୟର ଏକ କୋଟିରୁ ଅଧିକ ଲୋକ ଦେଶର ୨୯ ହଜାର ସରକାରୀ ଓ ବେସରକାରୀ ହସ୍ପିଟାଲରେ ଚିକିତ୍ସା ପାଇ ପାରୁଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଥିଲେ ଯେ, ସ୍ୱାସ୍ଥ୍ୟ କ୍ଷେତ୍ରରେ ହୋମିଓପାଥିକ ଚିକିତ୍ସା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ଏବଂ ଡଃ ଅଭିନଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଛାତ୍ରଛାତ୍ରୀମାନେ ଏହି ପ୍ରାମାଣିକ ଚିକିତ୍ସା ପଦ୍ଧତିକୁ ଆହୁରି ଜନାଭିମୁଖୀ କରିଛନ୍ତି। ଓଡ଼ିଶାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ଡବଲ ଇଞ୍ଜିନ ସରକାର ଜୋରଦାର୍ ଉଦ୍ୟମ ଆରମ୍ଭ କରିଛନ୍ତି। ତେଣୁ ଏ କ୍ଷେତ୍ରରେ ଆମେ ଆମର ଧାର୍ଯ୍ୟ ଲକ୍ଷ୍ୟକୁ ଅତିକ୍ରମ କରିବୁ ବୋଲି ମୋର ଦୃଢ଼ ବିଶ୍ୱାସ। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ଏକାମ୍ର ଭୁବନେଶ୍ୱର ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱଥି ଏସ, ପଦ୍ମଶ୍ରୀ ଡକ୍ଟର ଅଶୋକ ମହାପାତ୍ର, ମୁଖ୍ୟବକ୍ତା, ଡକ୍ଟର ଏଲ୍. କେ. ନନ୍ଦ ମଞ୍ଚାସୀନ ଥିବା ବେଳେ ମହାବିଦ୍ୟାଳୟର ଅଧକ୍ଷା ଡଃ ପୁଷ୍ପାଞ୍ଜଳି ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ମହାବିଦ୍ୟାଳୟ ଛାତ୍ର ସଂସଦର ସଭାପତି ଲିପକ ମହାପାତ୍ର ବିବରଣୀ ପାଠ କରିଥିଲେ ଏବଂ ଛାତ୍ର ସଂସଦର ସାଧାରଣ ସମ୍ପାଦକ ସୌମ୍ୟ ଦର୍ଶନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ସଙ୍କଟ ସମୟରେ ପ୍ରସ୍ତୁତ...

ସ୍ୱେଚ୍ଛାସେବୀମାନଙ୍କର ସ୍ଥିତି ଓ ଆବଶ୍ୟକତା ସଂପର୍କରେ ଆଲୋଚନା କରାଯାଇ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନେ ବିପର୍ଯ୍ୟୟ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ପରିସ୍ଥିତି ସମୟରେ ଜନସାଧାରଣଙ୍କୁ ସାହାଯ୍ୟ କରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ସେମାନେ ପ୍ରାଥମିକ ଚିକିତ୍ସା, ସନ୍ଧାନ ଏବଂ ଉଦ୍ଧାର, ଅଗ୍ନିଶମ ସେବାରେ ସହାୟତା, ସ୍ଥାନାନ୍ତର ଏବଂ ପୁନରୁଦ୍ଧାର କାର୍ଯ୍ୟରେ ସାହାଯ୍ୟ କରି କ୍ଷୟକ୍ଷତିକୁ ହ୍ରାସ କରିବା, ଜୀବନ ବଞ୍ଚାଇବା ଏବଂ ସଙ୍କଟ ସମୟରେ ସାମୁହିକ ସ୍ଥିରତା ବଜାୟ ରଖିବାରେ ପ୍ରମୁଖ ଯୋଗଦାନ କରିଥାନ୍ତି । ସେହିପରି ବିପର୍ଯ୍ୟୟ ସମୟରେ ଆଗଧାଡ଼ିରେ ରହି ସାହାଯ୍ୟ କରିଆସିଥିବା ଆପଦମିତ୍ରମାନଙ୍କ ଭୂମିକାକୁ ପ୍ରଶଂସା କରାଯିବା ସହିତ ଆବଶ୍ୟକ ସମୟରେ ସେମାନଙ୍କ ସହାୟତା ନେବାକୁ ପରାମର୍ଶ ଦିଆଯାଇଛି । ସିଭିଲ୍ ଡିଫେନ୍ସ ସ୍ୱେଚ୍ଛା ସେବୀଙ୍କ ସମେତ, ଜାତୀୟ ସେବା ସଂସ୍ଥା(ଏନଏସ୍ଏସ), ସମର ଶିକ୍ଷାର୍ଥୀ ବାହିନୀ, ନେହେରୁ ଯୁବକେନ୍ଦ୍ର, ସେଣ୍ଟ ଜୋନ ଆମ୍ବୁଲାନ୍ସ ଭଳି ସଂସ୍ଥା ସହ ବୈଠକ କରି ଆମର ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ସମନ୍ୱୟକୁ ଅଧିକ ସୁଦୃଢ଼ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ସେହିପରି ବିଭିନ୍ନ ଜିଲ୍ଲାର ପ୍ରମୁଖ ଶିଳ୍ପାଞ୍ଚଳ ଓ ଜନସଂଖ୍ୟା ବହୁଳ ସ୍ଥାନରେ ଜନସାଧାରଣଙ୍କୁ ସତର୍କ ମୂଳକ ସୂଚନା ଦେବାକୁ ସାଇରନ୍ ବ୍ୟବସ୍ଥା ରଖିବା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି । ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଛନ୍ତି ଯେ, ସାଂପ୍ରତିକ ପରିସ୍ଥିତିରେ ପ୍ରତ୍ୟେକ ସଙ୍କଟ ଜନକ ସମୟକୁ ସୁଯୋଗ ଓ ଆହ୍ୱାନ ବୋଲି ମନେ କରି ନିଜକୁ ପ୍ରସ୍ତୁତ ରଖିବା ସଙ୍ଗେ ସଙ୍ଗେ ଜନ ସଚେତନତା ବୃଦ୍ଧି କରାଯିବାର ଆବଶ୍ୟକତା ରହିଛି । ଏ ସଂପର୍କରେ ଗୁରୁତ୍ୱାରୋପ କରି ସେ ଜିଲ୍ଲାପାଳ, ଆରକ୍ଷୀ ଅଧକ୍ଷକ ଓ ଅଧିକାରୀମାନଙ୍କୁ ଆବଶ୍ୟକ ପ୍ରସ୍ତୁତି ସଂପର୍କରେ ପରାମର୍ଶ ଦେଇଥିଲେ ।

## ଗରମ ଓ ଗୁଳୁଗୁଳି ନେଇ...

ଜାରି କରିଛି ପାଣିପାଗ ବିଭାଗ । ଗରମ ଓ ଗୁଳୁଗୁଳି ନେଇ ଶୁକ୍ରବାର ପାଇଁ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି । ୯ ତାରିଖ ଅର୍ଥାତ୍ ଶୁକ୍ରବାର ଗରମ ଓ ଗୁଳୁଗୁଳି ନେଇ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଶନିବାର ହିଟ୍ ୱେଭ ନେଇ ୪ ଜିଲ୍ଲା ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ, ବଲାଙ୍ଗୀରକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଗରମ ଓ ଗୁଳୁଗୁଳି ନେଇ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 09-KUR-TRD-OT-2025-26

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧିନସ୍ଥ କୋଲକାତା-ଚେନ୍ନାଇ ମେନ୍ ଲାଇନ୍‌ରେ ହରିଦାସପୁର (HDS) - ଧାନମଣ୍ଡଳ (DNM) ଷ୍ଟେସନ ମଧ୍ୟରେ NH-200 (ନୂତନ NH-53)ର କି.ମି. 370/25-27 ଠାରେ ପ୍ରସ୍ତାବିତ ରୋଡ଼ ଓଭର ବ୍ରିଜ୍ (ROB) ର ନିର୍ମାଣ ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟ ସମ୍ପାଦନ।

**ବିଜ୍ଞାପିତ ମୂଲ୍ୟ :** ₹ 15,29,188.76, EMD : ₹ 30,600/-, ଶେଷ ହେବା ଅବଧି: 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.13.05.2025ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.27.05.2025ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼
PR-102/Q/25-26



**ପୂର୍ବ ତଟ ରେଳପଥ**

**ପାର୍କିଂ ଷ୍ଟାଣ୍ଡ୍‌ଗୁଡ଼ିକର ଇ-ନିଲାମ**

**ଷ୍ଟେସନ ଏବଂ ସ୍ଥାନ :** 1) ଭୁବନେଶ୍ୱର ନୂଆ- 2 ଚକିଆ (ପରିଚଳନ କ୍ଷେତ୍ରରେ), 2) ମଞ୍ଚେଶ୍ୱର - ମିକ୍ସ - 2 ଏବଂ 4 ଚକିଆ (ପରିଚଳନ କ୍ଷେତ୍ରରେ)।

**ନିଲାମ ଆରମ୍ଭ ତାରିଖ ଓ ସମୟ :** (କ୍ରମ ସଂ.1 ପାଇଁ) ତା.19.05.2025ରିଖ 1100 ଘଟିକା ଏବଂ (କ୍ରମ ସଂ.2 ପାଇଁ) ତା.21.05.2025ରିଖ 1100 ଘଟିକା ।

**ନିଲାମ ଅନ୍ତିମ ତାରିଖ ଓ ସମୟ :** (କ୍ରମ ସଂ.1 ପାଇଁ) ତା.19.05.2025ରିଖ 1130 ଘଟିକା ଏବଂ (କ୍ରମ ସଂ.2 ପାଇଁ) ତା.21.05.2025ରିଖ 1130 ଘଟିକା ।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରମାନଙ୍କୁ ୱେବ୍‌ସାଇଟ୍ : https://ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼
PR-104/Q/25-26

ଭୁବନେଶ୍ୱର
୯ ମଇ, ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. : BN/60/25-27

# ଦେବସ୍ନାନ ପୂର୍ଣ୍ଣିମା : ୪ ସ୍ଥାନରେ ବରିଷ୍ଠ ନାଗରିକଙ୍କ ଲାଗି ଆଶ୍ରୟସ୍ଥଳ

**ପୁରୀ, ୦୮/୦୫ ନ୍ୟୁଜ ବ୍ୟୁରୋ**

ଚଳିତବର୍ଷ ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନମଣ୍ଡପ ଉପରୁ ସହରର ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ବ୍ୟକ୍ତିମାନେ କିଭଳି ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କୁ ଦର୍ଶନ କରି ପାରିବେ ସେଥିଲାଗି ପୁଲିସ ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି ଜାରି ରହିଥିବା ନେଇ ଏସ୍‌ପି ବିନୀତ ଅଗ୍ରୱାଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଶ୍ରୀ ଅଗ୍ରୱାଲ କହିଛନ୍ତି, ବିଶେଷ ଭାବେ ଦେବସ୍ନାନ ପୂର୍ଣ୍ଣିମା ଲାଗି ଦୋଳବେଦି କୋଣ ଓ ମାର୍କେଟ ଛକରେ ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗଙ୍କ ନିମନ୍ତେ ସହଯୋଗ କେନ୍ଦ୍ର ଖୋଲାଯିବ। ସେଠାରେ ସେମାନେ ସୁରକ୍ଷିତ ବସିବେ। ସେଠାରୁ ସେମାନଙ୍କୁ ପୁଲିସ ସହାୟତାରେ ନିଆଯାଇ ଠାକୁରଙ୍କୁ ଦର୍ଶନ ବ୍ୟବସ୍ଥା କରାଯିବ । ସେହିଭଳି ଟାଉନଥାନା ସମ୍ମୁଖ ଓ ମରିଚିକୋଟ ଛକଠାରେ ଦୁଇଟି ଛାୟା ସେଡ୍ ନିର୍ମାଣ କରାଯିବ । ସେଥିରେ ସେମାନେ ବିଶ୍ରାମ ନେବେ ।



ସେମାନଙ୍କ ନିମନ୍ତେ ହୁଇଲ ଚେୟାର ସହ ସହାୟକ ଦଳ ନିୟୋଜିତ ରହିବେ। ବର୍ତ୍ତମାନ ଚନ୍ଦନଯାତ୍ରା ଜାରି ରହିଥିବା ବେଳେ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ଲାଗି ସ୍ୱତନ୍ତ୍ର ଚେୟାର ବ୍ୟବସ୍ଥା କରାଯିବ। ସେମାନେ ସେଠାରେ ସୁରକ୍ଷିତ ଭାବେ ଠାକୁରଙ୍କ ଜଳକ୍ରୀଡ଼ା ଦେଖିପାରିବେ । ବରିଷ୍ଠ ନାଗରିକମାନେ ନଂ-୬୩୭୦୯୭୨୧୦୦୬ରେ ଯୋଗାଯୋଗ କରିପାରିବେ । ଏହି ନମ୍ବରରେ କିଛି ଅସୁବିଧା ହେଲେ ନୋଡାଲ ଅଫିସର ଡିଏସ୍‌ପି ତାରା ଜାସ୍‌ମିନ୍ ଗୁରିଆଙ୍କୁ ଯୋଗାଯୋଗ ନଂ-୯୪୩୭୩୯୦୦୯୬ରେ ପରାମର୍ଶ ନେଇପାରିବେ । ବରିଷ୍ଠ ନାଗରିକ ଏହି ନମ୍ବରକୁ ଯୋଗାଯୋଗ କରିଲେ ସେମାନଙ୍କ ନିକଟରେ ପୁଲିସର ସ୍ୱତନ୍ତ୍ର ଟିମ୍ ପହଞ୍ଚି ସହାୟତା କରିବ ବୋଲି ଏସ୍‌ପି ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ସହରରେ ପୁଲିସର ପାଟ୍ରୋଲିଂ ଜୋରଦାର କରିବାକୁ ଆଇଆଇସିମାନଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି । ଟାଉନ୍‌ଥାନା ସଭାକକ୍ଷରେ ପୁଲିସ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ୧୪୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ସାମିଲ ହୋଇଥିଲେ। ଅତିରିକ୍ତ ଏସ୍‌ପି ସୁଶିଲ କୁମାର ମିଶ୍ର, ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ, ସିଟି ଡିଏସପି ପ୍ରଶାନ୍ତ କୁମାର ସାହୁ, ଘନଶ୍ୟାମ ହେମ୍ବ୍ରମ, ବିଜୟ ନନ୍ଦ, ଟ୍ରାଫିକ ଡିଏସ୍‌ପି ରାଜକୁମାର ପରିଡ଼ା, ଟ୍ରାଫିକ ଥାନା ଅଧିକାରୀ ଜୟଦୀପ ମହାନ୍ତି, ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାଶ ଓ ସିଂହଦ୍ୱାର ଥାନା ଅଧିକାରୀ ଶ୍ୱେତପଦ୍ମା ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ରଥ ଖଳା ହାଲଚାଲ୍ : ଚାଲିଛି ତୁମ୍ବରେ ବିନ୍ଧ ଓ ପନ୍ଦାରି ବଳା

**ପୁରୀ, ୦୮/୦୫ ନ୍ୟୁଜ ବ୍ୟୁରୋ**

ଠାକୁରଙ୍କ ରଥ ନିର୍ମାଣରେ ଲାଗିଛନ୍ତି ବିଶ୍ୱକର୍ମା, କରତୀ, ଓଝା ଓ ଭୋଇ ସେବକ । ରଥ ଖଳାରେ ବିଶ୍ୱକର୍ମାମାନେ ତୁମ୍ବ ତିଆରିରେ ଲାଗିଛନ୍ତି । ତୁମ୍ବରେ ବିନ୍ଧ ଖୋଦେଇ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତୁମ୍ବ ଖୋଦେଇ ପାଇଁ ମେସିନ ପ୍ରସ୍ତୁତ। କରତି ସେବକ ତୁମ୍ବର ଘେର(ବଳକା ଅଂଶ) କାଟୁଛନ୍ତି । ବଡ଼ଦାଣ୍ଡରେ ଅଖ ଓ ଦଣ୍ଡା କାଠ ପହଞ୍ଚିଛି। ୨୩ ଖଣ୍ଡ କାଠ ଭଞ୍ଜନଗରରୁ ଆସିଛି । ୪୦ ଫୁଟିଆ ୨୧ଟି ଧଉରା ଓ ୨ଟି ଅସନ କାଠ ଗଡ଼ । ମହାପ୍ରଭୁଙ୍କ ଭଉଁରି ଉତ୍ସବରେ ରଥର ଚକ ଓ ଅଖ ସଂଯୁକ୍ତ ହେବ। ମୁଖ୍ୟ ବିଶ୍ୱକର୍ମାଙ୍କ ସୂଚନା ଅନୁସାରେ, ଗୁରୁବାର ଖଳାରେ ତୁମ୍ବରେ ଅଗର ବିନ୍ଧ ହୋଇଛି ଯେଉଁଥିରେ ଅର କଣ୍ଟା ବସିଛି। କମାର(ଓଝା) ସେବକମାନେ ଦୋଳବେଦି ପରିସରରେ ରଥ ପାଇଁ ଲୋଡ଼ା ଲୁହା ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି । ଏବେ ଶାଳରେ ପଡ଼ିଛି ପନ୍ଦାରି । ଏହାକୁ ପୋଡ଼ିଲା ପରେ ମଳି ଛଡ଼ା ଯାଇ ମଠା (ସାଇଜ୍) ହେବ। ତୁମ୍ବଗୁଡ଼ିକର ଭିତର ପାର୍ଶ୍ୱରେ ଲାଗିବ ପନ୍ଦାରି । ତାହାକୁ ମଜଭୁତ କରିବାକୁ ଚାବି ତିଆରି ହୋଇ ପନ୍ଦାରିରେ ପଡ଼ିବ। ଗୋଟିଏ ତୁମ୍ବରେ ଲାଗିବ ୨ଟି ଲେଖାଏଁ ପନ୍ଦାରି ଓ ବଳା । ତିନି ରଥର ୪୨ ଚକ ପାଇଁ ଆବଶ୍ୟକ ୮୪ଟି ପନ୍ଦାରି, ୮୪ଟି ବଳା । ସେଗୁଡିକର ଆକାର ଭିନ୍ନ ଭିନ୍ନ । ତୁମ୍ବର ବାହାର ପାର୍ଶ୍ୱରେ ଲାଗିବ ବଳା। ତୁମ୍ବରେ ଅଖ ଭୁଞ୍ଜାଯିବ । ଠାକୁରଙ୍କ ରଥ ଅଖର ଆକାର ବଡ଼ରୁ ସାନ ହୁଏ । ସେହି ଅନୁସାରେ ବଡ଼ସାନ ହୋଇ ତିଆରି ହୁଏ ପନ୍ଦାରି ଓ ବଳା। ସେଥିରେ ୪ଟି ଚାବି ଲାଗି ତୁମ୍ବକୁ ମଜଭୁତ କରାଯିବ । ଯେପରି ରଥ ଗଡ଼ିଲା ବେଳେ ତୁମ୍ବରୁ ଅଖ ଖସି ନଯାଏ। ଆଗେ ନୟାଗଡ଼ ଡିଭିଜନରୁ ଆସୁଥିଲା ୪୦ ଫୁଟିଆ କାଠ। ସେଠାରେ ଅଭାବ ପରିଲକ୍ଷିତ ହେବାରେ ବୌଦ୍ଧ ଓ ଫୁଲବାଣୀ ଆଦି ଅନ୍ୟ ଜିଲ୍ଲା ଉପରେ ନିର୍ଭର କରିବାକୁ ହେଉଛି । ରଥ ପାଇଁ ଆବଶ୍ୟକ ୧୦୦ଟି ୪୦ ଫୁଟିଆ କାଠ । ସେଥିରୁ ୩୦ଟି ଅସନ ଓ ୭୦ଟି ଧଉରା କାଠ । ଅସନରେ ଦଣ୍ଡା ଓ ଗୟଳ ଆଦି ରଥାଂଶ ପ୍ରସ୍ତୁତ ହୁଏ। ଅସନ ତୁଳନାରେ ଧଉରା ଅଧିକ ମଜଭୁତ । ଏଣୁ ଧଉରାରେ ମୁଖ୍ୟତଃ ରଥର ଅଖ ଓ ମଝି ଦଣ୍ଡା ପ୍ରସ୍ତୁତ ହୁଏ। ଅସନ କାଠ ବଙ୍କା ହେଉଥିବା କାରଣରୁ ଏଥିରେ ରଥର ଗୟଳ ତିଆରି ହୁଏ । ୩ ରଥର ମୋଟ ୩୨ ଗୟଳ ତିଆରି ହୁଏ । ଗୁରୁବାର ରଥ ନିର୍ମାଣ କାର୍ଯ୍ୟରେ ୧୧୫ ଜଣ ନିୟୋଜିତ ହୋଇଥିବା ସୂଚନା ମିଳିଛି ।

### ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ମୁକାବିଲା ପାଇଁ ଓଡ଼ିଶା ପ୍ରସ୍ତୁତ

# ମହଜୁଦ ଅଛି ଅତ୍ୟାବଶ୍ୟକ ସାମଗ୍ରୀ

## କଳାବଜାରୀକୁ ଦିଆଯିବନି ପ୍ରଶ୍ରୟ



**ଭୁବନେଶ୍ୱର, ୦୮/୦୫ ନ୍ୟୁଜ ବ୍ୟୁରୋ**

ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିର ମୁକାବିଲା ନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ସବୁ ପ୍ରକାର ସ୍ଥିତି ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ। ବଜାରରେ ଯଥେଷ୍ଟ ପରିମାଣରେ ମହଜୁଦ ଅଛି ଡାଲି, ଚାଉଳ, ତେଲ ଭଳି ଅତ୍ୟାବଶ୍ୟକ ସାମଗ୍ରୀ। କୌଣସି ପ୍ରକାର କଳାବଜାରୀକୁ ଦିଆଯିବନି ପ୍ରଶ୍ରୟ। ସରକାରଙ୍କ ନଜରରେ ଅଛି ମାର୍କେଟ୍। ଅପରେସନ ସିନ୍ଦୂରରେ ସୀମିତ ରହିବନି ଆକ୍ସନ। ପ୍ରଧାନମନ୍ତ୍ରୀ କହିଛନ୍ତି ଆଗକୁ ନିଆଯିବ ଆହୁରି ବଡ଼ କାର୍ଯ୍ୟାନୁଷ୍ଠାନ।

ସେହିପରି ମନ୍ତ୍ରୀ କହିଛନ୍ତି ଯେ, ରବି ଧାନ ପାଇଁ ପଞ୍ଜୀକରଣ ସରିଛି। ଏହାପରେ ସାଟେଲାଇଟ୍ ସର୍ଭେ କରାଯିବ। ଏଥର ଆମେ ୨୦ଟି ଜିଲ୍ଲାକୁ ନେଇଛୁ। ଆଗରୁ ୧୭ ଜିଲ୍ଲାରେ ପଞ୍ଜୀକରଣ ହେଉଥିଲା। ସପ୍ତାହେ ଭିତରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବ। ୪୮ ଘଣ୍ଟା ଭିତରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଯିବ। ମଣ୍ଡି ଦାୟିତ୍ୱରେ ନୋଡାଲ ଅଫିସର ରହିବେ। ଆମର ଟାର୍ଗେଟ୍ ୧୫ ଲକ୍ଷ ମେଟ୍ରିକ୍ ଟନ୍ ରହିଛି। ପ୍ରଥମ ପର୍ଯ୍ୟାୟରେ ୧୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରହିଛି। କଟନୀ ଛଟନୀ କରାଇ ଦିଆଯାଇ ନାହିଁ। ଅସାଧୁ ମିଲରମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ରାଜ୍ୟ କ୍ୟାବିନେଟ୍‌ରେ ୮ଟି ପ୍ରସ୍ତାବକୁ ମଞ୍ଜୁରୀ

**ଭୁବନେଶ୍ୱର, ୮/୫ ନ୍ୟୁଜ ବ୍ୟୁରୋ**

ରାଜ୍ୟ କ୍ୟାବିନେଟ୍‌ରେ ୫ ବିଭାଗର ୮ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ଅନୁମୋଦନ ମିଳିଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ରାଜ୍ୟ ସରକାର 'ବିପର୍ଯ୍ୟୟ ପ୍ରତିରୋଧକ ସଡ଼କ' ନାଁରେ ନୂତନ ଯୋଜନାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି।



'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା'କୁ କ୍ୟାବିନେଟରେ ମଞ୍ଜୁରୀ ମିଳିଥିବା ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ସଚିବ କହିଛନ୍ତି ଏଥିରେ ୧୦୦୦ କୋଟି ଟଙ୍କାର ବ୍ୟୟରେ ପ୍ରାୟ ୫୦୦ କିମି ନୂତନ ରାସ୍ତା ନିର୍ମାଣ କରାଯିବ। ନୂତନ ଯୋଜନାରେ ନିର୍ବାଚନ ମଣ୍ଡଳୀରେ ନୂଆ ସଡ଼କ ନିର୍ମାଣ ହେବା ସହିତ ପୁରୁଣା ସଡ଼କର ମରାମତି ହେବ। ସେହିପରି 'ବିପର୍ଯ୍ୟୟ ପ୍ରତିରୋଧକ ସଡ଼କ' ନାଁରେ ନୂତନ ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି ରାଜ୍ୟ ସରକାର। ଏହାଦ୍ୱାରା ରାସ୍ତାର ଉନ୍ନତିକରଣ ହେଲେ ଶିକ୍ଷାନୁଷ୍ଠାନ, ଚିକିତ୍ସା ସୁବିଧା, ବ୍ଲକ/ଗ୍ରାମ ପଞ୍ଚାୟତ ମୁଖ୍ୟାଳୟ, ବଜାର ସ୍ଥାନ ଓ ପର୍ଯ୍ୟଟନସ୍ଥଳ ଆଦି ସହିତ ଉତ୍ତମ ସଂଯୋଗୀକରଣ ହୋଇପାରିବ।

ସେହିପରି ସାର୍ବଜନୀନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆନୁଷଙ୍ଗିକ ସେବାକୁ ସୁଦୃଢ଼ କରିବା ପାଇଁ ଯୋଜନାକୁ ୫ ବର୍ଷ ଜାରି ରଖିବାକୁ ଅନୁମୋଦନ ମିଳିଛି। ରାଜ୍ୟ ସରକାର କ୍ୟାବିନେଟ୍ ବୈଠକରେ ସାର୍ବଜନୀନ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଆନୁଷଙ୍ଗିକ ସେବା ବୃଦ୍ଧି ପାଇଁ ଏହା ସହ ହାଉସ କିପିଂ, ସ୍ୱଚ୍ଛତା ସେବା, ଲିନେନ୍ ଓ ଲଣ୍ଡ୍ରି ସେବା, ସୁରକ୍ଷା ସେବା ଓ ଆଟେଣ୍ଡାଣ୍ଟ ସେବା ଇତ୍ୟାଦି ଆନୁଷଙ୍ଗିକ ସେବାଗୁଡିକର କାର୍ଯ୍ୟକାରିତାକୁ ଆହୁରି ବୃଦ୍ଧି କରିବା ନିମନ୍ତେ ପାଞ୍ଚ ବର୍ଷରେ ପ୍ରାୟ ୫,୧୭୪.୭୯ କୋଟି ଟଙ୍କା ଖର୍ଚ୍ଚ ବ୍ୟବସ୍ଥା କରାଯାଇଛି।

ପ୍ରାଣୀଧନ ଚିକିତ୍ସା ବୈଷୟିକ ସେବା ନିୟମ, ୨୦୨୪କୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ପ୍ରସ୍ତାବିତ ଓଡ଼ିଶା ପ୍ରାଣୀ ଚିକିତ୍ସା ବୈଷୟିକ ସେବା (ନିଯୁକ୍ତି ସର୍ତ୍ତାବଳୀ) ନିୟମ, ୨୦୨୪ ଅନୁଯାୟୀ, ପୂର୍ବରୁ ବିଦ୍ୟମାନ ଓଡ଼ିଶା ଅଣ ଗେଜେଟେଡ୍ ପ୍ରାଣୀ ଚିକିତ୍ସା ବୈଷୟିକ ସେବା (ନିଯୁକ୍ତି ସର୍ତ୍ତାବଳୀ) ନିୟମ, ୧୯୮୩ ଓ ପରବର୍ତ୍ତୀ ସମସ୍ତ ସଂଶୋଧନକୁ ବଦଳାଇବା ସହିତ ପୁରୁଣା ଓ ଅନାବଶ୍ୟକ ନିୟମକୁ ପ୍ରତ୍ୟାହାର କରିଛନ୍ତି। ଏହାଛଡ଼ା ଅତୀତରେ ପୁର୍ନଗଠିତ ହୋଇଥିବା ଓଡ଼ିଶା ପ୍ରାଣୀଧନ ଚିକିତ୍ସା ବୈଷୟିକ ସେବା କ୍ୟାଡରକୁ ନିୟନ୍ତ୍ରିତ କରିବା ନିମନ୍ତେ ପ୍ରସ୍ତାବ ରଖାଯାଇଛି। ଓଡ଼ିଶା ପ୍ରାଣୀଧନଚିକିତ୍ସା ବୈଷୟିକ ସେବା କ୍ୟାଡ଼ରରେ ୧୧୩ ନୂତନ ପଦବୀ ସୃଷ୍ଟି କରାଯାଇ ଏହାର କ୍ଷମତା ୪,୦୪୫ରୁ ୪,୧୫୮କୁ ବୃଦ୍ଧି କରାଯାଇଛି ।

ବାଣିଜ୍ୟ ଓ ପରିବହନ ବିଭାଗରେ ମୁଖ୍ୟମନ୍ତ୍ରୀ ବସ୍ ସେବା କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଏଥିରେ ରାଜ୍ୟର ସମସ୍ତ ବ୍ୟବସାୟ ସ୍ଥଳ/ବାଣିଜ୍ୟ କେନ୍ଦ୍ର, ଶିକ୍ଷା ଓ ସ୍ୱାସ୍ଥ୍ୟାନୁଷ୍ଠାନ ଓ ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନକୁ ନିରାପଦ, ନିର୍ଭରଯୋଗ୍ୟ, ସୁଲଭ ଓ ଦକ୍ଷ ସାର୍ବଜନୀନ ପରିବହନ ବସ୍ ସେବା ମିଳିବ। ବସ୍ ଚଳାଚଳରେ ଦକ୍ଷତା ଓ ସ୍ୱଚ୍ଛତା ଲକ୍ଷ୍ୟରେ 'ମୁଖ୍ୟମନ୍ତ୍ରୀ ବସ୍ ସେବା'ର ସମ୍ପୂର୍ଣ୍ଣ ନବୀକରଣ କରାଯିବ। ଏହାଛଡ଼ା ବସ୍‌ଗୁଡ଼ିକର ତଦାରଖ ଓ ନିୟନ୍ତ୍ରଣ ପାଇଁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମକୁ ଦାୟିତ୍ୱ ମିଳିବ। ବସ୍‌ଗୁଡ଼ିକରେ ସିସିଟିଭି କ୍ୟାମେରା, ଲାଇଭ୍ ଭ୍ୟାନ୍ ଟ୍ରାକିଂ, ଯାତ୍ରୀ ସୂଚନା ବ୍ୟବସ୍ଥା ଓ ପାନିକ୍ ବଟନ୍ ଇତ୍ୟାଦି ବନ୍ଦୋବସ୍ତ କରାଯିବ। ମୁଖ୍ୟମନ୍ତ୍ରୀ ବସ୍ ସେବାରେ ମହିଳା, ଟ୍ରାନ୍ସଜେଣ୍ଡର, ଛାତ୍ର, ଭିନ୍ନକ୍ଷମ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ବାତାନୁକୂଳ ଓ ଅଣ-ବାତାନୁକୂଳ ବସ୍ ଭଡ଼ାରେ ୫୦% ରିହାତି ବ୍ୟବସ୍ଥା କରିଛନ୍ତି ରାଜ୍ୟ ସରକାର।

# ଲିଭ୍-ଇନ୍-ରିଲେସନସିପ୍‌ରେ ଥିଲେ କରିପାରିବେନି ଦୁଷ୍କର୍ମ ଅଭିଯୋଗ : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୦୮/୦୫**

ସୁପ୍ରିମକୋର୍ଟଙ୍କ ବଡ଼ ରାୟ। ଦୀର୍ଘ ଦିନ ଯାଏଁ ଲିଭ୍-ଇନ୍-ରିଲେସନସିପ୍‌ରେ ଥିଲେ ମହିଳା ବନ୍ଧୁ କରିପାରିବେନି ଦୁଷ୍କର୍ମ ଅଭିଯୋଗ। ମହିଳା ଜଣଙ୍କ ଦୁଷ୍କର୍ମ ଅଭିଯୋଗ ଆଣିଲେ ତାହାକୁ ଗ୍ରହଣ କରାଯିବ ନାହିଁ। ଜଷ୍ଟିସ୍ ସଞ୍ଜୟ କରୋଲ ଏବଂ ଜଷ୍ଟିସ୍ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି। ବାର୍ ଆଣ୍ଡ୍ ବେଞ୍ଚର ରିପୋର୍ଟ ଅନୁଯାୟୀ, ଯଦି ଦୁଇ ପ୍ରାପ୍ତ ବୟସ୍କ ବ୍ୟକ୍ତି ଦୀର୍ଘ ଦିନ ଯାଏଁ ଲିଭ୍-ଇନ୍-ରିଲେସନସିପ୍‌ରେ ରୁହନ୍ତି ତେବେ ସେମାନେ ସ୍ୱଇଚ୍ଛାରେ ଆପୋସ ସହମତିରେ ସମ୍ବନ୍ଧ ରଖୁଛନ୍ତି। ଏହାର ଅର୍ଥ ନୁହେଁ ଯେ କେବଳ ବିବାହ



ପ୍ରତିଶ୍ରୁତି ଯୋଗୁଁ ମହିଳା ଜଣଙ୍କ ଶାରିରୀକ ସମ୍ବନ୍ଧ ରଖୁଛନ୍ତି। ଦୁଇ ପକ୍ଷ ଆଗକୁ ବିବାହ କରିବାକୁ ଇଚ୍ଛା ରଖି ଲିଭ୍-ଇନ୍-ରିଲେସନସିପ୍‌ରେ ରହି ପାରନ୍ତି। କିନ୍ତୁ ଏହାର ଅର୍ଥ ନୁହେଁ ଯେ, କେବଳ ବିବାହ ପ୍ରତିଶ୍ରୁତି ଯୋଗୁଁ ମହିଳା ଜଣଙ୍କ ସମ୍ପର୍କରେ ରହୁଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, କିଛି ଦଶକ ମଧ୍ୟରେ ସମାଜରେ ବହୁ ପରିବର୍ତ୍ତନ ଆସିଛି। ଏବେ ଅଧିକାଂଶ ମହିଳା ଆର୍ଥିକ ରୂପରେ ସ୍ୱାଧୀନ। ନିଜେ ନିଜର ନିଷ୍ପତ୍ତି ନେଇ ପାରୁଛନ୍ତି। ଏଥିପାଇଁ ଲିଭ୍-ଇନ୍-ରିଲେସନସିପ୍ ସଂଖ୍ୟା ବୃଦ୍ଧି ପାଉଛି। ତେଣୁ ଏଭଳି ମାମଲାରେ କୋର୍ଟ ଦୃଷ୍ଟିକୋଣ ବଦଳାଇବା ଉଚିତ୍। ସମ୍ପର୍କ କେତେ ଦିନର ଏବଂ ସମ୍ପର୍କରେ ଦୁଇହିଁଙ୍କର ଆଚରଣ କିଭଳି ଥିଲା ତାକୁ ଦୃଷ୍ଟିରେ ରଖି ବିଚାର କରିବା ଉଚିତ୍। ସୂଚନା ଥାଉକି, ରବିଶ ସିଂହ ରାଣା ନାମକ ଜଣେ ଯୁବକଙ୍କ ବିରୋଧରେ ତାଙ୍କର ମହିଳା ବନ୍ଧୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା, ଦୁଷ୍କର୍ମ ଏବଂ ମାରପିଟ୍ ଅଭିଯୋଗ ଆଣିଥିଲେ। ସୁପ୍ରିମକୋର୍ଟ ଏହି ଅଭିଯୋଗକୁ ଖାରଜ କରି ଦେଇଛନ୍ତି।

# ହାଇକୋର୍ଟରେ ପାଠାଗାର ଅଧିନିୟମ କାର୍ଯ୍ୟକାରୀ ମାମଲା: ଜବାବ ଦାଖଲ ପାଇଁ ସମୟ ଲୋଡ଼ିଲେ ରାଜ୍ୟ ସରକାର

**କଟକ, ୮/୫ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସାର୍ବଜନୀନ ପାଠାଗାର ଅଧିନିୟମ, ୨୦୦୧ ଓ ଏ ସମ୍ପର୍କିତ ନିୟମାବଳୀ କାର୍ଯ୍ୟକାରୀ ପ୍ରସଙ୍ଗ ନେଇ ଦାଏର ଜନସ୍ୱାର୍ଥ ମାମଲାରେ ଜବାବ ରଖିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଅଧିକ ସମୟ ଲୋଡ଼ା ଯାଇଛି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ସମୟରେ ଏପ୍ରିଲ ୫ର ନିର୍ଦ୍ଦେଶ ପାଳନ କରି ଜବାବ ଦାଖଲ କରିବାକୁ ରାଜ୍ୟ ସରକାରଙ୍କ ତରଫରୁ ଅଧିକ ସମୟ ପ୍ରଦାନ ପାଇଁ ନିବେଦନ



କରାଯାଇଥିଲା। ପରବର୍ତ୍ତୀ ଶୁଣାଣି ପୂର୍ବରୁ ମାମଲାରେ ଜବାବ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜୁନ୍ ୧୮କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି। ଓଡ଼ିଶା ସାର୍ବଜନୀନ ପାଠାଗାର ଅଧିନିୟମ, ୨୦୦୧ ପ୍ରଣିତ ହେବାର ବହୁବର୍ଷ ପରେ ଓଡ଼ିଶା ସାର୍ବଜନୀନ ପାଠାଗାର ନିୟମାବଳୀ, ୨୦୧୬ ପ୍ରଣୟନ ହୋଇଥିଲା। ୨୦୨୩ ଅକ୍ଟୋବର ମାସରେ ଓଡ଼ିଶା ପାଠାଗାର ନିର୍ଦ୍ଦେଶକ ନିଯୁକ୍ତି ପାଇଁ ସରକାର ପଦକ୍ଷେପ ନେଲେ। କିନ୍ତୁ ଅଧିନିୟମର ଅନ୍ୟ ବ୍ୟବସ୍ଥା ଗୁଡ଼ିକ କାର୍ଯ୍ୟକାରୀ କରିବାରେ ଅବହେଳା କରାଯାଇଛି ବୋଲି ଦର୍ଶାଇ ଏହି ଜନସ୍ୱାର୍ଥ ମାମଲା ଦାଏର କରାଯାଇଛି। ଏପ୍ରିଲ ୫ରେ ହାଇକୋର୍ଟ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ।


## ଏବେ ବଜାରରେ ଉପଲବ୍ଧ

## 'କଥାକଳିକା'ର ମେ'-୨୦୨୫ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଭାସ୍କର ଜେନା

**ସମକାଳର କଥା :** ରୁମ୍‌ଝୁମ୍ ନାୟକ, ପ୍ରଣିତା ରାଣୀ ବେହେରା, ସୁଷମା ପରିଜା, ଚକ୍ରଧର ସାହୁ, ସୁକାନ୍ତି ରାଉତ, ସଚ୍ଚିଦାନନ୍ଦ କର, ଆନନ୍ଦ କୁମାର ମାଇତି, କାଳିକିଙ୍କର, ପଦ୍ମାଳୟା ପାଢ଼ୀ।

**ଅନ୍ୟ ଭାଷାର କଥା :** ନଗେନ୍ଦ୍ର ନାଥ ପଟ୍ଟନାୟକ।

**ଯୁବ ମାନସର କଥା :** ସ୍ନିଗ୍ଧା ନାୟକ, ଚନ୍ଦ୍ରକଳା ନାୟକ, ସଂଯୁକ୍ତା ତ୍ରିପାଠୀ, ଅଶୋକ କୁମାର ମିଶ୍ର, ସୁନନ୍ଦା ମହାନ୍ତି।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


## ୧୨ରେ ଶପଥ ନେବେ ବିଚାରପତି ଦୀକ୍ଷିତ

**କଟକ, ୮/୫ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଜଷ୍ଟିସ୍ କୃଷ୍ଣ ଶ୍ରୀପାଦ ଦୀକ୍ଷିତ ଆସନ୍ତା ୧୨ ତାରିଖ ସୋମବାର ଶପଥ ନେବେ। ଜଷ୍ଟିସ୍ ଦୀକ୍ଷିତଙ୍କ ଯୋଗଦାନ ପରେ ଓଡ଼ିଶା ହାଇକୋର୍ଟର ବିଚାରପତିଙ୍କ ସଂଖ୍ୟା ୧୯ରେ ପହଞ୍ଚିବ। ଗତ ମାସ ୧୫ ଓ ୧୯ରେ ଅନୁଷ୍ଠିତ କଲେଜିୟମ ବୈଠକରେ ଜଷ୍ଟିସ୍ କୃଷ୍ଣ ଶ୍ରୀପାଦ ଦୀକ୍ଷିତଙ୍କ ସହ ମୋଟ ୭ ଜଣ ବିଚାରପତିଙ୍କୁ ବିଭିନ୍ନ ହାଇକୋର୍ଟକୁ ବଦଳି ପାଇଁ ସୁପାରିସ୍ କରାଯାଇଥିଲା। ଏହି ସୁପାରିସକୁ କେନ୍ଦ୍ର ସରକାର ଗତ ୨ ତାରିଖରେ ଅନୁମୋଦନ କରିଥିଲେ। ଜଷ୍ଟିସ୍ ଦୀକ୍ଷିତ ୨୦୧୮ ମସିହା ଫେବୃୟାରୀ ୧୪ରେ କର୍ଣ୍ଣାଟକ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ। ୨୦୨୦ ଜାନୁଆରୀ ୭ରେ ସେ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ପାଇ କାର୍ଯ୍ୟ କରିଆସୁଛନ୍ତି।




# ଆତଙ୍କୀ ହମଲାରୁ ସୂତ୍ରପାତ ହେବ ପରାମାଣୁ ଯୁଦ୍ଧ : ପ୍ରାଣ ହରାଇବେ ୫ ରୁ ୧୨ କୋଟି ଲୋକ

**ନୂଆଦିଲ୍ଲୀ, ୦୮/୦୫**

ପହଲଗାମ୍ ହମ୍‌ଲାର ଭାରତ ପ୍ରତିଶୋଧ ନେବା ପରେ ପାକିସ୍ତାନକୁ ଶକ୍ତ ଧକ୍କା ଲାଗିଛି । ପାକ୍ ଏହାର ଜବାବ ଦେବାକୁ ଯାଇ ବଡ଼ ଆକ୍ରମଣ କରିବା ଆଶଙ୍କା ଉପୁଜିଛି । ଏଭଳି ଘଟଣା ମଧ୍ୟରେ ଏବେ ପରମାଣୁ ଯୁଦ୍ଧ ଭୟ ଘାରିବା ଆରମ୍ଭ କଲାଣି । ୨୦୧୯ରେ ହୋଇଥିବା ଅଧ୍ୟୟନରେ ଏହି ପୂର୍ବାନୁମାନ କରାଯାଇଥିଲା । ୨୦୨୫ରେ ହିଁ ଭାରତ ଓ ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧ ହେବ ବୋଲି ଏଥିରେ ଆକଳନ ହୋଇଥିଲା । ୨୦୧୯ରେ ବ୍ରିଟେନର ପ୍ରମୁଖ ଗଣମାଧ୍ୟମ ସଂସ୍ଥା 'ରତ୍‌ଲେଜ୍' ଏହି ପୂର୍ବାନୁମାନ କରିଥିଲା । ସେତେବେଳେ ଏହାକୁ ଗୁରୁତ୍ୱ ଦିଆଯାଇ ନ ଥିଲା । କିନ୍ତୁ ବର୍ତ୍ତମାନ ଉପୁଜିଥିବା ସ୍ଥିତିରୁ ଉକ୍ତ ରିପୋର୍ଟ ସତ ହେବା ଭୟ ଘାରିଛି । ଦୁଇଦେଶ ମଧ୍ୟରେ ପରମାଣୁ ଯୁଦ୍ଧର କିଭଳି ସୂତ୍ରପାତ ହେବ, ତାହା ଗବେଷକମାନେ ସମ୍ଭାବ୍ୟ ଘଟଣାକ୍ରମ ବାବଦରେ ଉଲ୍ଲେଖ କରିଛନ୍ତି । ସେମାନଙ୍କ ମତରେ ପ୍ରଥମେ ଭାରତର ସଂସଦ ଉପରେ ବଡ଼ଧରଣ ଆତଙ୍କବାଦୀ ଆକ୍ରମଣ ହେବ । ଏହାପରେ ଜବାବ ଦେବାକୁ ଯାଇ ଭାରତ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ଏହାର ସୈନ୍ୟ ସଂଖ୍ୟା ବଢ଼ାଇବ । ପାକିସ୍ତାନ ମଧ୍ୟ ଅନୁରୂପ ପଦକ୍ଷେପ ନେବ । ମୁହାଁମୁହିଁ ସଂଘର୍ଷରେ ଉଭୟ ପଟୁ ସୈନ୍ୟ ପ୍ରାଣ ହରାଇବେ, ଯାହା ଉଭୟ ପକ୍ଷକୁ ବଡ଼ ଯୁଦ୍ଧ ଆଡ଼କୁ ଟାଣିନେବ । ୨୦୦୨ରେ ଏହିଭଳି ଘଟିଥିଲା । ଭାରତୀୟ ସେନା ଆକ୍ରମଣକୁ ବ୍ୟାପକ କରି ପାକିସ୍ତାନ ଅଞ୍ଚଳକୁ ମାଡ଼ିଯିବା ପରେ ପାକିସ୍ତାନର ଜେନେରାଲମାନେ ପାରମ୍ପରିକ ପରାଜୟ ଭୟରେ ପରମାଣୁ ଆକ୍ରମଣକୁ ଶେଷ ପନ୍ଥା ବାଛିନେବେ। ପ୍ରଥମ ଦିନରେ ପାକିସ୍ତାନ ନିଜ ସୀମା ଭିତରେ ରହି ଭାରତୀୟ ଟ୍ୟାଙ୍କଗୁଡ଼ିକୁ ଲକ୍ଷ୍ୟ କରି ୧୦ଟି ପରମାଣୁ ବୋମା



(ପ୍ରତ୍ୟେକର ଓଜନ ୫ କିଲୋ ଟନ୍) ମାଡ଼ କରିବେ ବୋଲି ରିପୋର୍ଟରେ ଅନୁମାନ କରାଯାଇଛି ।

ସେହିଭଳି ଦ୍ୱିତୀୟ ଦିନରେ ପାକିସ୍ତାନ ଆଉ ୧୫ଟି ପରମାଣୁ ବୋମା ଛାଡ଼ିବ। ଜବାବରେ ଭାରତ ପାକିସ୍ତାନୀ ସେନା ଘାଟି ଓ ଆଣବିକ ଡିପୋକୁ ଟାର୍ଗେଟ୍ କରି ଏକାବେଳକେ ୨୦ଟି ରଣନୀତିକ ପରମାଣୁ ବୋମା ମାଡ଼ କରିବ । ଏହି ହମଲା ଏତେ ପ୍ରଚଣ୍ଡ ହେବ ଯେ ପ୍ରଚୁର ମାତ୍ରାର ନିଆଁ ଓ ଧୂଆଁରେ ପାକିସ୍ତାନ ଅଣନିଃଶ୍ୱାସୀ ହୋଇପଡ଼ିବ । ହିରୋସୀମା ଉପରେ ପରମାଣୁ ବୋମା ପଡ଼ିବା ବେଳେ ଯାହା ଘଟିଥିଲା କିମ୍ବା ୧୯୦୬ରେ ସାନ୍ ଫ୍ରାନ୍‌ସିସ୍କୋ ଭୂକମ୍ପରେ ଯେଉଁ ସ୍ଥିତି ଉପୁଜିଥିଲା, ସେହିଭଳି ଦୃଶ୍ୟ ଦେଖିବାକୁ ମିଳିବ । ଏତିକିରେ ଭାରତ ଶାନ୍ତ ପଡ଼ିବ ନାହିଁ ବରଂ ତୃତୀୟ ଦିନରେ ପୁଣି ଏହା ପରମାଣୁ ବୋମା ଫିଙ୍ଗିଚାଲିବ । ପାକିସ୍ତାନ ଆହୁରି ଉଗ୍ର ହୋଇ ଭାରତର ସ୍ଥଳ, ନୌସେନା ଘାଟି, ସହରୀ ଏୟାରଫିଲ୍ଡ ଉପରେ ୩୦ଟି ବୋମା ମାଡ଼ କରିବ । ଏଥିସହ ଆଉ ୧୫ଟି ଟାକ୍ଟିକାଲ ଷ୍ଟ୍ରାଇକ୍ ବି କରିବ ପାକିସ୍ତାନ ।

ଅନ୍ୟପକ୍ଷରେ ପାକିସ୍ତାନର ସହର ଗୁଡ଼ିକରେ ଥିବା ୧୦ଟି ସାମରିକ ଘାଟି ଉପରେ ଭାରତ ପରମାଣୁ ଆକ୍ରମଣ କରିବ । ଦୁଇଦେଶ ମଧ୍ୟରେ ଏହି ଆକ୍ରମଣ ଆହୁରି ଭୟାବହ ହୋଇଚାଲିବ । ପରବର୍ତ୍ତୀ ୩ ଦିନରେ ପାକିସ୍ତାନ ଏହାର ସମସ୍ତ ବଳକା ପରମାଣୁ ବୋମାକୁ ଭାରତୀୟ ସହରଗୁଡ଼ିକ ଉପରେ ପକାଇଦେବ । ଭାରତ ବି ଏଥିରେ ହାର ମାନିଯିବ ନାହିଁ। ଜବାବରେ ଏହା ନିଜ ପାଖରେ ୧୦୦ଟି ପରମାଣୁ ଚୀନ୍ ପାଇଁ ରଖି ବାକି ପ୍ରାୟ ୭୦ଟିକୁ ପାକିସ୍ତାନ ଉପରେ ପକାଇଦେବ ।

ଏହି ଗବେଷଣା ରିପୋର୍ଟରେ କୁହାଯାଇଛି ଯେ ଦୁଇଦେଶ ପାଖରେ ୨୫୦ଟି ଲେଖାଏଁ ପରମାଣୁ ବୋମା ଥିବାରୁ ଏହାର ବ୍ୟବହାର ସାଙ୍ଘାତିକ ବିପର୍ଯ୍ୟୟ ସୃଷ୍ଟି କରିବ । ଏହାଯୋଗୁ ୫ କୋଟିରୁ ୧୨.୫ କୋଟି ଲୋକ ପ୍ରାଣ ହରାଇବେ । ଭାରତ ଓ ପାକିସ୍ତାନର ପ୍ରମୁଖ ସହରଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ପାଇଯିବ । ସ୍ୱାସ୍ଥ୍ୟ, ପରିବହନ, ଶକ୍ତି ଭିତ୍ତିଭୂମି ବରବାଦ ହୋଇଯିବ। ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବ। ଯାହାକୁ ଭରଣା କରିବାକୁ ବର୍ଷ ବର୍ଷ ଲାଗିଯିବ । ଦୁଇଦେଶର ଦୁର୍ଦ୍ଦଶା ଏତିକିରେ ଶେଷ ହୋଇଯିବ ନାହିଁ । ପରମାଣୁ ଯୁଦ୍ଧରେ ସୃଷ୍ଟ ଧୂଆଁ ଓ ନିଆଁ ଯୋଗୁ ପାଣିପାଗ ଉପରେ ଭୟଙ୍କର ପ୍ରଭାବ ପଡ଼ିବ । ଯାହା ସମଗ୍ର ପୃଥିବୀକୁ ପ୍ରଭାବିତ କରିବ। ଦୁର୍ଭିକ୍ଷ ଦେଖାଦେବ । କୋଟି କୋଟି ଲୋକ ଭୋକ ଉପାସରେ ଛଟପଟ ହେବେ। ସାମଗ୍ରିକ ଭାବେ ବିଶ୍ୱ ଉପରେ ଏହାର ଗୁରୁତର ପ୍ରଭାବ ପଡ଼ିବ ବୋଲି ଅଧ୍ୟୟନ ରିପୋର୍ଟରେ ଆଶଙ୍କା ପ୍ରକାଶ ପାଇଛି ।